**ମକର** – କର୍ମାଧିପଙ୍କ ଶୁଭତ୍ୱ କାରଣରୁ ପ୍ରତିବନ୍ଧକ ଦୂରେଇଯିବ। ପିଲାଙ୍କ ସ୍ୱାସ୍ଥ୍ୟ ଏବଂ ଉଚ୍ଚଶିକ୍ଷାରେ ସମସ୍ୟାଜନିତ ବ୍ୟସ୍ତତା ପ୍ରକାଶ କରିପାରନ୍ତି। ସାଧାରଣ କଥାରେ ସହକର୍ମୀଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିବେ। ବିବାଦୀୟ କ୍ଷେତ୍ରରେ ସମସ୍ୟା ସମାଧାନରେ ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ।

**କୁମ୍ଭ** – ରାଶିରେ ଗ୍ରହମାନଙ୍କ ସୁପ୍ରଭାବରେ ବିବାଦରେ ଜୟଲାଭ ସହ ପ୍ରତ୍ୟେକ କାମରେ ସଫଳତା ହାସଲ କରିପାରିବେ। ଅତ୍ୟାବଶ୍ୟକ ଜିନିଷଟି ପାଖରେ ନ ଥିବାରୁ କାମ ସ୍ଥଗିତ ରହିଯିବ। ପାରିବାରିକ କ୍ଷେତ୍ର ବୁଝାମଣା ମାଧ୍ୟମରେ ଶୃଙ୍ଖଳିତ ରହିବା ଯୋଗୁ ଶାନ୍ତି ପାଇବେ। ପୂର୍ବଶତ୍ରୁତାରୁ ଆତ୍ମୀୟମାନେ ଅପପ୍ରଚାର ଚଳାଇପାରନ୍ତି।

**ମୀନ** – ରାଶିସ୍ଥ ପାପଗ୍ରହଙ୍କ କୁପ୍ରଭାବରୁ ବିଶେଷ କାମଟିରେ ଅବହେଳା କରି ଅନୁତାପ କରିପାରନ୍ତି। ଆଜିର କର୍ମକ୍ଷେତ୍ରରେ ବନ୍ଧୁଙ୍କ ସହ ଆଳାପର ସମୟ କଟିଯିବ। ବନ୍ଧୁଙ୍କ ପରାମର୍ଶରେ ଉଚ୍ଚଶିକ୍ଷା ଲାଗି ବିଦେଶ ଯାତ୍ରା ସକାଶେ ଅନୁକୂଳ ବାତାବରଣ ସୃଷ୍ଟି ହେବ। ଆନୁଷ୍ଠାନିକ କାମରେ ବନ୍ଧୁଙ୍କ ସହଯୋଗ ପାଇବାରେ ସମସ୍ୟା ଦେଖାଦେଇପାରେ।

ଆଜି ମାର୍ଚ୍ଚ ୨୬ ତାରିଖ ଗୁରୁବାର। ଅଶୋକାଷ୍ଟମୀ, ଶ୍ରୀମନ୍ଦିରରେ ଗର୍ଭୋଦକ ବନ୍ଦାପନା ଓ ଜେଉଟ ଭୋଗ, ଶ୍ରୀଲିଙ୍ଗରାଜଦେବଙ୍କ ରୁକୁଣା ରଥଯାତ୍ରା, ବାସନ୍ତିକ ମୃଣ୍ମୟୀଦେବୀଙ୍କ ମହାଷ୍ଟମୀ ପୂଜା, ଗୃହଦେବୀଙ୍କ ମହାନବମୀ ପୂଜା, ପୀଠେ ମହାନବମୀ ପୂଜା। ରାଶିନକ୍ଷତ୍ର-ଆର୍ଦ୍ରା/ମିଥୁନ, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫।୪୯ ଗତେ ଘ.୦୭।୨୬ ମଧ୍ୟେ, ଘ.୧୦।୩୯ ଗତେ ଘ.୦୧।୦୫ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଅପରାହ୍ନ ଘ.୦୧।୨୩ ଗତେ ଘ.୦୨।୫୪ ମଧ୍ୟେ ରାହୁକାଳ ।

**ବଜ୍ରପାତ: ଜଣେ ମୃତ, ଜଣେ ବଧିର**

ନୀଳଗିରି,(ପ୍ରଶାନ୍ତ ବିଶ୍ୱାଳ): ବାଲେଶ୍ୱର ଜିଲା ନୀଳଗିରି ଅଞ୍ଚଳରେ ବୁଧବାର ଅପରାହ୍ନ ସମୟରେ ବିଜୁଳି ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହୋଇଥିଲା। ବଜ୍ରପାତରେ ଜଣକର ମୃତ୍ୟୁ ହୋଇଥିବା ବେଳେ ଜଣେ ବଧିର ହୋଇଥିବା ଜଣାପଡ଼ିଛି। ନୀଳଗିରି ଏନ୍‌ଏସି ୧ ନମ୍ବର ୱାର୍ଡ ଘାଟଘରସାହି ଗ୍ରାମର ଗଣେଶ୍ୱର ବେହେରା (୪୦) ତାହିସାହି ବିଶ୍ୱାଳସାହିରେ ଜଣଙ୍କ ଘରେ ଛାତ ପକାଇ ଜରି ଢାଙ୍କୁଥିଲେ। ହଠାତ୍ ପ୍ରବଳ ବିଜୁଳି ସହ ବଜ୍ରପାତ ହେବାରୁ ଗଣେଶ୍ୱରଙ୍କ ମୃତ୍ୟୁ ଘଟିଥିଲା। ସେହିପରି ସିଆଡ଼ିମାଳ ଗ୍ରାମର ବାବୁ ଦାସ ମଧ୍ୟ ବଧିର ହୋଇଥିବା ବେଳେ ଡାହାଣ କାନକୁ କିଛି ଶୁଭୁ ନ ଥିବା ଜଣାପଡ଼ିଛି। ତୁରନ୍ତ ଦୁଇଜଣଙ୍କୁ ନୀଳଗିରି ମେଡିକାଲକୁ ଅଣାଯାଇଥିଲା। ଗଣେଶ୍ୱରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।




# ୧୨ ଘଣ୍ଟିଆ ମାଲକାନଗିରି ଜିଲା ବନ୍ଦ

## ମଣ୍ଡି ସମସ୍ୟା ନେଇ ତାତିଲା କଂଗ୍ରେସ

ମାଲକାନଗିରି,୨୫।୩ (ଦୁର୍ଯ୍ୟୋଧନ ପାତ୍ର)


ବନ୍ଦ ପାଳନ ଯୋଗୁ ମାଲକାନଗିରି ମୁଖ୍ୟ ରାସ୍ତା ଶୂନଶାନ।

ଧାନ ମଣ୍ଡିରେ ଅବ୍ୟବସ୍ଥା ସହ ୪ ଦଫା ଦାବି ନେଇ ଜିଲା କଂଗ୍ରେସ କମିଟି ତରଫରୁ ବୁଧବାର ୧୨ ଘଣ୍ଟିଆ ମାଲକାନଗିରି ଜିଲା ବନ୍ଦ ପାଳନ କରାଯାଇଛି। ବୁଧବାର ସକାଳୁ ସମସ୍ତ ସ୍କୁଲ, କଲେଜ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ଦୋକାନ ବଜାର ଓ ଗାଡ଼ି ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। କାଲିମେଲା ମୁଖ୍ୟ ବଜାର ଦେଇ ରାଞ୍ଚି-ବିଜୟୱାଡା ୩୨୬ ନଂ. ଜାତୀୟ ରାଜପଥ ଯାଇଥିବା ବେଳେ ଆନ୍ଧ୍ର ଓ ତେଲଙ୍ଗାନାରୁ ଆସୁଥିବା ଅନେକ ବସ୍ ଓ ଟ୍ରକ୍ ଉଭୟ ପଟେ ଅଟକି ରହିଥିବା ଦେଖିବାକୁ ମିଳିଥିଲା। ସେହିପରି ବନ୍ଦ ପାଳନ ଯୋଗୁ ଅନ୍ତଃରାଜ୍ୟ ଯୋଗାଯୋଗ ଠପ୍‌ହେବା ସହ ଏମ୍‌ଭି ୭୯, ମୋଟୁ ଏବଂ ପଡିଆ ବ୍ଲକକୁ ମଧ୍ୟ ଯୋଗାଯୋଗ ବାଧାପ୍ରାପ୍ତ ହୋଇଥିଲା। ଫଳରେ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଜିଲା ସଦର ମହକୁମା ସହ ସମସ୍ତ ବ୍ଲକରେ ବନ୍ଦ ପାଳନର ପ୍ରଭାବ ଦେଖିବାକୁ ମିଳିଛି।

ସମସ୍ତ ମଣ୍ଡିରୁ ଧାନ ଉଠାଇବା, ଅଖା ବସ୍ତା ଟଙ୍କା ଫେରସ୍ତ କରିବା, ଖାଉଟିମାନଙ୍କୁ ଠିକ୍ ସମୟରେ ଗ୍ୟାସ୍ ସିଲିଣ୍ଡର ଯୋଗାଇଦେବା ସହ କାଳବୈଶାଖୀରେ ନଷ୍ଟ ହୋଇଥିବା ଧାନର କ୍ଷତିପୂରଣ ଦେବା ପରି ୪ ଦଫା ଦାବିରେ କଂଗ୍ରେସ ତରଫରୁ ଏହି ବନ୍ଦ ପାଳନ କରାଯାଇଥିଲା। ଚାଷୀଙ୍କ ଅଭିଯୋଗ ଅନୁଯାୟୀ, ଧାନମଣ୍ଡି ଆରମ୍ଭ ହେବାର ୩ ମାସ ପରେ ବି ବହୁ ଚାଷୀଙ୍କ ଧାନ ବିକ୍ରି ହୋଇ ନ ପାରି ମଣ୍ଡିରେ ପଡିରହିଛି। ଏହାବ୍ୟତୀତ ବହୁ ଚାଷୀଙ୍କ ଟୋକନ ଆସିଥିବା ସତ୍ତ୍ୱେ ସରକାର ଧାନ ଖରିଦ କରି ନ ଥିବାରୁ ଉକ୍ତ ଟୋକନର ସମୟସୀମା ମଧ୍ୟ ସରିଗଲାଣି। ଫଳରେ ଚାଷୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ଏବେ ଅଦିନିଆ ବର୍ଷା ଯୋଗୁ ବହୁ ଚାଷୀଙ୍କ ଧାନ ନଷ୍ଟହେବାରେ ଲାଗିଛି। ତେଣୁ ଚାଷୀଙ୍କୁ ଅଦିନିଆ ବର୍ଷାଜନିତ କ୍ଷୟକ୍ଷତି ପ୍ରଦାନ କରାଯାଉ, ମଣ୍ଡିରୁ ସମସ୍ତ ଧାନ ଖରିଦ କରାଯାଉ ଏବଂ ୩ ବର୍ଷର ଖାଲିବସ୍ତା ବାବଦକୁ ବକେୟା ଟଙ୍କା ଯୋଗାଇଦେବାକୁ ଦାବି ହୋଇଛି। ଅନ୍ୟପକ୍ଷେ ଏବେ ଜିଲାରେ ପେଟ୍ରୋଲ, ଗ୍ୟାସ୍ ସିଲିଣ୍ଡରର ଅଭାବ ଦେଖିବାକୁ ମିଳିଛି। ଫଳରେ ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ତୁରନ୍ତ ପର୍ଯ୍ୟାପ୍ତ ପରିମାଣର ପେଟ୍ରୋଲ ଓ ଗ୍ୟାସ୍ ସିଲିଣ୍ଡର ଯୋଗାଇ ଦିଆଯିବାକୁ ଦାବି ହୋଇଛି। ଏହି ବନ୍ଦ ପାଳନରେ ଜିଲା କଂଗ୍ରେସ କମିଟି ସଭାପତି ଜି. ଶ୍ରୀନିବାସ ରାଓ, ପୂର୍ବତନ ସଭାପତି ଗୋବିନ୍ଦ ପାତ୍ର, କଂଗ୍ରେସ ବରିଷ୍ଠ କର୍ମୀ ପ୍ରଭାକର ପାଳ, ପି. କେଶୁ ରାଓ, ପର୍ଶୁରାମ ଭକ୍ତ, ପ୍ରାଣକୃଷ୍ଣ ମଣ୍ଡଳଙ୍କ ସହ ବହୁ କର୍ମକର୍ତ୍ତା ସାମିଲ ହୋଇଥିଲେ। ସୁରକ୍ଷା ଦୃଷ୍ଟିରୁ ବିଭିନ୍ନ ସ୍ଥାନରେ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ।

# ମହିଳା ବିରୋଧୀ ଦଣ୍ଡବିଧାନ ହାରରେ ଓଡ଼ିଶା ଅଗ୍ରଣୀ: ମୁଖ୍ୟମନ୍ତ୍ରୀ

## 'ସୁଧୁରିଯାଅ, ନଚେତ୍ ସୁଧାରିଦେବୁ'

ଭୁବନେଶ୍ୱର,୨୫।୩(ରବିନାରାୟଣ ଜେନା)

ରାଜ୍ୟରେ ମହିଳା ହିଂସାକୁ ନେଇ ନମ୍ବର ଗେମ୍ ଖେଳିବାକୁ ଚାହୁଁନାହିଁ। କିନ୍ତୁ ବିରୋଧୀଙ୍କ ଅପ୍ରଚାରର ଉତ୍ତର ଦେବାକୁ ପଡ଼ିବ। ରାଜ୍ୟରେ ମହିଳା ବିରୋଧୀ ହିଂସା ପୂର୍ବାପେକ୍ଷା ହ୍ରାସ ପାଇଛି ଏବଂ ଦଣ୍ଡବିଧାନ କ୍ଷେତ୍ରରେ ଦେଶରେ ଓଡ଼ିଶାର ହାର ସବୁଠୁ ଅଧିକ ରହିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୃହରେ କହିଛନ୍ତି।

ବୁଧବାର ଅପରାହ୍ନରେ ଗୃହ ବିଭାଗର ଖର୍ଚ୍ଚ ଦାବି ଆଲୋଚନା କାଳରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ୨୦୨୨ରେ ମହିଳା ହିଂସା ବିରୋଧରେ ଦଣ୍ଡବିଧାନ ହାର ମାତ୍ର ୯.୨ପ୍ରତିଶତ ଥିଲା, ପରେ ଏହା ୨୦୨୩ରେ ୬.୭ ପ୍ରତିଶତକୁ ଖସିଥିଲା। ଏହି ସମୟ ମଧ୍ୟରେ ମହିଳା ହିଂସା ବିରୋଧରେ ଦଣ୍ଡ ବିଧାନ ହାର ସାରା ଦେଶରେ ଓଡ଼ିଶାର ସବୁଠାରୁ କମ୍ ଥିଲା। ସୁଶାସନର ଡିଣ୍ଡିମ ପିଟୁଥିବା ୨୪ ବର୍ଷୀୟ ସରକାର ମହିଳାଙ୍କୁ ନ୍ୟାୟ ଦେବାରେ ସମ୍ପୂର୍ଣ୍ଣ ଭାବେ ବିଫଳ ହୋଇଥିଲା। ମାତ୍ର ଆମ ସରକାର ସମୟ ୨୦୨୫ର ପ୍ରଥମ ୬ ମାସରେ ମହିଳା ହିଂସା ଅପରାଧୀଙ୍କ ବିରୋଧରେ ଦଣ୍ଡବିଧାନ ହାର ୪୧ ପ୍ରତିଶତ ହୋଇଛି। ଜୁନ୍ ମାସରେ ଏହା ୬୨ପ୍ରତିଶତକୁ ବୃଦ୍ଧି ପାଇଛି। ଏହି ଦଣ୍ଡବିଧାନ ହାର ସାରା ଦେଶରେ ସବୁଠାରୁ ଅଧିକ।

ମୁଖ୍ୟମନ୍ତ୍ରୀ ପୁଣି କହିଛନ୍ତି, ଆମ ସରକାର ଶାସନକୁ ଆସିବାର ୧୮ ମାସ ଅର୍ଥାତ୍ ୨୦୨୪ ଜୁଲାଇ ପହିଲାରୁ ୨୦୨୫ ଡିସେମ୍ବର ଶେଷସୁଦ୍ଧା ବଳାତ୍କାର ମାମଲା ୩.୫% ହ୍ରାସ ପାଇଛି। ସେହିପରି ମହିଳା ଅସଦାଚରଣ ମାମଲା ୨.୨% ହ୍ରାସ ପାଇଥିବାବେଳେ ସର୍ବସାଧାରଣରେ ନିବସ୍ତ୍ର ମାମଲା ୨୬.୮% ହ୍ରାସ ଘଟିଛି। ମହିଳାଙ୍କ ଉପରେ ଏସିଡ୍ ଆକ୍ରମଣ ମାମଲା ୭୩.୩% ହ୍ରାସ ପାଇଥିବାବେଳେ ଯୌତୁକଜନିତ ହତ୍ୟା ମାମଲା ୨୬.୧%, ଯୌତୁକ ନିର୍ଯାତନା ମାମଲା ୮.୩%, ଅଣଯୌତୁକ ନିର୍ଯାତନା ମାମଲା ୧.୬% ହ୍ରାସ ପାଇଛି। ସେହିଭଳି ହତ୍ୟା ମାମଲାରେ ୭.୪% ହ୍ରାସ ହୋଇଥିବାବେଳେ ୧୨.୮% ଡକାୟତି, ୩୪.୪% ଲୁଣ୍ଠନ, ୨୫.୭% ଦଙ୍ଗା ହ୍ରାସ ପାଇଛି। ନିକଟରେ ଓଡ଼ିଶା ପୋଲିସ ପକ୍ଷରୁ ଅପରେଶନ ଅନ୍ୱେଷଣ-୨ କରାଯାଇଥିଲା। ମାତ୍ର ୧୦ ଦିନ ମଧ୍ୟରେ ପରିବାରରୁ ବିଚ୍ଛିନ୍ନ ହୋଇଯାଇଥିବା ୫ ହଜାର ୪୫୧ ନିଖୋଜ ଶିଶୁ ଓ ମହିଳାଙ୍କୁ ସୁରକ୍ଷିତ ଭାବେ ଉଦ୍ଧାରକରି ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।


ବିଧାନସଭାରେ ବୁଧବାର ଅପରାହ୍ନରେ ଗୃହ ବିଭାଗର ଖର୍ଚ୍ଚ ଦାବି ଆଲୋଚନାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍‌ବୋଧନ।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ସ୍ୱାଧୀନତା ପରବର୍ତ୍ତୀ ଭାରତରେ ଦେଶ ପାଇଁ ସବୁଠାରୁ ବଡ଼ ଆନ୍ତରିକ ସୁରକ୍ଷା କ୍ଷେତ୍ରରେ ନକ୍ସଲ ଓ ମାଓବାଦୀ ହିଂସା ସବୁଠାରୁ ବଡ଼ ଆହ୍ୱାନ ଭାବେ ଉଭା ହୋଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟି ଯୋଗୁ ଭାରତ ମାଓବାଦୀମୁକ୍ତ ଦେଶରେ ପରିଣତ ହେବାକୁ ଯାଉଛି, ମାତ୍ର ଆଉ ସାତଦିନ ପରେ ଡବଲ-ଇଞ୍ଜିନ ସରକାର ଭାବେ ଓଡ଼ିଶା ବି ଏହି ଅଭିଯାନରେ ସାମିଲ ହୋଇଛି। ରାଜ୍ୟ ପୋଲିସ ଏବଂ କେନ୍ଦ୍ରୀୟ ସୁରକ୍ଷା ବଳର ମିଳିତ ପ୍ରୟାସରେ ଓଡ଼ିଶା ଖୁବ୍‌ଶୀଘ୍ର ଗୃହ ମନ୍ତ୍ରଣାଳୟର ମାଓବାଦୀ ତାଲିକାରୁ ବାଦ୍ ପଡ଼ିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ଶିଶୁ ଓ ମହିଳାଙ୍କ ପ୍ରତି ହେଉଥିବା ଅନଲାଇନ୍ ନିର୍ଯାତନାକୁ ପ୍ରତିହତ କରିବା ପାଇଁ ସାଇବର କମ୍ପ୍ଲେକ୍ସ ଭୁବନେଶ୍ୱରଠାରେ ଶିଶୁ ଓ ମହିଳା ଅନ୍‌ଲାଇନ ନିର୍ଯାତନା ମନିଟରିଂ ୟୁନିଟ୍ କାର୍ଯ୍ୟ କରୁଛି। ସାଇବର ସୁରକ୍ଷାକୁ ସୁଦୃଢ଼ କରିବା ଏବଂ ସଂଗଠିତ ସାଇବର ଅପରାଧ ନେଟ୍‌ୱର୍କକୁ ମୂଳପୋଛ କରିବା ଦିଗରେ ଓଡ଼ିଶା ପୋଲିସ ଏକ ବଡ଼ ପଦକ୍ଷେପ ଗ୍ରହଣ କରିଛି। ୧୩ ଫେବୃଆରୀ ୨୦୨୬ରୁ ୧୨ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ଏକ ସ୍ୱତନ୍ତ୍ର ଅଭିଯାନ 'ଅପରେଶନ ସାଇବର କବଚ' ଆରମ୍ଭ କରାଯାଇଥିଲା। ଏହି ଅଭିଯାନରେ ୩୯ ହଜାର ୭୧୪ଟି ସନ୍ଦେହଜନକ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ କରାଯାଇଛି। ୧,୪୨୨ଟି ନୂତନ ମାମଲା ପଞ୍ଜୀକୃତ କରାଯାଇଛି। ତନ୍ମଧ୍ୟରୁ ମ୍ୟୁଲ୍ ବ୍ୟାଙ୍କ ଆକାଉଣ୍ଟ ସମ୍ବନ୍ଧୀୟ ୧ ହଜାର ୩୧୫ ମାମଲା, ନକଲି ସିମ୍‌କାର୍ଡ ସମ୍ବନ୍ଧୀୟ ୨୪ ମାମଲା, ଏଟିଏମ୍ ଉଠାଣ ସମ୍ବନ୍ଧୀୟ ୩୬ ମାମଲା ଓ ଚେକ୍ ଉଠାଣ ସମ୍ବନ୍ଧୀୟ ୪୭ ମାମଲା ରୁଜୁ କରାଯାଇଛି। ଏହା ବ୍ୟତୀତ ସାଇବର ଠକେଇରେ ସମ୍ପୃକ୍ତ ଥିବା ସମୁଦାୟ ୩୭୯ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ତଦନ୍ତ ପ୍ରକ୍ରିୟାକୁ ଆଗକୁ କ୍ରିୟାଶୀଳ କରିବା ପାଇଁ ପ୍ରାୟ ୭ ହଜାର ୫୪୯ରୁ ଅଧିକ ଆକାଉଣ୍ଟଧାରୀ ଓ ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କୁ ଆଇନଗତ ନୋଟିସ ଜାରି କରାଯାଇଛି। ସାଇବର ଅପରାଧ ରୋକିବା ଦିଗରେ ସରକାରଙ୍କ ପକ୍ଷରୁ ସବୁପ୍ରକାର ଉଦ୍ୟମ ଜାରି ରହିଛି। ଜନସାଧାରଣ ସଚେତନ ହେଲେ ଏହାକୁ ରୋକାଯାଇପାରିବ। ଆମ ସରକାର ଆସିଲା ପରେ ଅପରାଧୀଙ୍କ ପ୍ରତି ପୂର୍ବ ସରକାର ସମୟରେ ଥିବା କୋହଳ ମନୋଭାବ, ପ୍ରେମ ଏବଂ ରାଜନୈତିକ ସୁରକ୍ଷାର ଏକ୍ସପାଏରି ହୋଇସାରିଛି। ଭାରତୀୟ ନ୍ୟାୟ ସଂହିତା କାର୍ଯ୍ୟକାରୀ ହେବା ପରଠାରୁ ୨୦୨୫ ପର୍ଯ୍ୟନ୍ତ ଓଡ଼ିଶାରେ ଦୋଷୀ ସାବ୍ୟସ୍ତ ହାର ୮୭.୬ପ୍ରତିଶତ ବୃଦ୍ଧି ପାଇଛି ।

ମୁଖ୍ୟମନ୍ତ୍ରୀ ଅପରାଧୀଙ୍କୁ ଚେତାବନୀ ଦେଇ କହିଛନ୍ତି, ସୁଧୁରି ଯାଅ, ନ ହେଲେ ସରକାର ଓ ପୋଲିସ ପ୍ରଶାସନ ସୁଧାରିବାକୁ ପ୍ରସ୍ତୁତ ଅଛନ୍ତି। ସରକାର ଏକ ଶାନ୍ତ, ଅପରାଧମୁକ୍ତ ଓଡ଼ିଶା ଗଠନ କରିବା ପାଇଁ ଯୋଜନା କରିଛନ୍ତି। ଏହାର ସଫଳ ରୂପାନ୍ତରୀକରଣ ନିମନ୍ତେ ୨୦୨୬-୨୭ ଆର୍ଥିକବର୍ଷ ନିମନ୍ତେ ଗୃହ ବିଭାଗ ପାଇଁ ୧୦ ହଜାର ୭୮୬ କୋଟି ୬୯ ଲକ୍ଷ ୬୦ ହଜାର ଟଙ୍କାର ବ୍ୟୟ ମଞ୍ଜୁରୀ ପ୍ରସ୍ତାବକୁ ସ୍ୱୀକୃତି ପ୍ରଦାନ କରିବା ଲାଗି ସମସ୍ତ ସଦସ୍ୟଙ୍କୁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଥିଲେ।



ଯେ ପର୍ଯ୍ୟନ୍ତ ତୁମେ ନିଜକୁ ଠିକ୍ ଉପଦେଶଟିଏ ଦେଇ ନ ପାରିଛ- ସେ ପର୍ଯ୍ୟନ୍ତ ତୁମେ ତାହା ଅନ୍ୟକୁ ଦେଇପାରିବ ନାହିଁ। ଯେଉଁ ଉପଦେଶଟି ତୁମେ ନିଜେ ପାଳି ନାହଁ- ତାକୁ ତୁମେ ଅନ୍ୟକୁ ପାଳିବା ପାଇଁ କହିପାରିବ ନାହିଁ। -ଶ୍ରୀମା

-ଅଶୋକାଷ୍ଟମୀ, ଲିଙ୍ଗରାଜ ଦେବଙ୍କ ରଥଯାତ୍ରା, ବାସନ୍ତିକ ଦୁର୍ଗାଦେବ୍ୟାଃ ମହାନବମୀ ପୂଜା ଓ ଶ୍ରୀମନ୍ଦିରରେ ଜେଉଟ ଭୋଗ

# ଅହିଂସା ଓ ଅସ୍ପୃଶ୍ୟତା



ଦେବଦତ୍ତ ପଟ୍ଟନାୟକ

ଅହିଂସାକୁ ହିନ୍ଦୁଧର୍ମରେ ଶ୍ରେଷ୍ଠ ସଦାଚାର ବା ଗୁଣ ବୋଲି ବିବେଚନା କରାଯାଏ। ଏହା ସଦାଚାରୀ ସନ୍ନ୍ୟାସୀ, ଦୟାଶୀଳ ଋଷି ତଥା ଶ୍ରେଷ୍ଠ ନୈତିକ ଜୀବନର ଭାବମୂର୍ତ୍ତିକୁ ପରିପ୍ରକାଶକରେ। କିନ୍ତୁ ଏହି ସକାରାତ୍ମକ ଭାବନା ପ୍ରଚ୍ଛଦରେ ବି ଅନେକ ସାମାଜିକ ବ୍ୟବସ୍ଥା ରହିଛି, ଯାହା ଅସ୍ପୃଶ୍ୟତାକୁ ଦୃଢ଼ କରିବା ପାଇଁ ଅନୁମତି ଦେଇଛି। ଲୋକେ ଅନେକ ସମୟରେ ଜାତି ଓ ଅସ୍ପୃଶ୍ୟତାକୁ ନେଇ ଦ୍ୱନ୍ଦ୍ୱରେ ପଡ଼ନ୍ତି। ଯେତେବେଳେ ସେମାନେ ସାମାଜିକ ସ୍ତରରେ ରହିଥିବା ଜାତି ସମ୍ପର୍କରେ କହନ୍ତି ସେତେବେଳେ ଉଚ୍ଚବର୍ଗ କଥା ହିଁ ବଖାଣିଥାନ୍ତି। ତେବେ ସମ୍ପ୍ରତି ଭାରତରେ ଅହିଂସାର ୨ ପ୍ରକାର ପ୍ରଭାବଶାଳୀ ରୂପ ରହିଛି। ପ୍ରଥମଟି ହେଉଛି ଗାନ୍ଧିଜୀଙ୍କ ଅହିଂସା, ଯାହା ରାଜନୈତିକ ରଣନୀତିର ମୂଳରେ ଅଛି। ଏହା ଅସ୍ତ୍ର ତ୍ୟାଗକରି ଅସହଯୋଗକୁ ପ୍ରୋତ୍ସାହିତ କରେ। ଏହା ଅନ୍ୟାୟକୁ ପ୍ରତିରୋଧ କରିବା ପାଇଁ ଶାରୀରିକ ଶକ୍ତି ବଦଳରେ ନୈତିକ ଚାପ ପ୍ରୟୋଗ କରିଥାଏ। ଏହି ପ୍ରକାର ଅହିଂସା ଭାରତର ସ୍ୱାଧୀନତା ସଂଗ୍ରାମରେ ପ୍ରମୁଖ ଭୂମିକା ନେଇଥିଲା। କିନ୍ତୁ ଏବେ ସନାତନୀ ହିନ୍ଦୁତ୍ୱବାଦୀ ଗୋଷ୍ଠୀ ଏହାକୁ ଅସ୍ୱୀକାର କରୁଛନ୍ତି। କାରଣ ସେମାନେ ବିଶ୍ୱାସ କରୁଛନ୍ତି, ଦେଶକୁ ସୁରକ୍ଷା ଦେବା ଏବଂ ଧର୍ମୀୟ ପରିଚୟକୁ ରକ୍ଷାକରିବା ପାଇଁ ହିଂସା ଆବଶ୍ୟକ। ସେମାନେ ଭାବନ୍ତି, ଅହିଂସା ହେଉଛି ଦୁର୍ବଳତା।

ଦ୍ୱିତୀୟ ପ୍ରକାର ଅହିଂସା ହେଉଛି ଆହାର ସମ୍ପର୍କିତ ଅହିଂସା। ଏହି ଅହିଂସା ବିଚାରରେ ମାଛ, ମାଂସ କିମ୍ବା ଅଣ୍ଡା ଖାଉଥିବା ଲୋକଙ୍କ ତୁଳନାରେ ଉଦ୍ଭିଦଜ ଖାଦ୍ୟାହାରୀ ବ୍ୟକ୍ତି ନୈତିକ ଦୃଷ୍ଟିରୁ ଶ୍ରେଷ୍ଠ। ଏହି ବିଶ୍ୱାସ ସାମାଜିକ ସ୍ତରରେ ଅତ୍ୟଧିକ ବଳବତ୍ତର ରହିଛି । ଦୈନନ୍ଦିନ ପରମ୍ପରା, ସଂସ୍ଥାଗତ ନିୟମ, ମନ୍ଦିର ନୀତିନିୟମ, କର୍ପୋରେଟ ସଂସ୍କୃତି ଏବଂ ରାଜନୈତିକ ପ୍ରତୀକାତ୍ମକ ସିଦ୍ଧାନ୍ତରେ ମଧ୍ୟ ଏହା ଦୃଢ଼ ରହିଆସିଛି। ଏହି ପ୍ରକାର ଅହିଂସା ଅସ୍ପୃଶ୍ୟତାର ଧାରଣା ଏବଂ ପବିତ୍ରତାର ସାମାଜିକ ଶ୍ରେଣୀବାଦକୁ ଆରମ୍ଭ କରିଛି। ଉଲ୍ଲେଖନୀୟ, ଆହାର ସମ୍ବନ୍ଧୀୟ ଅହିଂସାକୁ ଉଭୟ ଗାନ୍ଧିବାଦୀ ଏବଂ ସନାତନୀମାନେ ପାଳନ କରୁଛନ୍ତି। ଖାଦ୍ୟ ପ୍ରାଥମିକତା ଏବଂ ଖାଦ୍ୟ ପସନ୍ଦ ନାମରେ ଏହାକୁ ପାଳନ କରାଯାଉଛି।

ଶାକାହାରବାଦ ସମ୍ପୂର୍ଣ୍ଣ ଭାବେ ଜୈନ ସିଦ୍ଧାନ୍ତରୁ ଆସିଛି। ଏହା ସ୍ପଷ୍ଟକରେ ଯେ,ଉଦ୍ଭିଦ କୌଣସି ଯନ୍ତ୍ରଣା ଅନୁଭବ କରେନାହିଁ ଏବଂ ସେଥିପାଇଁ ଉଦ୍ଭିଦଜ ଖାଦ୍ୟ ଖାଇବା ହିଂସା ନୁହେଁ। କିନ୍ତୁ ଏହି ତର୍କ ବିଜ୍ଞାନ ଓ ବୈଦିକ ବ୍ୟାଖ୍ୟାନ ମଧ୍ୟରେ ବିରୋଧାଭାସ ସୃଷ୍ଟିକରେ। ଶତପଥ ବ୍ରାହ୍ମଣରେ କୁହାଯାଇଛି ଯେ, ଏପରିକି ଉଦ୍ଭିଦଜ ଖାଦ୍ୟ ଖାଉଥିବା ଲୋକ ପରଜୀବନରେ ମଧ୍ୟ ତାହାର ଫଳ ଭୋଗ କରିବ, ଯେଉଁଠି ତାଙ୍କୁ ଉଦ୍ଭିଦ ଖାଦ୍ୟ ଭାବେ ଗ୍ରହଣ କରିବ ଏବଂ ସେ ଯନ୍ତ୍ରଣା ଭୋଗ କରିବେ। ପୁରାତନ ଜୈନ ବିଚାରରେ, ଆମରଣ ଅନଶନ ଅର୍ଥ ହେଉଛି ପ୍ରକୃତ ଅହିଂସା। ଅର୍ଥାତ୍ କିଛି ନ ଖାଇଲେ କୌଣସି ହିଂସା ହେବନାହିଁ। କୃଷି ସହି ଜଡ଼ିତ ବ୍ୟକ୍ତିମାନେ ଜାଣନ୍ତି ଯେ, ଶାକାହାର ଖାଦ୍ୟ ଯନ୍ତ୍ରଣାମୁକ୍ତ ନୁହେଁ। କୃଷି ହିଂସା ମଧ୍ୟରେ ବୁଡିରହିଛି। ଫସଲର ସୁରକ୍ଷା ପାଇଁ କୀଟପତଙ୍ଗ, ମୂଷା ଏବଂ ପକ୍ଷୀଙ୍କୁ ମାରିଦିଆଯାଏ। ଷଣ୍ଢକୁ ଅସ୍ତ୍ରୋପଚାର ମାଧ୍ୟମରେ ବଳଦ କରି ହଳ ଓ ପରିବହନରେ ବ୍ୟବହାର କରାଯାଏ। ଏହି କାର୍ଯ୍ୟକୁ ଶାକାହାରବାଦ ଗୁପ୍ତ ରଖିଛି ଏବଂ ସହରାଞ୍ଚଳରେ ରହୁଥିବା ପ୍ରତିଷ୍ଠିତ ବ୍ୟକ୍ତିମାନେ ଶୁଦ୍ଧ ଓ ଅହିଂସକ ଖାଦ୍ୟ ଖାଉଛନ୍ତି ବୋଲି ଧାରଣା ସୃଷ୍ଟି କରିଛି।



ପ୍ରକୃତରେ କୃଷିକାର୍ଯ୍ୟରେ ଶୂଦ୍ର, ସେବକମାନେ ଜଡ଼ିତ ଥିଲେ ଏବଂ ସେମାନଙ୍କ ହିଂସାତ୍ମକ କାର୍ଯ୍ୟ ସାମ୍ନାକୁ ଆସିପାରୁ ନ ଥିଲା। କାରଣ ସେମାନଙ୍କ ସହ ବହୁ କମ୍ ଯୋଗାଯୋଗ ରହୁଥିଲା। ଯାଯାବର ଗୋଷ୍ଠୀର ପଶୁପାଳକ, ମରୁଭୂମିରେ ରହୁଥିବା ସମ୍ପ୍ରଦାୟ, ବନବାସୀ ଏବଂ ଉପକୂଳରେ ବସବାସ କରୁଥିବା ଲୋକେ ଭାବନ୍ତି ଯେ, ମାଂସ ଓ ମାଛ ହେଉଛି ଜୀବନର ଆବଶ୍ୟକତା। ଭିଲ୍, ଗୋଣ୍ଡ, କୋଲି, ଶବରଙ୍କ ସମେତ ଉତ୍ତରପୂର୍ବାଞ୍ଚଳର ଆଦିବାସୀ ସମୁଦାୟଗୁଡ଼ିକ ଶିକାର ଓ ଭୋଜନ ପାଇଁ ସେମାନଙ୍କ ପରିସଂସ୍ଥାକୁ କ୍ଷୟ ନ କରି ସ୍ଥାୟୀ ଭାବରେ ବସବାସ କରିଆସିଛନ୍ତି। ତଥାପି ସେମାନଙ୍କ ଉପରେ ହିଂସକ ଓ ଅପବିତ୍ର ମୋହର ଲଗାଇ ଦିଆଯାଉଛି। ଖଣି ଓ ଭିତ୍ତିଭୂମି ପାଇଁ ଶିଳ୍ପପତିମାନେ ଜଙ୍ଗଲ ଧ୍ୱଂସ କରୁଥିଲେ ମଧ୍ୟ ସେମାନଙ୍କୁ ସାତ୍ତ୍ୱିକ ଓ ପବିତ୍ର ବୋଲି କୁହାଯାଉଛି। ଏହା ହେଉଛି ନୈତିକତାର ବିପରୀତ ସ୍ଥିତି ଏବଂ ଆମ ହିଂସା ସମ୍ପର୍କିତ ଗଭୀର ବିଚାରଧାରାକୁ ଜାତି ଓ ବର୍ଗ କିଭଳି ଗଢ଼ିଛି ତାହା ଏହା ପ୍ରକାଶ କରେ।

ସାମାଜିକ ବିଚାରଧାରାରେ ପବିତ୍ରତା ତଥା ଶୁଦ୍ଧତା ପ୍ରମୁଖ ବିଷୟ ହୋଇରହିଛି। ଭାରତର ସାର୍ବଜନୀନ ସଂସ୍ଥାଗୁଡ଼ିକ ଉପରେ ଶାକାହାର ଧାରଣାର ପ୍ରଭାବ ବିସ୍ତାର କରିଛି। ଗାନ୍ଧିଜୀଙ୍କ ସାବରମତି ଆଶ୍ରମରେ ଶାକାହାର ରୋଷଘର ଅଛି ଏବଂ ଆର୍‌ଏସ୍‌ଏସ୍‌ର ସେହିଭଳି କ୍ୟାଣ୍ଟିନ ସବୁ ଅଛି। କର୍ପୋରେଟ କାର୍ଯ୍ୟାଳୟଗୁଡ଼ିକ ଜୈନ କିଚେନ୍‌କୁ ନେଇ ଗର୍ବ କରନ୍ତି। କେବଳ ଶାକାହାର ଖାଦ୍ୟ ଦେବା ପାଇଁ ଏୟାଲାଇନ୍ସକୁ ବାଧ୍ୟ କରାଯାଉଛି। ତୀର୍ଥସ୍ଥଳୀ ଥିବା ସହରଗୁଡ଼ିକୁ ଶୁଦ୍ଧ ଶାକାହାର ଅଞ୍ଚଳ ଭାବେ ଘୋଷଣା କରାଯାଉଛି । 'ଶୁଦ୍ଧ' ଶବ୍ଦ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହା ସୂଚିତ କରେ ଯେ, ମାଂସାହାରୀମାନେ ପରିବେଶକୁ ଦୂଷିତ କରନ୍ତି ଏବଂ ସେମାନଙ୍କ ଉପସ୍ଥିତି, ଗନ୍ଧ ଏବଂ ଅଭ୍ୟାସ ପ୍ରଦୂଷଣକାରକ। ଶୁଦ୍ଧତା ବ୍ୟବସ୍ଥା ଯୋଗୁ ଟିଫିନ ବକ୍ସରେ ଆମିଷ ଖାଦ୍ୟ ଆଣିବା ପାଇଁ କର୍ମଚାରୀଙ୍କୁ ବାରଣ କରାଯାଉଛି। ଯେଉଁମାନେ ମାଂସ ରୋଷେଇ କରୁଛନ୍ତି, ସେମାନଙ୍କୁ ହାଉସିଂ ସୋସାଇଟିଗୁଡ଼ିକ ଘର ଭଡ଼ା ଦେଉନାହାନ୍ତି। ଯାହା ଦିନେ ଜାତିଗତ ପୃଥକୀକରଣ କିମ୍ବା ବାଛବିଚାର ଥିଲା ତାହା ଏବେ ଜୀବନଶୈଳୀ ପସନ୍ଦ ହୋଇଯାଇଥିବା ଜଣାପଡୁଛି। ପରିଭାଷା ବଦଳିଯାଇଥିଲେ ବି ବ୍ୟବସ୍ଥା ସେହିଭଳି ରହିଛି। ବ୍ରାହ୍ମଣ ଓ ଶୂଦ୍ର ବଦଳରେ ଏବେ ଆମ ମଧ୍ୟରେ ପବିତ୍ର ଓ ଅପବିତ୍ର କିମ୍ବା ଶୁଦ୍ଧ ଓ ଅଶୁଦ୍ଧ ହିନ୍ଦୁ ଭାବନା ରହିଛି।

ସାମାଜିକ ସ୍ତରରେ ଥିବା ଏଭଳି ଉଚ୍ଚନୀଚ ଭାବନାକୁ ଯୁକ୍ତିଯୁକ୍ତ ଦର୍ଶାଇବାକୁ ଯାଇ ଗୁରୁମାନେ ସାତ୍ତ୍ୱିକ, ରାଜସିକ, ତାମସିକ ଖାଦ୍ୟ ସିଦ୍ଧାନ୍ତ ସାମ୍ନାକୁ ଆଣିଛନ୍ତି, ଯାହାକୁ ଏବେ ପୋଷକ ବିଜ୍ଞାନର ଅସ୍ତ୍ର ଭାବେ ଦର୍ଶାଯାଉଛି। ଏହାସହ ନୈତିକତାର ବିଷୟ ରୂପେ ଉପସ୍ଥାପନ କରାଯାଉଛି। ତଥାପି କୌଣସି ହିନ୍ଦୁ ଗ୍ରନ୍ଥ ଶାକାହାରବାଦକୁ ଏକ ବୈଶ୍ୱିକ ନିୟମ ଭାବେ ଗ୍ରହଣ କରିନାହିଁ। ମହାଭାରତ, ରାମାୟଣ ଏବଂ ପୁରାଣରେ ଶିକାରୀ, ମାଛ ଭକ୍ଷକ ଏବଂ ମାଂସାହାରୀ ଋଷିଙ୍କ ସମ୍ପର୍କିତ ବର୍ଣ୍ଣନା ଭରିରହିଛି। ଏ ସମ୍ପର୍କରେ ସୂଚିତ କରାଯାଇଥିଲେ ମଧ୍ୟ ଆଧୁନିକ ପ୍ରକାଶନ ସଂସ୍ଥାଗୁଡ଼ିକ ଭୁଲ୍ ଅନୁବାଦ କରୁଛନ୍ତି। ହିନ୍ଦୁଧର୍ମ ବିପଦରେ ଅଛି ବୋଲି ଲୋକେ ଦାବି କରୁଥିବାବେଳେ ଏଥିପାଇଁ ସେମାନେ ବାହ୍ୟଶତ୍ରୁକୁ ଦାୟୀ କରୁଛନ୍ତି। ହେଲେ ବଡ଼ ବିପଦ ଦେଶ ଭିତରେ ରହିଛି। ଶୁଦ୍ଧ ଓ ଅଶୁଦ୍ଧ ବ୍ରାହ୍ମଣୀୟ ବିଚାରଠାରୁ ଆରମ୍ଭ କରି ବୌଦ୍ଧ ଓ ଜୈନଧର୍ମର ଦାର୍ଶନିକ ସିଦ୍ଧାନ୍ତରେ ଏହା ଥିଲା ଏବଂ ଏବେ ଏହାକୁ ନୈତିକ ଜୀବନଶୈଳୀ ଭାବେ ପୁନଃ ନାମକରଣ କରାଯାଇଛି। ସେମାନେ ମିଳିତ ଭାବେ ଏକ ସାମାଜିକ ଉଚ୍ଚନୀଚ ସ୍ତର ଗଢ଼ିଛନ୍ତି, ଯେଉଁଠି ଅଭିଜାତ୍ୟ ବର୍ଗଙ୍କ ଅଭ୍ୟାସକୁ ବିଶ୍ୱସ୍ତରରେ ସଦ୍‌ଗୁଣ ଆଖ୍ୟା ଦିଆଯାଇଛି ଏବଂ ନୀଚବର୍ଗର ଲୋକଙ୍କ ଜୀବନରକ୍ଷାର ରଣନୀତିକୁ ତୁଚ୍ଛ କହି ସେମାନଙ୍କୁ ତିରସ୍କାର କରାଯାଉଛି। ଏହି ପ୍ରକାରେ ଅହିଂସା ହିଂସାର ସମାଧାନ କରେ ନାହିଁ। ବରଂ ଏହା ହିଂସାକୁ ଆଢୁଆଳରେ ରଖେ। ଜାତିକୁ ଅସ୍ୱୀକାର କରାଯାଉଛି , ହେଲେ ଅସ୍ପୃଶ୍ୟତାକୁ ସତର୍କତାର ସହ ଉଲ୍ଲେଖ କରାଯାଉଛି। ଏଭଳି କରିବା ଯୋଗୁ ଏହା ସାମାଜିକ ପ୍ରାଧାନ୍ୟକୁ ଆଧ୍ୟାତ୍ମିକ ଶୁଦ୍ଧତା କିମ୍ବା ସଂସ୍କାର ଭାବେ ତ୍ରୁଟିପୂର୍ଣ୍ଣଭାବେ ଉପସ୍ଥାପନ କରିବା ପାଇଁ ଅନୁମତି ଦେଇଛି, ଯେତେବେଳ କି ପବିତ୍ରତା ତଥା ଶୁଦ୍ଧତାର ପରିବେଶରେ ନିର୍ବିରୋଧରେ ଅସାମାନତା ଜାରି ରହିଛି।

-devduttofficial@gmail.com

## ଆମ ପରିବେଶ ଆମ ହାତରେ



ଅରିଜିତ ମିଶ୍ର

ପରିବେଶ ବଞ୍ଚିଲେ ଜୀବଜଗତ ବଞ୍ଚିବ। ସେଥି ନିମିତ୍ତ ଏକାଧିକ ସ୍ଲୋଗାନ ରହିଛି, 'ପରିବେଶ ସୁରକ୍ଷା ଜୀବନ ରକ୍ଷା'। ମଣିଷର କର୍ତ୍ତବ୍ୟ ଯେତିକି ମାତ୍ରାରେ ପରିବେଶକୁ ସୁରକ୍ଷା ଦେଇପାରିବ, ସେହିଭଳି ନିଜର ଅମୂଲ୍ୟ ଜୀବନକୁ ବଞ୍ଚାଇପାରିବ। ପରିବେଶକୁ ମଣିଷ ଜୀବନର ମୂଳ ଆଧାର କହିଲେ ଅତ୍ୟୁକ୍ତି ହେବନାହିଁ। ପୃଥିବୀ ମଣିଷ ବଞ୍ଚିବା ନିମନ୍ତେ ମୃତ୍ତିକା, ଜଳ, ବାୟୁ, ଜଙ୍ଗଲ, ପର୍ବତ ଆଦି ପ୍ରଦାନ କରିଛି, ଯାହାଦ୍ୱାରା ପ୍ରାଣିଜଗତ ସୁନ୍ଦର ଭାବରେ ଜୀବନ ଅତିବାହିତ କରିପାରିବେ। ପୂରା କାଳରେ ମଣିଷ ପ୍ରକୃତିକୁ ଉପାସନା କରୁଥିଲା। ବୃକ୍ଷକୁ ପୂଜାକରିବା ବା ପର୍ବତର ଶିଖର ଦେଶରେ ଈଶ୍ୱର ଉପାସନା କରୁଥିଲା। ସେହି ସମୟରେ ମଣିଷ ପ୍ରକୃତିକୁ ବଞ୍ଚାଇବାକୁ ଯାଇ ପରିବେଶକୁ ସୁରକ୍ଷା ପ୍ରଦାନ କରୁଥିଲା। ସାଧାରଣତଃ ପରିବେଶକୁ ଆୟତ୍ତ କରିବାର ସାମର୍ଥ୍ୟ ମଣିଷ ହାତରେ ରହିଛି। କିନ୍ତୁ ମଣିଷ ଏବେ ନିଜର ସ୍ୱାର୍ଥ ସିଦ୍ଧି ନିମନ୍ତେ ପରିବେଶକୁ ନଷ୍ଟକରିବାକୁ ଉଦ୍ୟତ।

ମଣିଷ ପରିବେଶକୁ ପ୍ରଦୂଷିତ କରିବା ନିମନ୍ତେ ପଛାଉନାହିଁ। ଫଳରେ ଜଳ ପ୍ରଦୂଷଣ, ବାୟୁ ପ୍ରଦୂଷଣ, ମୃତ୍ତିକା ପ୍ରଦୂଷଣ, ଶବ୍ଦ ପ୍ରଦୂଷଣ, ପ୍ଲାଷ୍ଟିକ୍ ଆଦି ଅନେକ ପ୍ରଦୂଷଣ ଦିନକୁ ଦିନ ବୃଦ୍ଧି ପାଉଛି। ବଙ୍କିମ ଚନ୍ଦ୍ର ଚାଟାର୍ଜୀଙ୍କ ଦ୍ୱାରା ରଚିତ 'ବନ୍ଦେ ମାତରମ୍' ରେ ଭାରତର ପରିବେଶ ଉତ୍ତମ ଜଳ ବା ନଦୀରେ ପରିପୂର୍ଣ୍ଣ, ଫଳ ଉତ୍ପାଦନରେ ସମୃଦ୍ଧ, ମୃଦୁ ମଳୟ ପବନର ଶୀତଳତା, ଚାଷ ଜମିଗୁଡ଼ିକ ଶସ୍ୟ ଦ୍ୱାରା ପରିପୂର୍ଣ୍ଣ । କିନ୍ତୁ ବର୍ତ୍ତମାନ ସମୟକୁ ଦେଖିଲେ ଉକ୍ତ ପରିବେଶର ଶୋଭାରେ ଅନେକ ପରିବର୍ତ୍ତନ ହୋଇଛି। ପୃଥିବୀରେ ପ୍ରତିବର୍ଷ ପ୍ରାୟ ୭୦ ଲକ୍ଷ ମଣିଷ ବାୟୁ ପ୍ରଦୂଷଣ ଦ୍ୱାରା ମୃତ୍ୟୁବରଣ କରୁଥିବା ବେଳେ ଭାରତରେ ୧୭ ଲକ୍ଷ ମଣିଷ ବାୟୁ ପ୍ରଦୂଷଣ ଦ୍ୱାରା ମୃତ୍ୟୁର ଶିକାର ହୁଅନ୍ତି। ପୃଥିବୀରେ ଦିଲ୍ଲୀ, ଲାହୋର, ଢାକା, ବେଜିଂ, କରାଚୀ, କାବୁଲ, ଜାକର୍ତ୍ତା ଆଦି ଅନେକ ସହର ସବୁବେଳେ ବାୟୁ ପ୍ରଦୂଷଣ ସୃଷ୍ଟି କରିବାରେ ପ୍ରଥମ ସ୍ଥାନରେ ରହୁଛନ୍ତି। ପୃଥିବୀରେ ପ୍ରତିବର୍ଷ ଜଳ ପ୍ରଦୂଷଣର ମାତ୍ରା ୨% ବଢୁଥିବା ବେଳେ ଭାରତରେ ପ୍ରତିବର୍ଷ ୩% ବଢ଼ିଥାଏ। ପୃଥିବୀରେ ପ୍ରତିବର୍ଷ ଜଳ ପ୍ରଦୂଷଣ ଯୋଗୁ ୮ ଲକ୍ଷ ଲୋକ ମୃତ୍ୟୁବରଣ କରୁଥିବା ବେଳେ ଭାରତରେ ୨ ଲକ୍ଷ ମୃତ୍ୟୁବରଣ କରନ୍ତି। ଭାରତରେ ଅନେକ କାରଖାନା ଏବଂ ସହରରୁ ନିର୍ଗତ ବର୍ଜ୍ୟଜଳ ନାଳ ଦ୍ୱାରା ଛୋଟ ବଡ଼ ନଦୀରେ ମିଶୁଛନ୍ତି। ଓଡ଼ିଶାରେ କଟକ ସହରର ବର୍ଜ୍ୟଜଳ ପ୍ରତିଦିନ କାଠଯୋଡ଼ି ନଦୀରେ ମିଶୁଥିବାର ଦୃଶ୍ୟ ଦେଖିବାକୁ ମିଳେ। ପୃଥିବୀରେ ୩୩% ମୃତ୍ତିକା ପ୍ରଦୂଷିତ ହେଉଥିବା ବେଳେ ଭାରତର କୃଷି ଉପଯୋଗୀ ମୃତ୍ତିକା ୩୦% ପ୍ରଦୂଷଣର ଶିକାର ହେଉଛି। ପୃଥିବୀରେ ପ୍ରାୟ ୨୫% ମଣିଷ ଶବ୍ଦ ପ୍ରଦୂଷଣ ଦ୍ୱାରା ପ୍ରଭାବିତ ହେଉଥିବା ବେଳେ ଭାରତର ସହରାଞ୍ଚଳରେ ୩୫% ମଣିଷ ଶବ୍ଦ ପ୍ରଦୂଷଣ ଦ୍ୱାରା ପ୍ରଭାବିତ ହୁଅନ୍ତି। ଠିକ୍ ସେହିପରି ପ୍ଲାଷ୍ଟିକ୍ ପ୍ରଦୂଷଣର ବୃଦ୍ଧି ଘଟୁଛି।

ଆମ ପରିବେଶ ଆମ ହାତରେ। ତେଣୁ ବେଳହୁଁ ସାବଧାନ ହେଲେ ଆମ ପରିବେଶ ସୁରକ୍ଷା ପାଇପାରିବ। ଯେପରିକି ବୃକ୍ଷରୋପଣ କରିବା ଆବଶ୍ୟକ, ଯାହା ଦ୍ୱାରା ବାୟୁମଣ୍ଡଳରେ ଅମ୍ଳଜାନର ମାତ୍ରା ଠିକ୍ ରହିବା ସହ ଶୁଦ୍ଧ ବାୟୁ ସୃଷ୍ଟିହେବ। ନବୀକରଣଯୋଗ୍ୟ ସମ୍ବଳ ଯଥା ସୌରଶକ୍ତି, ପବନ ଶକ୍ତି, ଜୁଆର ଶକ୍ତିର ବ୍ୟବହାର କରିବା ଦ୍ୱାରା କୋଇଲା ଏବଂ ଖଣିଜ ତୈଳର ବ୍ୟବହାର କମିଯିବ ଏବଂ ବାୟୁ ପ୍ରଦୂଷଣକୁ ମଧ୍ୟ ପ୍ରତିହତ କରିହେବ। ସରକାର ବୈଦ୍ୟୁତିକ ଗାଡ଼ି ଚଳାଇବା ନିମନ୍ତେ ପ୍ରୋତ୍ସାହନ ଦେଉଛନ୍ତି, ଆମେ ମଧ୍ୟ ଏହି ବୈଦ୍ୟୁତିକ ଯାନବାହନର ବ୍ୟବହାରକୁ ବିଶେଷ ପ୍ରାଥମିକତା ଦେବା ଆମ ପରିବେଶ ପାଇଁ ହିତକାରକ। ନଦୀ, ପୋଖରୀ ବା ଝରଣା ଆଦିର ଜଳକୁ ପରିଷ୍କାର ରଖିବା ଦରକାର । ଫଳରେ ମଣିଷ ନିଜର ଜୀବନ ବଞ୍ଚାଇପାରିବ। ଜୈବଇନ୍ଧନ ଚାଳିତ ଯାନବାହନର ବ୍ୟବହାର କମାଇବା ଆବଶ୍ୟକ। ପ୍ଲାଷ୍ଟିକ୍ ପଦାର୍ଥକୁ ପୁନଃ ପ୍ରକ୍ରିୟାକରଣ କରିବା ଲାଭଦାୟକ । କୃଷିଯୋଗ୍ୟ ଜମିରେ ରାସାୟନିକ ସାରର ବ୍ୟବହାର ମାତ୍ରା କମାଇ ଜୈବିକ ପଦ୍ଧତିରେ ଚାଷକରିବା ଭଲ। ସାଟେଲାଇଟ ଦ୍ୱାରା ବର୍ତ୍ତମାନ ବନ ନାଶନ, ଜଳବାୟୁ ପରିବର୍ତ୍ତନ, ବାୟୁ ପ୍ରଦୂଷଣ ଆଦି ପ୍ରତି ସରକାରୀ ସ୍ତରରେ ଲକ୍ଷ୍ୟ ରଖାଯାଉଛି। ତେଣୁ ଏହି ସମସ୍ତ ପଦ୍ଧତି ଅବଲମ୍ବନ କରିବା ସହ ମଣିଷର ମାନସିକତାରେ ପରିବର୍ତ୍ତନ ଆସିବା ନିହାତି ଆବଶ୍ୟକ। ଫଳରେ ମଣିଷ ନିଜ ହାତରେ ନିଜ ପରିବେଶକୁ ସୁରକ୍ଷା ପ୍ରଦାନ କରିବା ନିମିତ୍ତ ଅଗ୍ରସର ହେବ। ସରକାରୀ ସ୍ତରରେ ମଧ୍ୟ ଅନେକ ଯୋଜନା ପରିବେଶ ସୁରକ୍ଷା ନିମନ୍ତେ କାର୍ଯ୍ୟକାରୀ ହେଉଛି। କିନ୍ତୁ କିଛି ଯୋଜନା ବ୍ୟର୍ଥହେବା ଆଶଙ୍କା ସୃଷ୍ଟି ହେଉଛି। ତେଣୁ ମଣିଷ ନିଜେ ସଂଯତ ଭାବ ରଖି ସରକାରଙ୍କୁ ସହଯୋଗର ହାତ ବଢ଼ାଇବାକୁ ପଡ଼ିବ ଏବଂ ପରସ୍ପର ମଧ୍ୟରେ ଏକତା ରକ୍ଷା କରିପାରିଲେ ନିଶ୍ଚିତ ଭାବରେ ପରିବେଶ ସୁରକ୍ଷିତ ରହିବ।

ଅଧ୍ୟାପକ (ଭୂଗୋଳ ବିଭାଗ)
ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ
ମୋ: ୯୦୪୦୩୫୦୦୮୯

## ଏଇ ଭାରତରେ

ପୋଲିସରେ ନିଯୁକ୍ତି ପାଇବା ପାଇଁ ଆଶାୟୀଙ୍କୁ ବହୁ ପରିଶ୍ରମ କରିବାକୁ ପଡ଼ିଥାଏ। ପ୍ରବେଶିକାର ଲିଖିତ ଓ ଶାରୀରିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପରେ ତାଙ୍କୁ ସଫଳତା ମିଳିଥାଏ। ତେବେ ଅନେକେ ମଧ୍ୟ ବିଫଳ ହୋଇଥାନ୍ତି। ତେବେ ବେଙ୍ଗାଲୁରୁ ଟ୍ରାଫିକ୍ ପୋଲିସ(ବିଟିପି) ଏକ ନିଆରା କାର୍ଯ୍ୟକ୍ରମ ମାଧ୍ୟମରେ ଦିନକ ପାଇଁ ଟ୍ରାଫିକ୍ ପୋଲିସ ହେବାର ସୁଯୋଗ ଦେଉଛି ଏବଂ ଆଶାୟୀ ବ୍ୟକ୍ତିମାନେ ଏହା ଲାଭ ଉଠାଉଛନ୍ତି। ହେଲେ ସ୍ୱେଚ୍ଛାସେବୀ ଭାବେ ସେମାନେ କାମ କରୁଛନ୍ତି। ବିଟିପି ତରଫରୁ 'ଦିନକ ପାଇଁ ଟ୍ରାଫିକ୍ ପୋଲିସ ହୁଅନ୍ତୁ' କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମରେ ୧୮ ବର୍ଷରୁ ଊର୍ଦ୍ଧ୍ୱ ବୟସର ବ୍ୟକ୍ତିମାନେ ଏଏସ୍ ଟ୍ରାମ୍ ଆପ୍‌ରେ ସେମାନଙ୍କ ନାମ ପଞ୍ଜୀକରଣ କରୁଛନ୍ତି। ପରେ ସେମାଙ୍କୁ ଏକ ଘଣ୍ଟାର ପ୍ରଶିକ୍ଷଣ ଦିଆଯାଉଛି। ଏହାପରେ ସେମାନଙ୍କ ପସନ୍ଦ ମୁତାବକ ଛକଗୁଡ଼ିକରେ ଭିଡ଼ ସମୟରେ ଟ୍ରାଫିକ୍ ପରିଚାଳନାରେ ପୋଲିସଙ୍କୁ ସହଯୋଗ କରିବା ସକାଶେ ଦୁଇ ଘଣ୍ଟିଆ କିମ୍ବା ଚାରି ଘଣ୍ଟିଆ ଶିଫ୍ଟରେ ନିଯୁକ୍ତ କରାଯାଉଛି। ଶେଷରେ ସେମାନଙ୍କୁ ଅଭିଜ୍ଞତା ପ୍ରମାଣପତ୍ର ଦିଆଯାଉଛି। ଏଭଳି ଏକ ସମ୍ମିଳିତ ପ୍ରୟାସ ଟ୍ରାଫିକ୍ ବ୍ୟବସ୍ଥାକୁ ମଜଭୁତ କରିପାରିଛି। ପ୍ରକୃତ ଟ୍ରାଫିକ୍ ସମସ୍ୟା ସମ୍ପର୍କରେ ସ୍ୱେଚ୍ଛାସେବୀମାନେ ଅବଗତ ହେଉଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

୨୬ ମାର୍ଚ୍ଚ ୧୯୭୭

- ଯୁବକଂଗ୍ରେସ କାର୍ଯ୍ୟକଳାପ ପାଇଁ ନିଜକୁ ଦାୟୀ ମନେକରି ଅମ୍ବିକା ସୋନୀ ନିଖିଳ ଭାରତ ଯୁବ କଂଗ୍ରେସ ସଭାପତି ପଦରୁ ଇସ୍ତଫା ଦେଇଛନ୍ତି।
- ଗୁଜରାଟର କଂଗ୍ରେସ ମନ୍ତ୍ରିମଣ୍ଡଳ ବିରୁଦ୍ଧରେ ଜନତା ଦଳ ପକ୍ଷରୁ ବିଧାନ ସଭାରେ ଅନାସ୍ଥା ପ୍ରସ୍ତାବ ଆଗତ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 4 | | | | | 9 | 6 |
| 6 | 9 | | | | | | | |
| 1 | | | 8 | | | | 3 | |
| 5 | 8 | | | | 2 | | | |
| | | 7 | 3 | 8 | | | | |
| | | | 9 | 1 | | | | 3 |
| | | | | | | | | |
| | | | | | 6 | | | 4 |
| | | 8 | | 3 | | 7 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 3 | 6 | 4 | 2 | 8 | 7 | 9 | 1 |
| 9 | 1 | 2 | 3 | 7 | 5 | 4 | 8 | 6 |
| 7 | 4 | 8 | 6 | 9 | 1 | 3 | 2 | 5 |
| 1 | 7 | 3 | 2 | 5 | 6 | 8 | 4 | 9 |
| 2 | 5 | 9 | 7 | 8 | 4 | 6 | 1 | 3 |
| 8 | 6 | 4 | 1 | 3 | 9 | 2 | 5 | 7 |
| 6 | 2 | 1 | 5 | 4 | 7 | 9 | 3 | 8 |
| 4 | 8 | 5 | 9 | 6 | 3 | 1 | 7 | 2 |
| 3 | 9 | 7 | 8 | 1 | 2 | 5 | 6 | 4 |

ଗତକାଲିର ଉତ୍ତର

# ପ୍ରତିରୋଧ ଅପରିହାର୍ଯ୍ୟ



ଜନାର୍ଦ୍ଦନ ବନ୍ଦୋପାଧ୍ୟାୟ

ମାନବ ସଭ୍ୟତାର ଆଦିମ ଅବସ୍ଥାରେ ଯେଉଁ ଅସୁରକ୍ଷିତ ପରିବେଶ ଥିଲା ତାହାକୁ 'ଜଙ୍ଗଲ-ରାଜ୍' କୁହାଯାଏ, ଯାହାର ନୀତି ଥିଲା 'ମାଇଟ ଇଜ୍ ରାଇଟ' ବା ''ଜୋର୍ ଯାର୍ ମୁଲକ ତାର୍'', ଏହି ଅବସ୍ଥାରେ ସାମାଜିକ ଶୃଙ୍ଖଳା ଏବଂ ନ୍ୟାୟ ନ ଥିଲା। ସମସ୍ତେ ନିଜକୁ ଅସୁରକ୍ଷିତ ମନେ କରୁଥିଲେ। କ୍ରମେ ମଣିଷ ଅନୁଭବକଲା ଯେ ଜୀବନର ନିରାପତ୍ତା ଓ ସମୃଦ୍ଧି ପାଇଁ ପାରସ୍ପରିକ ସହାନୁଭୂତି, ସହଯୋଗ ଏବଂ ସହାବସ୍ଥାନର ବାତାବରଣ ଆବଶ୍ୟକ। ଏହିପରି ଭାବେ ଗଢ଼ିଉଠିଲା ଶୃଙ୍ଖଳିତ ସମାଜ ବ୍ୟବସ୍ଥା ଜଣେ ଯୋଗ୍ୟ, ସମର୍ଥ ଏବଂ ନେତୃସ୍ଥାନୀୟ ବ୍ୟକ୍ତିଙ୍କୁ କେନ୍ଦ୍ରକରି, ଯାହାଙ୍କୁ ସମାଜପତି, ରାଜା ବା ଶାସକ କୁହାଯାଏ। ସମୟକ୍ରମେ ରାଜତନ୍ତ୍ରରୁ ଗଣତନ୍ତ୍ର, ସମାଜତନ୍ତ୍ର, ପୁଞ୍ଜିବାଦ, ଏକଚ୍ଛତ୍ରବାଦ ପ୍ରଭୃତି ନାନାପ୍ରକାର ଶାସନ ବ୍ୟବସ୍ଥାର ଉଦ୍ଭବ ଘଟିଛି। ମାତ୍ର ଶାସକ ଗୋଷ୍ଠୀଙ୍କ କ୍ଷମତା, ପ୍ରତିପତ୍ତି ତଥା ରାଜ୍ୟ ଜୟର ଆକାଂକ୍ଷା ଯୋଗୁ ଶତାବ୍ଦୀ ପରେ ଶତାବ୍ଦୀ ଭୟାବହ ଯୁଦ୍ଧ-ବିଗ୍ରହ ଘଟି ବିନାଶର କାରଣ ହୋଇଛି। ଏହାର ଚରମ ପରିଣତି ଦେଖିବାକୁ ମିଳିଲା ବିଗତ ଶତାବ୍ଦୀର ଦୁଇଟି ବିଶ୍ୱଯୁଦ୍ଧରେ।

ପ୍ରଥମ ବିଶ୍ୱଯୁଦ୍ଧ ଏବଂ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଲକ୍ଷ ଲକ୍ଷ ଲୋକଙ୍କ ମୃତ୍ୟୁ ଘଟିଲା, କେତେ ସମୃଦ୍ଧ ଜନପଦ ଧ୍ୱଂସ ସ୍ତୂପରେ ପରିଣତ ହେଲା। ବିଶ୍ୱଯୁଦ୍ଧର ଭୟାବହତା ଏବଂ ବିପୁଳ ଧନ-ଜନ କ୍ଷୟରେ ଆତଙ୍କିତ ହୋଇ ଭବିଷ୍ୟତରେ ଏଭଳି ବିନାଶକାରୀ ଯୁଦ୍ଧରୁ ମାନବ ସମାଜକୁ ଦୂରେଇରଖିବା ସହିତ ପାରସ୍ପରିକ ଶାନ୍ତି, ସୁରକ୍ଷା ଏବଂ ମାନବାଧିକାରକୁ ନିଶ୍ଚିତ କରିବା ଉଦ୍ଦେଶ୍ୟରେ ପୃଥିବୀର ୫୧ଟି ରାଷ୍ଟ୍ର ଏକତ୍ର ହୋଇ ୧୯୪୫ ଅକ୍ଟୋବର ୨୪ରେ ସଂଯୁକ୍ତ ଜାତିସଂଘ ଗଠନ କଲେ। ଏହାର ସଭ୍ୟ ସଂଖ୍ୟା ୧୯୩ରେ ପହଞ୍ଚିଛି। ମାତ୍ର ୫ଟି ମୁଖ୍ୟ ରାଷ୍ଟ୍ର ଆମେରିକା, ବ୍ରିଟେନ, ଫ୍ରାନ୍ସ, ରୁଷିଆ ଏବଂ ଚାଇନା ହାତରେ ଅଗଣତାନ୍ତ୍ରିକ ଭିଟୋ କ୍ଷମତା ଥିବାରୁ ଜାତିସଂଘ ନିରପେକ୍ଷ ଭାବରେ କାର୍ଯ୍ୟକରି ପାରେନାହିଁ। ତା' ଛଡା ଏହାର କୌଣସି ସାମରିକ କ୍ଷମତା ନ ଥିବାରୁ କେବଳ ଉପଦେଶ ଦେବାରେ ହିଁ ଏହାର କାର୍ଯ୍ୟ ପରିସର ସୀମିତ ରହିଆସିଛି। ତଥାପି ନାହିଁ ମାମୁ ଠାରୁ କଣା ମାମୁ ଭଲ - ଭଳି ଏହି ସଂସ୍ଥା ଏଯାବତ ବଞ୍ଚିରହିଛି।

ଦ୍ୱିତୀୟ ବିଶ୍ୱଯୁଦ୍ଧର ଶେଷଭାଗରେ ଯୁକ୍ତରାଷ୍ଟ୍ର ଆମେରିକା ପରମାଣୁ ବୋମା ଜାପାନର ହିରୋସୀମା ଓ ନାଗାସାକୀ ଉପରେ ପକାଇଥିଲା। ଯୁଦ୍ଧ ପରେ ସୋଭିଏଟ ରୁଷ୍ ସମେତ ବ୍ରିଟେନ, ଫ୍ରାନ୍ସ ପ୍ରଭୃତି ଦେଶ ପରମାଣୁ କ୍ଷମତାର ଅଧିକାରୀ ହୋଇଗଲେ, ଯାହାଦ୍ୱାରା ଅନ୍ତଃରାଷ୍ଟ୍ରୀୟ ସ୍ତରରେ ଗୋଟିଏ କ୍ଷମତାର ସମୀକରଣ ସୃଷ୍ଟି ହେଲା। ପରମାଣୁ ବୋମାର ସମୂହ ଧ୍ୱଂସକାରୀ ଭୟାବହତା ହିଁ ଏଯାବତ ପୃଥିବୀକୁ ତୃତୀୟ ବିଶ୍ୱଯୁଦ୍ଧରୁ ଦୂରେଇ ରଖିଛି। ଭାରତ ବର୍ଷ ସ୍ୱାଧୀନ ହେବା ପରଠାରୁ ଆମେରିକା ଭାରତ ସହିତ ପ୍ରଚ୍ଛନ୍ନ ଶତ୍ରୁଭାବ ପୋଷଣକରି ପାକିସ୍ତାନ ମାଧ୍ୟମରେ କଶ୍ମୀରରେ ଆକ୍ରମଣ ଏବଂ ସନ୍ତ୍ରାସବାଦୀ କାର୍ଯ୍ୟକଳାପ ଚଳାଇ ଆସିଛି। ହନୁ ମଲାବେଳେ ସତ କହିଲା ପରି କଶ୍ମୀରର ପହଲ ଗ୍ରାମରେ ସନ୍ତ୍ରାସବାଦୀ ଆକ୍ରମଣର ପ୍ରତିକ୍ରିୟା ସ୍ୱରୂପ ଭାରତର 'ଅପରେଶନ ସିନ୍ଦୂର' ପ୍ରହାରରେ ବ୍ୟତିବ୍ୟସ୍ତ ହୋଇ ପାକିସ୍ତାନର ବୈଦେଶିକ ମନ୍ତ୍ରୀ ଇଶାକ ଦାର କହିଥିଲେ - ଆମେ ସନ୍ତ୍ରାସବାଦୀ ରାଷ୍ଟ୍ର ହୋଇଛୁ କେବଳ ଆମେରିକା ଏବଂ ବ୍ରିଟେନର ସ୍ୱାର୍ଥରେ। ପ୍ରକୃତରେ ଆଜି ପୃଥିବୀରେ ଯେଉଁଠି ବି ଯୁଦ୍ଧବିଗ୍ରହ ଏବଂ ସନ୍ତ୍ରାସବାଦୀ ଆକ୍ରମଣ ହେଉଛି ତାହା ମୂଳରେ ରହିଛି ଆମେରିକା ଏବଂ ତାହାର ଏଜେଣ୍ଟ କୁଖ୍ୟାତ ସିଆଇଏ।



ଆମେରିକା ଏବଂ ନାଟୋ ରାଷ୍ଟ୍ରଙ୍କ ଚକ୍ରାନ୍ତରେ ସୋଭିଏଟ ରୁଷ୍ ଖଣ୍ଡ ଖଣ୍ଡ ହୋଇଗଲା। ଫଳରେ ଆମେରିକା ବର୍ତ୍ତମାନ ସମଗ୍ର ପୃଥିବୀ ଉପରେ ରାଜତ୍ୱ କରିବାକୁ ଚାହୁଁଛି। ଆମେରିକାର ପ୍ରତ୍ୟକ୍ଷ ସମର୍ଥନରେ ଇସ୍ରାଏଲର ପ୍ରଧାନମନ୍ତ୍ରୀ ନେତାନ୍ୟାହୁ ପାଲେଷ୍ଟାଇନବାସୀଙ୍କୁ ହତ୍ୟାକରି ଚାଲିଛନ୍ତି। ସମ୍ପ୍ରତି ଆମେରିକା ଏବଂ ଇସ୍ରାଏଲ ଏକତ୍ର ହୋଇ ଇରାନ ଉପରେ ଆକ୍ରମଣ କରିଛନ୍ତି। ରାଷ୍ଟ୍ରପତି ଟ୍ରମ୍ପ ସାମରିକ କ୍ଷମତା ବଳରେ ଜାତିସଂଘ ତଥା ଆନ୍ତର୍ଜାତିକ ନୀତିନିୟମକୁ ଅଗ୍ରାହ୍ୟ କରି ଏକଚ୍ଛତ୍ରବାଦୀ ସାଜିଛନ୍ତି। ଗୋଟିଏ ପ୍ରଶ୍ନ ଉଠେ - ଇସ୍ରାଏଲ ସମେତ ଅନେକ ରାଷ୍ଟ୍ର ପରମାଣୁ କ୍ଷମତାର ଅଧିକାରୀ ହୋଇଥିଲେ ମଧ୍ୟ କାହିଁକି କେବଳ ଇରାନକୁ ପରମାଣୁ ଶକ୍ତିର ଗବେଷଣାରୁ ନିବୃତ୍ତ କରିବାପାଇଁ ତାହା ଉପରେ ଆକ୍ରମଣ କରାଯାଉଛି? କୌଣସି ଦେଶର ସରକାର-ବିରୋଧୀ ଗୋଷ୍ଠୀକୁ ହାତକରି ସେଠାକାର ନିର୍ବାଚିତ ସରକାରଙ୍କୁ ଗାଦିଚ୍ୟୁତ କରିବାର ଅପଚେଷ୍ଟା ସମ୍ପୂର୍ଣ୍ଣ ନୀତିବିରୁଦ୍ଧ କାର୍ଯ୍ୟ। ଭବିଷ୍ୟତରେ ସେ ଅନ୍ୟାନ୍ୟ ଦେଶ ଉପରେ ବଳପ୍ରୟୋଗ କରିବାର ସମ୍ଭାବନା ରହିଛି। ପ୍ରକୃତରେ ଇସ୍ରାଏଲର ସ୍ୱାର୍ଥରକ୍ଷା ପାଇଁ ଇରାନ ଉପରେ ଆକ୍ରମଣ କରିଛନ୍ତି ଏବଂ ସେଠାକାର ବିପୁଳ ତୈଳସମ୍ପଦକୁ କବ୍ଜା କରିବାକୁ ଚାହୁଁଛନ୍ତି। ନିକଟ ଅତୀତରେ ସେ ଡ୍ରଗ୍-ଟ୍ରାଫିକିଙ୍ଗର ଆଳ ଦେଖାଇ ଭେନେଜୁଏଲା ଉପରେ ଆକ୍ରମଣ କରି ସେଠାକାର ରାଷ୍ଟ୍ରପତି ନିକୋଲାସ ମୋଦୁରା ଏବଂ ତାଙ୍କ ସ୍ତ୍ରୀଙ୍କୁ ବନ୍ଦୀ କରି ଆମେରିକା ନେଇଆସିଛନ୍ତି। ଟ୍ରମ୍ପ ଗ୍ରୀନ୍‌ଲାଣ୍ଡ ରାଷ୍ଟ୍ରକୁ ଅଧିକାର କରି ଆମେରିକା ସହିତ ମିଶାଇଦେବାକୁ ଚାହୁଁଥିଲେ। ଏସବୁ ଦେଖି ମନେହେଉଛି ନିଜକୁ ଶାନ୍ତି ପ୍ରତିଷ୍ଠାତା ବୋଲି ଡିଣ୍ଡିମ ପିଟୁଥିବା ଟ୍ରମ୍ପ ଏବେ ଧ୍ୱଂସର ଦୂତ ସାଜିଛନ୍ତି। ପୂର୍ବରୁ ସେ ଆନ୍ତର୍ଜାତିକ ବାଣିଜ୍ୟର ଉଦାରୀକରଣ ନୀତିକୁ ସମ୍ପୂର୍ଣ୍ଣ ଅଗ୍ରାହ୍ୟ କରି ଅନ୍ୟାୟ ଭାବରେ ବିଭିନ୍ନ ଦେଶ ଉପରେ ମାତ୍ରାତିରିକ୍ତ ଟାରିଫ ଲାଗୁ କରିଛନ୍ତି। ତାଙ୍କର ଏହି ସ୍ୱେଚ୍ଛାଚାରୀ ନୀତି ଯୋଗୁ ପୃଥିବୀର ଅର୍ଥନୈତିକ ଶୃଙ୍ଖଳା ଏବଂ ଅନ୍ତର୍ଜାତୀୟ ବାଣିଜ୍ୟ କାରବାର ଧୂଳିସାତ ହେବାର ସମ୍ଭାବନା ସୃଷ୍ଟି ହୋଇଛି। ଆମେରିକାର ବିପୁଳ ସାମରିକ ଏବଂ ଅର୍ଥନୈତିକ କ୍ଷମତା ବଳରେ ଟ୍ରମ୍ପ୍ ସମଗ୍ର ପୃଥିବୀରେ ଆମେରିକୀୟ ଏକଚ୍ଛତ୍ରବାଦ ପ୍ରତିଷ୍ଠା କରିବାକୁ ଚାହୁଁଛନ୍ତି। ମନେହେଉଛି ଟ୍ରମ୍ପଙ୍କ 'ମାଗା' ନୀତି ହିଟଲରଙ୍କ 'ନାଜି' ନୀତିଠାରୁ କୌଣସି ଗୁଣରେ ଊଣା ନୁହେଁ। ତେଣୁ ସମୟ ଆସିଛି ପୃଥିବୀର ସମସ୍ତ ଶାନ୍ତିକାମୀ ସଭ୍ୟ ରାଷ୍ଟ୍ର ଏକତ୍ରିତ ହୋଇ ଟ୍ରମ୍ପଙ୍କ ବିରୋଧରେ ଅର୍ଥନୈତିକ ଏବଂ ସାମରିକ ପ୍ରତିରୋଧ ସୃଷ୍ଟି କରିବାକୁ ପଡ଼ିବ। ନଚେତ ପୃଥିବୀରେ ଆଦିମ ଯୁଗ ଭଳି ଗୋଟିଏ ଜଙ୍ଗଲ - ରାଜ୍ ଚାଲିବ, ଯାହାର ନୀତି ହେବ '' ଜୋର୍ ଯାର୍ ମୁଲକ ତାର୍'' ଏବଂ ଅନ୍ୟ ଦେଶଗୁଡ଼ିକ ପକ୍ଷରେ ନିଜର ଆତ୍ମସମ୍ମାନ ଏବଂ ସାର୍ବଭୌମତ୍ୱ ରକ୍ଷାକରି ତିଷ୍ଠି ରହିବା ଅସମ୍ଭବ ହେବ।

ମୋ: ୯୪୩୭୨୮୭୯୬୪

## ପାଠକ ଶ୍ରେଷ୍ଠ ବିଚାରକ

### ଡିଜେ ଉପରେ ନିଷେଧ କେବେ

ମହାଶୟ,

ବିବାହ, ପର୍ବପର୍ବାଣି, ଶୋଭାଯାତ୍ରା ହେଉ ବା ରାଜନୈତିକ ସଭା ସବୁଠି ଡିଜେର ଭୟଙ୍କର ଗର୍ଜନ ଆକାଶ ଫାଟିବା ଭଳି ପ୍ରତିଧ୍ୱନିତ ହେଉଛି। ଏହା ଉଚ୍ଚ ରକ୍ତଚାପ, ଅନିଦ୍ରା ଏବଂ ମାନସିକ ଅବସାଦର କାରଣ ସାଜିଛି। ବିଶେଷ କରି ଶିଶୁ ଏବଂ ବୃଦ୍ଧମାନେ ଏହାର ଶିକାର ହେଉଛନ୍ତି। କୋମଳମତି ଶିଶୁମାନଙ୍କର ଶ୍ରବଣ ସ୍ନାୟୁ ଏତେ ଶକ୍ତିଶାଳୀ ତରଙ୍ଗ ସହ୍ୟ କରିବାକୁ ଅସମର୍ଥ। ଚିକିତ୍ସା ବିଜ୍ଞାନ ଅନୁଯାୟୀ, ଗର୍ଭବତୀଙ୍କ କ୍ଷେତ୍ରରେ ଡିଜେ କମ୍ପନ ଗର୍ଭସ୍ଥ ଶିଶୁର ହୃଦ୍‌ସ୍ପନ୍ଦନ ଓ ସ୍ନାୟୁ ସଂସ୍ଥାନ ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ। ହୃଦ୍‌ରୋଗୀଙ୍କ ପାଇଁ ଡିଜେର କମ୍ପନ ଏକ ନୀରବ ହତ୍ୟାକାରୀ ଭଳି କାମକରେ। ପରିବେଶବିତ୍‌ଙ୍କ ମତରେ, ଧ୍ୱନି ପ୍ରଦୂଷଣ ଯୋଗ ପକ୍ଷୀ ବଂଶବୃଦ୍ଧି ପ୍ରକ୍ରିୟା ହରାଇ ବସୁଛନ୍ତି। ଡିଜେ ସମସ୍ୟାର ସମାଧାନ ପାଇଁ ପାରମ୍ପରିକ ବାଦ୍ୟଦଳକୁ ଉତ୍ସବମାନଙ୍କରେ ନିୟୋଜିତ କରାଯାଉ ଏବଂ ଏହି କଳାକାରଙ୍କୁ ଆର୍ଥିକ ସହାୟତା ଦିଆଯାଉ।

-ଅଖିଳ ତରାଇ, ଗଞ୍ଜାମ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ପରାଣ ପ୍ରିୟ ଦେଖ ହେ ଶଶି
କ୍ଳାନ୍ତ କବି ନୟନେ ହସି
ଦେଖରେ ଦେଖ କଜଳ ଘନ,
ନିରାଶେ ପଥେ ରହିଛି ବସି ।
-(କବିର ବ୍ୟଥା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ବିଜେଡିରେ ଯୋଗଦେଲେ ରଘୁ, ଜୀବନ

ଭୁବନେଶ୍ୱର,୨୫।୩ (ସୁନିତ୍ ମିଶ୍ର)

ବାଲେଶ୍ୱର ଜିଲାର ୨ ଭାଜପା ନେତା ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି ଓ ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାସ ବୁଧବାର ବିଧିବଦ୍ଧ ଭାବେ ବିଜେଡିରେ ଯୋଗଦେଇଛନ୍ତି। ବାଲେଶ୍ୱର ଜିଲାର ଶତାଧିକ କର୍ମୀ ଓ ଦଳର ବରିଷ୍ଠ ନେତାମାନଙ୍କ ଉପସ୍ଥିତିରେ ବିଜେଡି ସଭାପତି ନବୀନ ପଟ୍ଟନାୟକ ଉଭୟ ନେତାଙ୍କୁ ନବୀନ ନିବାସରେ ଦଳକୁ ସ୍ୱାଗତ କରିଛନ୍ତି। ଏହି ୨ ଅଭିଜ୍ଞ ନେତାଙ୍କ ଯୋଗଦାନ ପରେ ବିଜେଡି ପୁନର୍ବାର ଶକ୍ତିଶାଳୀ ହୋଇପାରିବ ବୋଲି ବିଶ୍ୱାସ କରାଯାଉଥିବା ନବୀନ କହିଛନ୍ତି।

ଶଙ୍ଖ ଭବନଠାରେ ବାଲେଶ୍ୱର ଜିଲାର ସମସ୍ତ ବିଜେଡି ବିଧାୟକ ଓ ଅନ୍ୟ ନେତୃବୃନ୍ଦଙ୍କ ଉପସ୍ଥିତିରେ ୨ ନେତା ବିଜୁ ଜନତା ଦଳରେ ଯୋଗଦେଇଥିବାରୁ ନିଜର ଖୁସି ବ୍ୟକ୍ତ କରିଥିଲେ। ଏହି ଅବସରରେ ରଘୁନାଥ ମହାନ୍ତି କହିଛନ୍ତି, ଦଳର ଶୃଙ୍ଖଳିତ କର୍ମୀ ଭାବେ କାମ କରିବୁ। ବିଜୁ ଜନତା ଦଳ ବାଲେଶ୍ୱର ଜିଲାରେ କିପରି ସୁସଂଗଠିତ ହୋଇପାରିବ ସେଥିପାଇଁ କାର୍ଯ୍ୟ କରିବେ। ବିଜୁବାବୁଙ୍କ ସମୟରୁ ତାଙ୍କ ସହ କାର୍ଯ୍ୟ କରିବାର ସୁଯୋଗ ପାଇଛି। ପରେ ବିଜେଡି ଗଠନ ବେଳେ ଜଣେ ପ୍ରତିଷ୍ଠିତ ସଭ୍ୟ ଭାବେ କାର୍ଯ୍ୟ କରିଥିଲି। ଜୀବନ ପ୍ରଦୀପ ଦାସ କହିଛନ୍ତି, ୫ ବର୍ଷ ବିଜେଡି ବାହାରେ ରହିବା ପରେ ଦଳକୁ ପୁନର୍ବାର ପ୍ରତ୍ୟାବର୍ତ୍ତନକରି ଅତ୍ୟନ୍ତ ଆନନ୍ଦିତ। ବାଲେଶ୍ୱର ଜିଲାରେ ବିଜେଡି କିପରି ସୁସଂଗଠିତ ହୋଇପାରିବ, ସେଥିପାଇଁ ନବୀନବାବୁଙ୍କ ନିର୍ଦ୍ଦେଶକ୍ରମେ ଜଣେ ଶୃଙ୍ଖଳିତ ସଦସ୍ୟ ଭାବେ କାର୍ଯ୍ୟ କରିବି।



ନବୀନ ନିବାସରେ ବୁଧବାର ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ସମର୍ଥକଙ୍କ ସହ ରଘୁନାଥ ମହାନ୍ତି ଓ ଜୀବନ ପ୍ରଦୀପ ଦାଶ।

- ନବୀନଙ୍କ ନିର୍ଦ୍ଦେଶରେ ଜଣେ ଶୃଙ୍ଖଳିତ କର୍ମୀ ଭାବେ କାର୍ଯ୍ୟ କରିବି: ରଘୁ
- ବାଲେଶ୍ୱରରେ ବିଜେଡି ପୁଣି ଥରେ ୧ ନମ୍ବର ଦଳ ହେବ: ଜୀବନ

ସୂଚନାଯୋଗ୍ୟ, ନିକଟରେ ଶେଷ ହୋଇଥିବା ରାଜ୍ୟ ସଭା ନିର୍ବାଚନ ପୂର୍ବରୁ ବାଲେଶ୍ୱରର ପୂର୍ବତନ ବିଜେଡି ଏମ୍‌ପି ରବୀନ୍ଦ୍ର ଜେନା ଭାଜପାରେ ଯୋଗଦେଇଛନ୍ତି। ରବୀନ୍ଦ୍ରଙ୍କ ସ୍ତ୍ରୀ ବସ୍ତା ନିର୍ବାଚନମଣ୍ଡଳୀର ବିଜେଡିରୁ ବିଧାୟିକା ହୋଇଥିବା ସୁବାସିନୀ ଜେନା ଦଳୀୟ ହ୍ୱିପ୍ ନ ମାନି ରାଜ୍ୟ ସଭା ନିର୍ବାଚନରେ କ୍ରସ୍‌ଭୋଟିଂକରି ଦଳରୁ ନିଲମ୍ବନ ହୋଇଛନ୍ତି। ଜୀବନ ପ୍ରଦୀପ ଦାସ ବିଜେଡିରୁ ବିଧାୟକ ଥିଲେ ମାତ୍ର ପରବର୍ତ୍ତୀ ସମୟରେ ଦଳରୁ ଟିକେଟ ନ ପାଇବାରୁ ଭାଜପାରେ ମିଶିଥିଲେ। ରବୀନ୍ଦ୍ର ଭାଜପାରେ ଯୋଗଦେବା ପରେ ଜୀବନ ପୁଣିଥରେ ବିଜେଡିରେ ଯୋଗ ଦେଇଛନ୍ତି। ସେହିପରି ରଘୁନାଥ ମହାନ୍ତି ବିଜେଡିରୁ ବିଧାୟକ ଓ ମନ୍ତ୍ରୀ ଥିଲେ। ପରବର୍ତ୍ତୀ ସମୟରେ ତାଙ୍କର କିଛି ପାରିବାରିକ କଳହ ପାଇଁ ଟିକେଟରୁ ବଞ୍ଚିତ ହୋଇ ଦଳ ଛାଡ଼ିଥିଲେ। ବର୍ତ୍ତମାନ ବାଲେଶ୍ୱର ଜିଲାରେ ବିଜେଡିର ସଂଗଠନକୁ ସୁଦୃଢ଼ ଲକ୍ଷ୍ୟରେ ଉଭୟ ରଘୁ ଏବଂ ଜୀବନଙ୍କୁ ଦଳରେ ପୁଣି ସାମିଲ କରାଯାଇଥିବା ଚର୍ଚ୍ଚା ହେଉଛି।

# ଅଲୋଡ଼ାଙ୍କୁ ଭରସା: ସରଗରମ ବାଲେଶ୍ୱର ରାଜନୀତି

ବାଲେଶ୍ୱର,୨୫।୩ (ବାଞ୍ଛାନିଧି ଦେ)

ବାଲେଶ୍ୱର ରାଜନୀତିରେ ଘଡ଼ିକେ ଘୋଡ଼ା ଛୁଟୁଛି। ଗତ କିଛିଦିନ ଧରି ଜିଲାର ରାଜନୈତିକ ବାତାବରଣ ସରଗରମ ରହିଛି। ପୂର୍ବତନ ଏମ୍‌ପି ରବୀନ୍ଦ୍ର କୁମାର ଜେନା ଭାଜପାରେ ମିଶିବା ପରେ ଜିଲା ରାଜନୀତି ଚଳଚଞ୍ଚଳ ହୋଇଉଠିଛି। ରବୀନ୍ଦ୍ରଙ୍କ ସହ ତାଙ୍କୁ ସମର୍ଥନ କରୁଥିବା ବହୁ ବରିଷ୍ଠ, ଯୁବ, ଛାତ୍ରନେତା ବିଜେଡି ଛାଡ଼ି ପଦ୍ମ ଧରିଛନ୍ତି। ଅପରପକ୍ଷରେ ବସ୍ତା ବିଧାୟିକା ସୁବାସିନୀ ଜେନା ରାଜ୍ୟ ସଭା ନିର୍ବାଚନରେ କ୍ରସ୍ ଭୋଟିଂ କରି ଦଳରୁ ନିଲମ୍ବିତ ହେବା ପରେ ଏହି ନିର୍ବାଚନମଣ୍ଡଳୀର ବହୁ ଆଗଧାଡ଼ିର ନେତା, କର୍ମୀ ମଧ୍ୟ ବିଜେଡି ଛାଡ଼ିଛନ୍ତି। ଏହାକୁ ଘେନି ଜିଲାରେ ବିଜେଡିକୁ ଶକ୍ତ ଝଟକା ଦେଇଛି। ଏଠାରେ ଭାଜପା ଶକ୍ତି ବୃଦ୍ଧି ହେଉଥିବାରୁ ବିଜେଡି ଏବେ ଅଲୋଡ଼ା ନେତାଙ୍କୁ ଭରସା କରିଛି। ଏହି କ୍ରମରେ ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି ଓ ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ ବୁଧବାର ନବୀନନିବାସ ଯାଇ ପୁଣି ବିଜେଡିକୁ ଫେରିଛନ୍ତି। ଉଭୟଙ୍କ ପରିବାର ସଦସ୍ୟ ଓ ସମର୍ଥକମାନେ ମଧ୍ୟ ଶଙ୍ଖ ଦଳରେ ସାମିଲ ହୋଇଛନ୍ତି। ଉଭୟ ନେତା ବିଜେଡିକୁ ଫେରିବା ପରେ ଦଳର ସାଙ୍ଗଠନିକ ଚିତ୍ର ବଦଳିଯିବ ବୋଲି ଦଳୀୟ ନେତା, କର୍ମୀଙ୍କ ମଧ୍ୟରେ ଚର୍ଚ୍ଚା ହେଲାଣି।

ପୂର୍ବରୁ ଜିଲା ବିଜେଡିର ଦାୟିତ୍ୱ ରବୀନ୍ଦ୍ରଙ୍କ ନିକଟରେ ଥିଲା। ଦଳ ତାଙ୍କ ନେତୃତ୍ୱକୁ ଭରସାକରି ୨ଥର ଜିଲା ସଭାପତି ଓ ୨ଥର ଏମ୍‌ପି ଟିକେଟ୍ ଦେଇଥିଲା। ୨୦୧୯ ନିର୍ବାଚନ ପରଠାରୁ ଜିଲା ବିଜେଡିରେ ଅନ୍ତର୍କଳହ ଦେଖାଦେଇଥିଲା। ପୂର୍ବତନ ବିଧାୟକ ସ୍ୱରୂପ ଦାସ ଏବଂ ରବୀନ୍ଦ୍ରଙ୍କ ଗୋଷ୍ଠୀ ସମାନ୍ତରାଳ ଭାବେ ଦଳୀୟ କାର୍ଯ୍ୟ କରୁଥିଲେ। ସେହିପରି ୨୦୧୯ରେ ପୂର୍ବତନ ମନ୍ତ୍ରୀ ରଘୁନାଥ ଭାଜପାରେ ଯୋଗଦେଇ ସହ ବସ୍ତା ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀ ଭାବେ ଟିକେଟ ପାଇଥିଲେ। କିନ୍ତୁ ୨୦୨୪ ନିର୍ବାଚନ ପୂର୍ବରୁ ସେ ମଧ୍ୟ ଭାଜପାରୁ ଇସ୍ତଫା ଦେଇଥିଲେ। ବିଜେଡିର ଏମ୍‌ପି ଟିକେଟ ତାଙ୍କୁ ମିଳିବ ବୋଲି ସେତେବେଳେ ଚର୍ଚ୍ଚା ହୋଇଥିଲା। ମାତ୍ର ଭାଜପାରୁ ଆସିଥିବା ଡ. ଲେଖାଶ୍ରୀ ସାମନ୍ତସିଂହାରଙ୍କୁ ବିଜେଡିରୁ ଏମ୍‌ପି ଟିକେଟ ମିଳିଥିଲା। ଫଳରେ ରଘୁନାଥ ଅଲୋଡ଼ା ହୋଇ ରହିଥିଲେ। ସେହିପରି ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ ୨୦୦୯ରୁ ୨୦୧୯ ମଧ୍ୟରେ ୨ଥର ବିଜେଡିରୁ ବିଧାୟକ ହୋଇଥିଲେ। ୨୦୧୯ ନିର୍ବାଚନରେ ସେ ଭାଜପା ବିଧାୟକ ପ୍ରାର୍ଥୀ ମଦନ ମୋହନ ଦତ୍ତଙ୍କଠାରୁ ପରାଜିତ ହୋଇଥାଇଥିଲେ। ପରେ ୨୦୨୦ ଉପନିର୍ବାଚନରେ ବିଜେଡି ତାଙ୍କ ପରିବର୍ତ୍ତେ ସ୍ୱରୂପ ଦାସଙ୍କୁ ପ୍ରାର୍ଥୀ କରିଥିଲା। ଦଳବିରୋଧୀ କାର୍ଯ୍ୟ ଅଭିଯୋଗରେ ତାଙ୍କୁ ନିଲମ୍ବନ କରାଯାଇଥିଲା। ସେ ମଧ୍ୟ ଦଳରୁ ଅଲୋଡ଼ା ହୋଇ ରହିବାରୁ ୨୦୨୧ରେ ଭାଜପାରେ ଯୋଗଦେଇଥିଲେ। ରବୀନ୍ଦ୍ର ଭାଜପାରେ ଯୋଗଦେବା ପରେ ସେ ଗତ ୧୩ ତାରିଖରେ ଭାଜପାର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଥିଲେ। ତେବେ ନିଲମ୍ବନ ପରେ ସୁବାସିନୀ ଲଙ୍ଗଳେଶ୍ୱରସ୍ଥିତ ତାଙ୍କ ବାସଭବନରେ ନିଜର ଶକ୍ତି ପ୍ରଦର୍ଶନ କରିଥିଲେ। ଭବିଷ୍ୟତରେ ସେ ଭାଜପାରେ ସାମିଲ ହେବା ଆଶଙ୍କାକରି ବିଜେଡିର ଗଡ଼ କୁହାଯାଉଥିବା ବସ୍ତା ନିର୍ବାଚନମଣ୍ଡଳୀରେ ସଙ୍ଗଠନର ସ୍ଥିତି ସୁଦୃଢ଼ ରଖିବା ପାଇଁ ବିଜେଡି ଜିଲା ସଭାପତି ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ଡ. ଲେଖାଶ୍ରୀ ସାମନ୍ତସିଂହାର, ପୂର୍ବତନ ବିଧାୟକ ସ୍ୱରୂପ ଦାସ, ସୁକାନ୍ତ ନାୟକ ପ୍ରମୁଖ ଅକସ୍ମାତ୍ ପୂର୍ବତନ ବିଧାୟକ ନିତ୍ୟାନନ୍ଦ ସାହୁଙ୍କ ବାସଭବନରେ ପହଞ୍ଚି ଗୁରୁତ୍ୱପୂର୍ଣ୍ଣ ବୈଠକ କରିଥିଲେ। କର୍ମୀମାନଙ୍କୁ ଦଳ ନ ଛାଡ଼ିବା ପାଇଁ ଆହ୍ୱାନ ଦେଇଥିଲେ। ତେବେ ଭାଜପାର ଡବଲ ଇଞ୍ଜିନ ସରକାର ଚାଲିଥିବା ବେଳେ ବିଜେଡି ଏବେ ଅଲୋଡ଼ାଙ୍କୁ ଭରସାକରି କେତେ ସଫଳତା ପାଇବ, ତାହାକୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଜୋର୍ ଧରିଛି।

## ତୃତୀୟ ପୃଷ୍ଠାରୁ

### ପିଏନ୍‌ଜି ନେବାକୁ...

ଭିତ୍ତିହୀନ ବୋଲି ଭାରତ ପେଟ୍ରୋଲିୟମ୍ କର୍ପୋରେଶନ ଲିଃ (ବିପିସିଏଲ୍) କହିଛି। ଦେଶରେ ପର୍ଯ୍ୟାପ୍ତ ପରିମାଣର ଅଶୋଧିତ ତୈଳ, ପେଟ୍ରୋଲ, ଡିଜେଲ ଏବଂ ଏଟିଏଫ୍ ମହଜୁଦ ଥିବା ବିନା ବାଧାରେ ଯୋଗାଣ ଶୃଙ୍ଖଳ ସହଜରେ ଚାଲିଥିବା ବିପିସିଏଲ୍ କହିଛି। ହିନ୍ଦୁସ୍ଥାନ ପେଟ୍ରୋଲିୟମ୍ ଲିଃ ମଧ୍ୟ ଅନୁରୂପ କଥା କହିଛି।

ସୂଚନାଯୋଗ୍ୟ, ଭାରତର ରଣନୈତିକ ଅଶୋଧିତ ତୈଳ ଭଣ୍ଡାର ମାତ୍ର ୯.୫ ଦିନର ଚାହିଦାକୁ ପୂରା ଦମ୍‌ରେ ପୂରଣ କରିପାରିବାକୁ ଥିବାବେଳେ ବର୍ତ୍ତମାନର ଗଚ୍ଛିତ ସ୍ତର ତାହାଠାରୁ ଯଥେଷ୍ଟ କମ୍ ବୋଲି ସୂଚନା ଅଧିକାର ଆଇନ ବଳରେ ମିଳିଥିବା ସରକାରୀ ତଥ୍ୟରୁ ଜଣାପଡ଼ିବା ପରେ ଆଗାମୀ ଦିନରେ ତୈଳ ମିଳି ନ ପାରେ ବୋଲି ଲୋକେ ଆଶଙ୍କା ପ୍ରକଟ କରିଥିଲେ।

### କଳାପୋଷାକ...

ହେବାମାତ୍ରେ ଏସ୍‌ସିବି ଅଗ୍ନିକାଣ୍ଡ ଘଟଣାକୁ ବିରୋଧୀ ବିଜେଡି ଓ କଂଗ୍ରେସ କଳାପୋଷାକ ପିନ୍ଧି ଗୃହର ମଧଭାଗକୁ ପ୍ରବେଶ କରିଥିଲେ। ସ୍ୱାସ୍ଥ୍ୟ ବିଭାଗର 'ରାମ ନାମ ସତ୍ୟ ହେ' ମୁଖ୍ୟମନ୍ତ୍ରୀ ଦୁର୍ବଳ, ସ୍ୱାସ୍ଥ୍ୟମନ୍ତ୍ରୀ ଶକ୍ତିଶାଳୀ ଭଳି ବିଭିନ୍ନ ସରକାର ବିରୋଧୀ ନାରା ଦେଇ ଗୃହ କମ୍ପାଇଥିଲେ। ବିଜେଡି ସଦସ୍ୟ ବ୍ରଜ ପ୍ରଧାନ, ଦିବ୍ୟଶଙ୍କର ମିଶ୍ର, ସାରଦା ପ୍ରସନ୍ନ ଜେନା, ଧ୍ରୁବଚରଣ ସାହୁ, ସୁଶାନ୍ତ ରାଉତ, ରାଘବ ଧଡ଼ା, କଂଗ୍ରେସ ସଦସ୍ୟ ମଙ୍ଗୁ ଖିଲ, ପବିତ୍ର ସାଉଁନ୍ତା ପ୍ରମୁଖ ବାଚସ୍ପତିଙ୍କ ପୋଡିୟମ ଉପରକୁ ଉଠିବାପାଇଁ ଉଦ୍ୟମ କରିବା ସହ ପୋଡିୟମ ପିଟିଥିଲେ। ଗୃହରେ ଅସ୍ୱାଭାବିକ ସ୍ଥିତିକୁ ନେଇ ବାଚସ୍ପତି ୧୦ଟା ୩୩ ମିନିଟ୍‌ରୁ ସାଢ଼େ ୧୧ଟା ଯାଏ ମୁଲତବୀ ଘୋଷଣା କରିଥିଲେ। ଶୂନ୍ୟକାଳ ଆରମ୍ଭ ହେବାମାତ୍ରେ ବିରୋଧୀ ସଦସ୍ୟମାନେ ଅନୁରୂପ ଭାବେ ସରକାର ବିରୋଧୀ ନାରା ଦେବା ସହିତ ମୁଖ୍ୟମନ୍ତ୍ରୀ ଡାଉନ୍ ଡାଉନ୍ କହି ଗୃହ କମ୍ପାଇଥିଲେ। ସିପିଆଇଏମ୍ ସଦସ୍ୟ ଲକ୍ଷ୍ମଣ ମୁଣ୍ଡା ରିପୋର୍ଟର୍ସ ଟେବୁଲ ଉପରେ ଶୋଇ ପ୍ରତିବାଦ କରିଥିଲେ।

ଭାଜପା ସଦସ୍ୟ ଟଙ୍କଧର ତ୍ରିପାଠୀ କହିଥିଲେ, ଦଳୀୟ ସ୍ୱାର୍ଥ ସାଧନ ପାଇଁ ବିରୋଧୀ ଏହି ନାଟକବାଜି କରୁଛନ୍ତି। ଏହାଦ୍ୱାରା ଓଡ଼ିଶାର ସାଢ଼େ ୪କୋଟି ଲୋକଙ୍କ ରାଜସ୍ୱ ନଷ୍ଟ ହେଉଛି। ବିରୋଧୀଦଳ ନେତା ମଙ୍ଗଳବାର ଏସ୍‌ସିବି ଦୁର୍ଘଟଣାସ୍ଥଳକୁ କେନ୍ଦ୍ରମନ୍ତ୍ରୀ କେହି ନ ଆସିବା ଉପରେ ଯେଉଁ ଟିପ୍ପଣୀ ରଖିଛନ୍ତି, ସେ ଜାଣି ରଖିବା ଉଚିତ ଯେ ସମ୍ ହସ୍ପିଟାଲ ଅଗ୍ନିକାଣ୍ଡ ବେଳେ ନବୀନ ନିଜେ ଘଟଣାସ୍ଥଳକୁ ଯିବାକୁ ଉଚିତ ମଣି ନ ଥିଲେ। ବିରୋଧୀ ବିଧାନସଭାର ଅପବ୍ୟବହାର କରୁଛନ୍ତି। କାଳେ ବିଜୁ-ନବୀନ ଇନ୍‌ଭେଷ୍ଟମେଣ୍ଟ ଟ୍ରଷ୍ଟ ସମ୍ପର୍କରେ ସତ୍ୟ ପଦାକୁ ଆସିଯିବ, ଦଳୀୟ ଅନ୍ତକନ୍ଦଳ ଧରାପଡିଯିବ ସେହି ଭୟରେ ଗୃହ ଚଳାଇ ଦେଉନାହାନ୍ତି। ବିଭିନ୍ନ ଜିଲାରେ ବିଜେଡି ଖଣ୍ଡ ଖଣ୍ଡ ହୋଇଗଲାଣି। ବିଜେଡି ଛି ଛି କହି ଟଙ୍କଧର ଭର୍ତ୍ସନା କରିଥିଲେ। ଭାଜପା ସଦସ୍ୟ ସୀମାରାଣୀ ନାୟକ, ଲକ୍ଷ୍ମଣ ମୁଣ୍ଡା, ସରୋଜ ପାଢ଼ୀ, ବାବୁ ସିଂ, ପ୍ରତାପ ପ୍ରଧାନ, ପଦ୍ମଲୋଚନ ପଣ୍ଡା ପ୍ରମୁଖ ବିରୋଧୀଙ୍କ ଏହି ନାଟକବାଜିକୁ ନେଇ ବର୍ଷିଥିଲେ। ନବୀନଙ୍କ ଗଞ୍ଜି କଂଗ୍ରେସ ପିନ୍ଧିଛି, ବିଜେଡିରେ କଂଗ୍ରେସ ବିଲୋପ ହେବ। ଏହି ଡ୍ରାମା କେବଳ ଓଡ଼ିଶାକୁ ଲୁଟିବାପାଇଁ ବୋଲି ଶାସକଦଳ ସଦସ୍ୟମାନେ କହିଥିଲେ।

ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଗୃହରେ କହିଥିଲେ, ପ୍ରଥମ ପର୍ଯ୍ୟାୟରେ ଚାଷୀଙ୍କଠାରୁ ଧାନକିଣା କଥା ଉଠାଇ ଗୃହ ଅଚଳ କରିଥିଲେ। ମାତ୍ର ଧାନକିଣାକୁ ନେଇ ବିରୋଧୀଙ୍କୁ ଶୂନ୍ ସମର୍ଥନ ମିଳିଛି। ଏବେ ଏସ୍‌ସିବି ଭଳି ଏକ ଦୁର୍ଘଟଣାକୁ ନେଇ ବିରୋଧୀ ରାଜନୀତି କରୁଛନ୍ତି। ୨୪ବର୍ଷର ତତ୍କାଳୀନ ମୁଖ୍ୟମନ୍ତ୍ରୀ ଗୋଟିଏ ବି ପ୍ରସଙ୍ଗ ଘଟଣାସ୍ଥଳକୁ ଯିବାକୁ ପସନ୍ଦ କରୁ ନ ଥିଲେ। ବିରୋଧୀ ଯେଉଁ ଅବାସ୍ତବ, ଅଗଣତାନ୍ତ୍ରିକ ଉପାୟ ଅବଲମ୍ବନ କରିଛନ୍ତି ସେଥିରେ ଆଦୌ ସଫଳ ହେବେ ନାହିଁ ବୋଲି ହରିଚନ୍ଦନ କହିଥିଲେ। ବିଧାନସଭା ଚାଲିବା ପାଇଁ ପ୍ରତିଦିନ ୬୮ରୁ ୭୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ ହେଉଛି। ଇତିମଧ୍ୟରେ ୧୧.୦୯କୋଟି ଟଙ୍କା ଖର୍ଚ୍ଚ ହେଲାଣି ବୋଲି କହିଥିଲେ। ସେହିପରି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଥିଲେ, ୨୦୨୯ରେ ୧୫ଲକ୍ଷ ଯୁବ ଭୋଟର ଯୋଡ଼ିହେବେ। ସେମାନେ କ'ଣ ଶିଖିବେ। ଟେବୁଲ ଉପରେ ଯେଉଁ ବିଧାୟକ ଶୋଇଲେ ତାଙ୍କ ଅଞ୍ଚଳରେ ଲୋକେ କି ନ୍ୟାୟ ପାଇବେ ବୋଲି ମନ୍ତ୍ରୀ ପ୍ରଶ୍ନ କରିଥିଲେ। ଗୃହ ବାହାରେ ସରକାରଙ୍କ ବିରୋଧରେ ବିଜେଡି ଓ କଂଗ୍ରେସ ବିଭିନ୍ନ ପ୍ରକାର ବିକ୍ଷୋଭ ପ୍ରଦର୍ଶନ କରିଥିବା ବେଳେ ଭାଜପା ପକ୍ଷରୁ ଏହାର ଜବାବ ରଖାଯାଇଥିଲା।

### ନିଷିଦ୍ଧାଞ୍ଚଳରେ...

ଧରିବା କଷ୍ଟକର। ଏହି ସୀମାବଦ୍ଧତାକୁ ଦୂର କରିବା ପାଇଁ ଏନ୍‌ଆଇଟି ରାଉରକେଲାର ଗବେଷକଦଳ ଏକ ସମ୍ପୂର୍ଣ୍ଣ ସ୍ୱୟଂଚାଳିତଙ୍ ଅଣ-ଅନୁପ୍ରବେଶକାରୀ ପ୍ରଣାଳୀ ବିକଶିତ କରିଛନ୍ତି, ଯାହା ଥର୍ମାଲ ଇମେଜିଂ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି ବ୍ୟକ୍ତିମାନଙ୍କୁ ସନ୍ଧାନ, ଚିହ୍ନଟ ଓ ଧରିପାରିବ। ସିଆରଜି/୨୦୧୯/୦୦୧୪୧୪୧ ଅନୁଦାନ ସଂଖ୍ୟା ଅଧୀନରେ ଭାରତ ସରକାରଙ୍କ ସାଇନ୍ସ ଆଣ୍ଡ୍ ଇଞ୍ଜିନିୟରିଂ ରିସର୍ଚ୍ଚ ବୋର୍ଡ (ଏସ୍‌ଇଆର୍‌ବି) ସହାୟତାରେ ବିକଶିତ ଏହି ନବସୃଜନ ସନ୍ଦେହଜନକ କାର୍ଯ୍ୟକଳାପ ଉପରେ ନଜର ରଖିବା ପାଇଁ ଡିଜାଇନ କରାଯାଇଛି। ଗବେଷକ ଦଳ ମଣିଷର ଚାଲିବା ଶୈଳୀକୁ ଏକ ବାୟୋମେଟ୍ରିକ ଚିହ୍ନଟକାରୀ ଭାବରେ ବ୍ୟବହାର କରିଛନ୍ତି, ଯଦ୍ୱାରା ମାନୁଆଲ୍ ତଦାରଖର ଆବଶ୍ୟକତା ହ୍ରାସ ପାଇଥାଏ। ପ୍ରତିବନ୍ଧିତ କ୍ଷେତ୍ରରେ ପ୍ରବେଶ କରୁଥିବା ବ୍ୟକ୍ତିଙ୍କ ଚାଲିବା ଶୈଳୀକୁ ଅଧିକୃତ ବ୍ୟକ୍ତିଙ୍କ ଚାଲିବା ସହ ତୁଳନା କରି ସନ୍ଦେହଜନକ ଭାବରେ ଚିହ୍ନଟ କରିଥାଏ। ୟୁଏସ୍‌ବି ଇଣ୍ଟରଫେସ ମାଧ୍ୟମରେ ଏକ କେନ୍ଦ୍ରୀୟ ସର୍ଭର ସହିତ ସଂଯୋଗ ହୋଇଥିବା ୩ଟି ଥର୍ମାଲ କ୍ୟାମେରା ସହିତ ଏକ କାର୍ଯ୍ୟକାରୀ ପ୍ରୋଟୋଟାଇପ୍ ବିକଶିତ କରିଛି। ସେହିପରି ଯଦି ଜଣେ ବ୍ୟକ୍ତି ପ୍ରତିବନ୍ଧିତ କ୍ଷେତ୍ରରୁ ପ୍ରସ୍ଥାନ କରନ୍ତି, ତେବେ ସେମାନଙ୍କ ଅସ୍ଥାୟୀ ରେକର୍ଡ ଡିଲିଟ୍ ହୋଇଯାଇଥାଏ। ତେବେ ଭବିଷ୍ୟତର ସନ୍ଦର୍ଭ ଓ ଫୋରେନସିକ୍ ବ୍ୟବହାର ପାଇଁ ତଥ୍ୟ ସୁରକ୍ଷିତ ରହିଥାଏ। ଗବେଷକ ଦଳର ପ୍ରମୁଖ ପ୍ରଫେସର ଆଡି କହିଛନ୍ତି, ୧.୯୦ଲକ୍ଷ ଟଙ୍କା ବ୍ୟୟରେ ଏହା ବିକଶିତ ହୋଇଛି। ସ୍ୱୟଂଚାଳିତ ମଲ୍ଟିକ୍ୟାମେରା ଟ୍ରାକ୍ ସମସ୍ତ ନିର୍ବିଘ୍ନରେ ନିରୀକ୍ଷଣ କରିଥାଏ। କମ୍ ଦୃଶ୍ୟମାନ ଓ ଜଟିଳ ପରିବେଶ ଭଳି ଆହ୍ୱାନମୂଳକ ପରିସ୍ଥିତିରେ ନିର୍ଭରଯୋଗ୍ୟ ଭାବରେ କାର୍ଯ୍ୟ କରିବା ପାଇଁ ଡିଜାଇନ କରାଯାଇଛି। ପ୍ରତିରକ୍ଷା, କର୍ପୋରେଟ୍ ଓ ଶୈକ୍ଷିକ ସଂସ୍ଥାଗୁଡ଼ିକରେ ଏହା ବେଶ୍ ଉପଯୋଗୀ ହେବ ବୋଲି ପ୍ରଫେସର ଆଡି କହିଛନ୍ତି।

### ମେ' ୫ରୁ...

ପର୍ଯ୍ୟନ୍ତଛାତ୍ରୀଛାତ୍ରମାନେସାମ୍ସପୋର୍ଟାଲକୁଯାଇସିପିଇଟିପ୍ରବେଶିକା ପରୀକ୍ଷା ପାଇଁ ଆବେଦନ କରିଥିଲେ। ଆବେଦନକାରୀମାନଙ୍କ ତଥ୍ୟ ମାର୍ଚ୍ଚ ୨୬ରେ ଷ୍ଟେଟ ସିଲେକ୍ସନ ବୋର୍ଡକୁ ପ୍ରଦାନ କରାଯିବ। ଏପ୍ରିଲ ୩୦ରେ ପ୍ରବେଶିକା ପରୀକ୍ଷା ପାଇଁ ଆଡ୍‌ମିଟ୍ କାର୍ଡ ଉପଲବ୍ଧ ହେବ। ଛାତ୍ରୀଛାତ୍ରମାନେ ଏସ୍‌ଏସ୍‌ବି ୱେବ୍‌ସାଇଟ https://ssbodisha.ac.inକୁ ଯାଇ ଏପ୍ରିଲ ୩୦ରୁ ନିଜର ଆଡ୍‌ମିଟ୍ କାର୍ଡ ଡାଉନ୍‌ଲୋଡ୍ କରିପାରିବେ। ସ୍ନାତକୋତ୍ତର ପାଠ୍ୟକ୍ରମରେ ଛାତ୍ରୀଛାତ୍ରମାନଙ୍କ ଚୟନ ସିପିଇଟି ପ୍ରବେଶିକା ପରୀକ୍ଷା ମାର୍କ ଆଧାରରେ କରାଯିବ। ଏଥିସହ ଜୁଲାଇ ୧୦ ସୁଦ୍ଧା ସମସ୍ତ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରେ ସ୍ନାତକୋତ୍ତର ପାଠ୍ୟକ୍ରମ ଆରମ୍ଭ କରିବା ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଲକ୍ଷ୍ୟ ରଖାଯାଇଛି।

### ରାଜ୍ୟରେ...

ସଂଶୋଧନ ନିୟମ-୨୦୧୯ର ବ୍ୟବସ୍ଥା ଅନୁଯାୟୀ, ଉପଯୁକ୍ତ ଯାଞ୍ଚ ପରେ ବ୍ୟବସାୟିକ ପ୍ରତିଷ୍ଠାନ, ବାଣିଜ୍ୟିକ କମ୍ପ୍ଲେକ୍ସ, ଶିଳ୍ପ, ଶିକ୍ଷାନୁଷ୍ଠାନ ଏବଂ କ୍ଲିନିକାଲ୍ ପ୍ରତିଷ୍ଠାନଗୁଡ଼ିକୁ ୧୯୯୩ଟି ଅଗ୍ନି ନିରାପତ୍ତା ପ୍ରମାଣପତ୍ର, ୯୨୪ଟି ଅଗ୍ନି ନିରାପତ୍ତା ସୁପାରିସ୍ ଏବଂ ୬୫୭ଟି ଅଗ୍ନି ନିରାପତ୍ତା ପ୍ରମାଣପତ୍ରର ନବୀକରଣ କରାଯାଇଛି। ଏହି ସେବାଗୁଡ଼ିକ ଯୋଗାଇଦେଇ ୪.୮୦ କୋଟି ଟଙ୍କା ରାଜସ୍ୱ ସଂଗ୍ରହ କରାଯାଇ ସରକାରୀ ତହବିଲ୍‌ରେ ଜମା କରାଯାଇଛି ବୋଲି ଶ୍ୱେତପତ୍ରରେ ସରକାର ଦର୍ଶାଇଛନ୍ତି।


**OFFICE OF THE PRINCIPAL**
**D.A.V. AUTONOMOUS COLLEGE TITILAGARH**
Dayananda Vihar, Titilagarh, Dist.-Bolangir, Pin-767042
Email Id: principal.davcollege@gmail.com, Website:davcollegetitilagarh.org
NAAC ACCREDITED- "B+"
Letter No.345/ Date 25.03.2026

**QUOTATIONS CALL NOTICE**

Sealed quotations are invited separately from interested registered manufactures/firms/suppliers/authorised dealers having PAN/GST registration number with IT clearance for the supply and installation of Desktop Computer (ALL in One), Uninterrupted Power Supply (UPS) system/ Inverter and Multi-function Printers (MFP) for the college by Speed Post / Registered Post/ Courier/ e-mail within 07 days from the publication of notice. For specification please visit college website www.davcollegetitilagarh.org. The undersigned reserved the right to cancel part or whole of quotations without specifying any reason thereof. In case of any doubt, you can contact Office of the Principal Mob-9078110060.

Sd./- Principal
D.A.V. Autonomous College, Titilagarh



GOVERNMENT OF ODISHA No. 34001/257/2526
**OFFICE OF THE CHIEF CONSTRUCTION ENGINEER, SOUTHERN (R&B) CIRCLE, BERHAMPUR**
Phone: 0680-2281582, e-mail: ccescbam@gmail.com
**INVITATIONS FOR BIDS (IFB) [e-Procurement]**
**Bid Identification No. CCE, SC (R&B)-BAM-18/2025-26**
No. 982 Dated: 20.03.2026

1) The Chief Construction Engineer, Southern (R&B) Circle, Berhampur on behalf of Governor of Odisha invites percentage rate bid in double cover system in ONLINE MODE from eligible contractors for construction of Building and Road works as detailed in the table below.
2) Nature of Work : Building and Road Works
3) No. of Work : 07 Nos.
4) Tender Cost : Rs.10,000/- (Online)
5) Class of Contractor : "B" Class / "A" Class
6) Availability of bid document in the website : 31.03.2026 10.00 A.M. to 15.04.2026 5.30 P.M.
7) Date of opening of Bid : 16.04.2026 at 11.30 A.M.
8) The bidders have to participate in ONLINE bidding only. Further details can be seen from the website https://tendersodisha.gov.in.
9) Any addendum/corrigendum/cancellation of tender can also be seen in the said website only.

Sd./- (Damodar Kaibartta)
Chief Construction Engineer
Southern (R&B) Circle, Berhampur
OIPR-34001/34103/1/25-26/0029



**ମହାନଦୀ କୋଲଫିଲ୍‌ଡସ ଲିମିଟେଡ୍**
(କୋଲ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା-୭୬୮୦୨୦, ଜିଲ୍ଲା-ସମ୍ବଲପୁର, ଓଡ଼ିଶା
ଟେଲିଫୋନ (ଇପିଏବିଏକ୍ସ)-୦୬୬୩-୨୫୪୨୪୬୧ ରୁ ୪୬୯,
ୱେବ୍‌ସାଇଟ୍ :www.mahanadicoal.in

ସନ୍ଦର୍ଭ ସଂଖ୍ୟା: SBP/MCL/IAD/CS&PVFA Auditors/2025-26/02, ତା.24.03.2026ରିଖ

**ବର୍ଷ ୨୦୨୬-୨୭ ରୁ ୨୦୨୮-୨୯ ପର୍ଯ୍ୟନ୍ତ ୩ ବର୍ଷ ଅବଧି ପାଇଁ ଆନ୍ତରିକ ଲେଖା ପରୀକ୍ଷକ ଏବଂ ଲିଡ୍ ଲେଖା ପରୀକ୍ଷକ (କୋଇଲା ବିକ୍ରୀ ଏବଂ ଫିକ୍ସଡ ଆସେଟ୍ସର ପ୍ରତ୍ୟକ୍ଷ ସତ୍ୟାପନ ର ଲେଖା ପରୀକ୍ଷା) ନିଯୁକ୍ତି ନିମନ୍ତେ ଆଗ୍ରହର ଅଭିବ୍ୟକ୍ତି ।**

ଏମ୍‌ସିଏଲର କ୍ଷେତ୍ର/ୟୁନିଟ୍/ମୁଖ୍ୟ ଏବଂ ଭୁବନେଶ୍ୱର କାର୍ଯ୍ୟାଳୟରେ କୋଇଲା ବିକ୍ରୀ ଲେଖା ପରୀକ୍ଷା (13 ଲେଖା ପରୀକ୍ଷା ସଂସ୍ଥା) ଏବଂ ଫିକ୍ସଡ ଆସେଟ୍ସର ପ୍ରତ୍ୟକ୍ଷ ସତ୍ୟାପନ (10 ଲେଖା ପରୀକ୍ଷା ସଂସ୍ଥା) କାର୍ଯ୍ୟ ନିର୍ବାହନ ପାଇଁ ଆନ୍ତରିକ ଲେଖା ପରୀକ୍ଷକ ଏବଂ ଲିଡ୍ ଲେଖା ପରୀକ୍ଷକ, ତେଇଶି (23) ଲେଖା ପରୀକ୍ଷା ସଂସ୍ଥା (02 ଲିଡ୍ ଲେଖା ପରୀକ୍ଷା ସଂସ୍ଥା ସହିତ)ମାନଙ୍କର 2026-27 ରୁ 2028-29 ପର୍ଯ୍ୟନ୍ତ 3 ବର୍ଷ ଅବଧି ପାଇଁ ନିଯୁକ୍ତି ନିମନ୍ତେ ଚୟନ ପାଇଁ ଭାରତର ଚାର୍ଟାଡ ଅକାଉଣ୍ଟାଣ୍ଟ ସଂସ୍ଥା / କଷ୍ଟ ଅକାଉଣ୍ଟାଣ୍ଟ ସଂସ୍ଥା ସହିତ ପଞ୍ଜୀକୃତ ଚାର୍ଟାଡ ଅକାଉଣ୍ଟାଣ୍ଟ / କଷ୍ଟ ଅକାଉଣ୍ଟାଣ୍ଟ ଭାବେ ଅଭ୍ୟାସଗତ ଚାର୍ଟାଡ ଅକାଉଣ୍ଟାଣ୍ଟ ଅଥବା କଷ୍ଟ ଅକାଉଣ୍ଟାଣ୍ଟ କିମ୍ବା ଏକ ସଂସ୍ଥା / ଏଲ୍‌ଏଲ୍‌ପିଙ୍କ ଠାରୁ ସିଆଇଏଲର ଇ-ପ୍ରୋକ୍ୟୋରମେଣ୍ଟ ପୋର୍ଟଲ (https://coalindiatenders.nic.in) ରେ ଇ-ଟେଣ୍ଡର ମାଧ୍ୟମରେ ଆଗ୍ରହର ଅଭିବ୍ୟକ୍ତି ଆହ୍ୱାନ କରାଯାଉଛି । ସମ୍ପୂର୍ଣ୍ଣ ସୂଚନା ପାଇଁ ଆଗ୍ରହୀ ସଂସ୍ଥା ସିଆଇଏଲ୍‌ର ଇ-ପ୍ରୋକ୍ୟୋରମେଣ୍ଟ ପୋର୍ଟଲ (https://coalindiatenders.nic.in) ରେ ଦେଖିବା ପାଇଁ ପରାମର୍ଶ ଦିଆଯାଉଛି । ବିଡ୍ ପ୍ରକାଶନର ତାରିଖ ଓ ସମୟ: 30.03.2026 ଅପରାହ୍ନ 17.00 ଘଣ୍ଟା (ଭାରତୀୟ ମାନକ ସମୟ) ଠାରୁ, ବିଡ୍ ଦାଖଲର ଅନ୍ତିମ ତାରିଖ ଓ ସମୟ: 16.04.2026 ଅପରାହ୍ନ 17.00 ଘଣ୍ଟା ପର୍ଯ୍ୟନ୍ତ । ବିଡ୍ ଖୋଲାହେବା ତାରିଖ ଓ ସମୟ: 17.04.2026 ପୂର୍ବାହ୍ନ 11.00 ଘଟିକା (ଭାରତୀୟ ମାନକ ସମୟ) । ଆଗ୍ରହୀ ସଂସ୍ଥାମାନଙ୍କୁ ସେମାନଙ୍କର ବିଡ୍ ଦାଖଲ କରିବା ପୂର୍ବରୁ ନିୟମିତ ଉପରୋକ୍ତ ୱେବସାଇଟ୍ ଦେଖିବାକୁ ପରାମର୍ଶ ଦିଆଯାଉଛି, କାରଣ ପରବର୍ତ୍ତୀ ଯେକୌଣସି ସୂଚନା କେବଳ ଏହି ୱେବସାଇଟ୍‌ରେ ପ୍ରକାଶ କରାଯିବ ।

R-5291 ମୁଖ୍ୟ ଆନ୍ତରିକ ଲେଖା ପରୀକ୍ଷା, ଏମ୍‌ସିଏଲ



SYNISE e-Sale & Sourcing
Opportunity to Buy
**Iron Oxide**
Interested Buyers Please Contact on below numbers :
8308810330 / 9163166805
swaruph@synise.com



**ପୂର୍ବ ତଟ ରେଳପଥ**
ଟେଣ୍ଡର ସଂ. CAOCRSPBBS-05-2026

**କାର୍ଯ୍ୟର ନାମ :** (1) ଖୋର୍ଦ୍ଧା ରୋଡ୍ ମଣ୍ଡଳ ଅଧିନସ୍ଥ ହାଓଡ଼ା-ଚେନ୍ନାଇ ମେନ୍ ଲାଇନରେ ବୈତରଣୀ ରୋଡ୍-କୋରାଇ ରେଳ ଷ୍ଟେସନ ମଧ୍ୟରେ ରେଳବାଇ କି.ମି. 325.625ଠାରେ ଲେଭେଲ କ୍ରସିଙ୍ଗ ନଂ. 134 ପରିବର୍ତ୍ତେ ଏକ ରୋଡ୍ ଓଭର ବ୍ରିଜ୍ (ROB)ର ନିର୍ମାଣ, ଯେଉଁଥିରେ ରେଳବାଇ ଅଂଶ ନିମନ୍ତେ (1 X 60.0 M) କ୍ୟାମେଲ ବ୍ୟାକ ଟାଇପ୍ ଟ୍ରସ୍ ଗର୍ଡର ଓ (1 X 36.0 M) କମ୍ପୋଜିଟ୍ ଗର୍ଡର (ବ୍ରିଜ୍ ପ୍ରପର) ଏବଂ ଆପ୍ରୋଚ ଅଂଶ ନିମନ୍ତେ ସାଥିପୁର ପାର୍ଶ୍ୱରେ 9 X 25.040 M RCC T-ବିମ୍ ଗର୍ଡର ଓ ବରୁଣଦେଇ ପାର୍ଶ୍ୱରେ 4 X 10.00 M + 4 X 9.00 M + 1 X 7.00 M ସଲିଡ୍ ସ୍ଲାବ୍ ଏବଂ 8 X 25.04 M RCC T-ବିମ୍ ଗର୍ଡର ଅନ୍ତର୍ଭୁକ୍ତ ।
(2) ହାଓଡ଼ା-ବିଶାଖାପାଟଣା ମେନ୍ ଲାଇନରେ କୋରାଇ ଏବଂ ବୈତରଣୀ ରୋଡ୍ ରେଳ ଷ୍ଟେସନ ମଧ୍ୟରେ କି.ମି. 331/28-26 F/HWH ଠାରେ ଲେଭେଲ କ୍ରସିଙ୍ଗ ନଂ. 137 ପରିବର୍ତ୍ତେ ଏକ ରୋଡ୍ ଓଭର ବ୍ରିଜ୍ (ROB)ର ନିର୍ମାଣ, ଯେଉଁଥିରେ ରେଳବାଇ ଅଂଶ ନିମନ୍ତେ ରଗାଡ଼ି ପାର୍ଶ୍ୱରେ ବ୍ରିଜ୍ ପ୍ରପର ଭାବେ (1 X 60.0 M) କ୍ୟାମେଲ ବ୍ୟାକ ଟାଇପ୍ ଟ୍ରସ୍ ଗର୍ଡର ଓ 1 X 18 M କମ୍ପୋଜିଟ୍ ଗର୍ଡର ଏବଂ କି.ମି. 331/28-26 F/HWH ଠାରେ ଆପ୍ରୋଚ ଅଂଶ ନିମନ୍ତେ ପାଣିକୋଇଲି ପାର୍ଶ୍ୱରେ 7 X 24.0 M RCC T-ବିମ୍ ଗର୍ଡର ଓ ଦେଉନମେଳା ପାର୍ଶ୍ୱରେ 7 X 24.0 M RCC T-ବିମ୍ ଗର୍ଡର ଅନ୍ତର୍ଭୁକ୍ତ ।

**ବିଜ୍ଞାପିତ ମୂଲ୍ୟ :** ₹ 148,36,84,368.35, EMD : ₹ 75,68,400/-, ଶେଷ ହେବା ଅବଧି: 24 ମାସ ।
ବିଡ୍ ଆରମ୍ଭ ହେବା ତାରିଖ : ତା.27.03.2026ରିଖ
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.10.04.2026ରିଖ 1200 ଘଟିକାରେ ।
ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଶୁଦ୍ଧିପତ୍ର www.ireps.gov.inରେ ଉପଲବ୍ଧ ଅଟେ ।

ଉପ ମୁଖ୍ୟ ଯନ୍ତ୍ରୀ / ନିର୍ମାଣ / RSP / ଭୁବନେଶ୍ୱର
PR-320/CI/25-26



**OFFICE OF THE PRINCIPAL, CHIEF CONSERVATOR OF FORESTS, KENDU LEAVES, ODISHA, BHUBANESWAR**
Plot No. GD 2/12, 5th Floor, Aranya Bhawan, Chandrasekharpur, Bhubaneswar, Odisha, PIN - 751023
Phone No.: 0674-2300915/2300916, E-mail ID: pccfkldak@gmail.com
**ABRIDGED TENDER CALL NOTICE**
File No. 3KL (WFA) 01/2026
No. 30 Dated: 25th, March, 2026

**PROCUREMENT OF HESSIAN CLOTH (SUPERIOR) AND HESSIAN TWINE**

Sealed tenders in prescribed format are invited from Companies/Firms/ Manufacturers/Traders of Hessian material for supply about 463 Bales of Hessian Cloth (Superior) and 12.00 MT of Hessian Twine for 2025 KL Crop Year. The tender document along with terms & conditions can be obtained from the O/o. the PCCF (KL), Odisha on submitting the proof of payment of Rs.10,000/- (Rupees ten thousand) only towards cost of tender paper (Non-refundable) in the (Account No. 32269698772 (State Bank of India, Fortune Towers Branch, IFSC Code: SBIN0004414. The tender document can also be downloaded from Kendu Leaf Organization Web Portal: https://kenduleaves.odisha.gov.in.

**SCHEDULE OF TENDER**

| Sale of Tender Document | On all working days from 25.03.2026 to 09.04.2026 |
|---|---|
| Cost of tender documetns (Non-refundable) | Rs.10,000/- |
| Last date of submission of tender | 09.04.2026 (5.00 P.M.) |
| Opening of Technical bid and evaluation | 10.04.2026 (11.00 A.M.) |
| Opening of Financial Bid | 10.04.2026 (4.00 P.M.) |

Sd./- ACCF (Kendu Leaves)



GOVERNMENT OF ODISHA
**OFFICE OF THE SUPERINTENDING ENGINEER BARGARH (R&B) DIVISION, BARGARH**
E-mail: eepwdbgh@gmail.com, Phone/Fax: 06646-234819
**INVITATIONS FOR BIDS (I.F.B.)**
No. 34001/270/2526 **e-Procurement Notice**
**IDENTIFICATION No. IFB-SE PWD BGH No. 29 of 2025-26**
No. 1738 Dated: 24.03.2026

1. The Superintending Engineer, Bargarh (R&B) Division, Bargarh on behalf of Governor of Odisha invites Percentage Rate bid in Single & Double Cover System in ONLINE MODE for the Civil & Electrical Works as detailed in the Detailed Tender Call Notice (D.T.C.N.) from the eligible class of contractors
2. No. of Civil & Electrical Work : 02 Nos.
3. Cost of Tender Paper : Rs.6,000/- & Rs.10,000/-
4. Class of Contractor : "B" Class Contractor & "HT" Electrical Contractor
5. Date & time of available in website & receipt of Bids : 11.00 Hrs. of 26.03.2026 to 17.00 Hrs. of 06.04.2026
6. Date of Opening of Technical Bid : 07.04.2026 at 11.30 Hrs.
7. The bidders have to participate in ONLINE bidding only. Further details can be seen from the State Govt. Portal website https://tendersodisha.gov.in.
8. Any corrigendum/addendum will be displayed in the website https://tendersodisha.gov.in only.

Sd./- Superintending Engineer
Bargarh (R&B) Division
OIPR-34001/34039/1/25-26/0003



**GANGADHAR MEHER UNIVERSITY**
Amruta Vihar, Sambalpur, Odisha-768001
Advt. No. 1377/GMU, Date 25.03.2026

**INVITATION OF EXPRESSION OF INTEREST FOR ENGAGEMENT OF PMC FOR CONSTRUCTION OF DIFFERENT BUILDINGS AT G.M. UNIVERSITY, SAMBALPUR**

Gangadhar Meher University, Sambalpur invites Expression of Interest (EoI) from reputed public sector organization such as State PSU/ Central PSU for engagement as Project Management Consultant (PMC) for Construction and minor repair of different buildings at the G.M. University, Sambalpur. Interested agencies are requested to visit the official website www. Gmuniversity.ac.in for details. The last date of receiving of EoI is 09.04.2026 by 4.00 PM.

N.B.
- Authority reserves the right to reject all or any of the Proposals without assigning any reasons whatsoever.
- Hereafter, any corrigendum/amendment shall be published only on the University Website i.e.www.gmuniversity.ac.in.

Sd/- Registrar



**OFFICE OF THE ENGINEER-IN-CHIEF (CIVIL), ODISHA**
**NIRMAN SOUDHA, UNIT-V, BHUBANESWAR**
E-mail ID: cebuildings_orissa@yahoo.co.in, cebuildings@rediffmail.com, Tel.: (0674) 2391523
**INVITATIONS FOR BIDS (IFB)**
File No. B-IV-H-(H&D)-133/2023 Lr. No. 9467 /Bhubaneswar, 19th Mar., 2026
No. 34001/249/2526 **INVITATION FOR BIDS**
**Bid Identification No. C.E.-Bldg-II-59/2025-26**

| | | | |
|---|---|---|---|
| 1. | The Chief Engineer, Buildings-II (I/c), Odisha on behalf of Governor of Odisha, invites bids from reputed Indian firms/contractor registered with the State Government and bidders of equivalent Grade/Class registered with Central Government/MES/Railways for the infrastrcture works detailed in the table below on turnkey basis (i.e. Architectural planning with detailed design, vetting & execution) | | |
| 2. | Nature of Works | : | 1. Construction of Dharmshala-cum-Guest House and Skill Centre for Homi Bhabha Cancer Hospital and Research Centre, Jatni, Khordha on Turnkey basis. 2. Construction of District Court Complex (B+G+4) at Dhenkanal on Turnkey basis. |
| 3. | No. of Work | : | 02 Nos. |
| 4. | Bid Cost | : | Rs.10,000/- |
| 5. | Class of Contractor | : | Super Class |
| 6. | Availability of Bid Documents in the website | : | From Dt.30.03.2026 to 05.30 P.M. of Dt.20.04.2026 |
| 7. | Pre-bid meeting | : | Dt.08.04.2026 at 11.30 A.M. |
| 8. | Last date of online submission of bid | : | Dt.20.04.2026 upto 5.30 P.M. |
| 9. | Last Dt. of submission of hardcopy (Cover-III). | : | Dt.24.04.2026 upto 5.30 P.M. |
| 10. | Date of Opening of Bid | : | Dt.27.04.2026 at 11.30 A.M. |
| 8. | The bidders have to participate in ONLINE bidding only. Further details can be seen from the website: https://tendersodisha.gov.in. Any addendum/corrigendum/cancellation of tender can also be seen in the said website only. | | |

Sd./- Chief Engineer, Buildings-II (I/c),
Odisha, Bhubaneswar
OIPR-34001/34117/1/25-26/0043



**ଅବସରପ୍ରାପ୍ତ ଅଣ-ଗେଜେଟେଡ୍ କ୍ୟାଶ୍ ଆଣ୍ଡ ପେ' କାର୍ଯ୍ୟାଳୟର କର୍ମଚାରୀଙ୍କ ପୁନଃ ନିୟୋଜନ**

**ଅଧିସୂଚନା**

(୧) ରେଳବାଇ ବୋର୍ଡର ପତ୍ର ସଂ. ଇ(ଏନ୍‌ଜି)II/୨୦୨୪/ଆରସି-୪/୯, ତାରିଖ: ୧୫।୧୦।୨୦୨୪ ଏବଂ ୩୧।୧୨।୨୦୨୪; (୨) ଡେପୁଟି ଏଫ୍‌ଏ ଆଣ୍ଡ ସିଏଓ (ଜି) ଅଧିସୂଚନା: ଏଡିଏମ୍‌ଏନ୍/II/ଏସ୍‌ଇ/ରି-ଏନ୍‌ଗେଜ/ନନ୍-ଗେଜ/ପିଟି-IV, ତାରିଖ: ୨୩।୦୩।୨୦୨୬ ଅନୁଯାୟୀ ଅବସରପ୍ରାପ୍ତ ଅଣ-ଗେଜେଟେଡ୍ ରେଳବାଇ ଆକାଉଣ୍ଟସ୍ କର୍ମଚାରୀଙ୍କ ପୁନଃ-ନିୟୋଜନ ପାଇଁ ଆବେଦନ ଆହ୍ୱାନ କରାଯାଉଛି । ଆବେଦନ ଦାଖଲର ଶେଷ ତାରିଖ ହେଉଛି ୧୫।୦୪।୨୦୨୬ । ପଦବୀ, ଖାଲିସ୍ଥାନ ଏବଂ ଯୋଗ୍ୟତା ମାନଦଣ୍ଡର ବିବରଣୀ ନିମ୍ନ ଅନୁଯାୟୀ ଅଟେ:

| ବିଭାଗ | ପଦବୀର ନାମ | ଖାଲିସ୍ଥାନର ସଂଖ୍ୟା | ଯୋଗ୍ୟ ଆବେଦନକାରୀ |
|---|---|---|---|
| ଆକାଉଣ୍ଟସ | ଡିଭିଜନାଲ କ୍ୟାଶିୟର | ୦୪ | ରେଳବାଇ କ୍ୟାଶ୍ ଆଣ୍ଡ ପେ' କାର୍ଯ୍ୟାଳୟର ଅବସରପ୍ରାପ୍ତ ଡିଭିଜନାଲ କ୍ୟାଶିୟର |
| ଆକାଉଣ୍ଟସ | ଆଇଓସି | ୦୨ | ରେଳବାଇ କ୍ୟାଶ୍ ଆଣ୍ଡ ପେ' କାର୍ଯ୍ୟାଳୟର ଅବସରପ୍ରାପ୍ତ ଆଇଓସି |
| ଆକାଉଣ୍ଟସ | ସିନିୟର କ୍ୟାଶିୟର ଏବଂ ହେଡ୍ ଶ୍ରଫ୍ | ୦୫ | ରେଳବାଇ କ୍ୟାଶ୍ ଆଣ୍ଡ ପେ' କାର୍ଯ୍ୟାଳୟର ଅବସରପ୍ରାପ୍ତ ସିନିୟର କ୍ୟାଶିୟର ଓ ହେଡ୍ ଶ୍ରଫ୍ |
| ଆକାଉଣ୍ଟସ | ଓଏସ୍ | ୦୩ | ରେଳବାଇ କ୍ୟାଶ୍ ଆଣ୍ଡ ପେ' କାର୍ଯ୍ୟାଳୟର ଅବସରପ୍ରାପ୍ତ ଓଏସ୍ |
| ଆକାଉଣ୍ଟସ | ସିନିୟର କ୍ଲର୍କ/ ଜୁନିୟର କ୍ଲର୍କ | ୦୩ | ରେଳବାଇ କ୍ୟାଶ୍ ଆଣ୍ଡ ପେ' କାର୍ଯ୍ୟାଳୟର ଅବସରପ୍ରାପ୍ତ ସିନିୟର କ୍ଲର୍କ/ଜୁନିୟର କ୍ଲର୍କ |

ସବିଶେଷ ଅଧିସୂଚନା ଏବଂ ନିର୍ଦ୍ଧାରିତ ଫର୍ମାଟ୍ ୱେବ୍‌ସାଇଟ୍: https://ser.indianrailway.gov.in ନ୍ୟୁଜ୍ ଆଣ୍ଡ ଅପ୍‌ଡେଟ୍ସ ଏମ୍ପ୍ଲୟମେଣ୍ଟ ନୋଟିଫିକେଶନ୍ କିମ୍ବା http://10.41.2.100 (ରେଲ୍‌ନେଟ୍)ରେ ଉପଲବ୍ଧ ।

ପ୍ରଧାନ ଆର୍ଥିକ ଉପଦେଷ୍ଟା, ଗାର୍ଡେନ୍ ରିଚ୍, କୋଲକାତା-୭୦୦୦୪୩

(PR-1346) ଦକ୍ଷିଣ ପୂର୍ବ ରେଳପଥ
ହର୍ଷର ସହିତ ଆମେ ସେବାରତ



**ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ**
( ଓଡ଼ିଶା ସରକାରଙ୍କ ଏକ ଉପକ୍ରମ)
OPTCL Lifeline of Odisha
**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
Regd. Office: OPTCL Tech Tower, Janpath, Saheed Nagar, Bhubaneswar-751007

**NOTICE INVITING E-TENDER**

| E-Tender No. | Tender Description: | Estimated Cost |
|---|---|---|
| SGM-NZ-BLS-07/2025-26 | Bids are invited under single stage two-envelop system from reputed manufactures/ firms/ contractors for Metal spreading in 132kV & 33kV S/Y of 132/33 kV GSS, Baripada under EHT (O&M) Division Baripada under Northern (O&M) Zone, Balasore. | Rs. 33,14,980/- |
| SGM-SZ-BAM-18/2025-26 | Bids are invited under single stage two-envelop system from reputed contractors having valid B class Civil license and HT/EHT license or a valid HT/EHT license having EHT supervisor and Civil license (B class) for Painting of 220kV Jayanagar-Balimela DC line under EHT (O&M) Division, Jayanagar under Southern (O&M) Zone, Berhampur | Rs. 55,29,185/- |

Complete set of bidding documents are available at www.tenderwizard.com/OPTCL and www.optcl.co.in.

/optcl.odisha /optcl_odisha HIPR-87/2025-26

# କାଳବୈଶାଖୀ ସତ୍ତ୍ୱେ କଳସ ଶୋଭାଯାତ୍ରାରେ ୬୦୦୮ ମହିଳା

ଭଦ୍ରକ,୨୫।୩(ସନାତନ ରାଉତ)

ଭଦ୍ରକ ଶ୍ରୀରାମ ମହାଯଜ୍ଞ ସମିତି ପକ୍ଷରୁ ଐତିହାସିକ ଶ୍ରୀରାମ ନବମୀ ମହାଯଜ୍ଞ ଉପଲକ୍ଷେ ବୁଧବାର କଳସ ଶୋଭାଯାତ୍ରା ଓ ଆଜ୍ଞାମାଳ ଯାତ୍ରା ସହ ଯଜ୍ଞ କର୍ମ ଆରମ୍ଭ ହୋଇଛି। ସକାଳେ ଅଯୋଧ୍ୟା ଧାମ, ଆରଡ଼ିସ୍ଥିତ ବାବା ଆଖଣ୍ଡଳମଣି, ଯାଜପୁରର ମା' ବିରଜା ଓ ଭଦ୍ରକର ମା' ଭଦ୍ରକାଳୀଙ୍କ ପୀଠରୁ ଶତାଧିକ ଭକ୍ତଙ୍କ ଦ୍ୱାରା ଆଜ୍ଞାମାଳ ଅଣାଯାଇ ଗାନ୍ଧୀପଡ଼ିଆ ଯଜ୍ଞ ମଣ୍ଡପରେ ସ୍ଥାପନ କରାଯାଇଥିଲା। ଶ୍ରୀରାମ ନବମୀ ମହାଯଜ୍ଞ ନିମନ୍ତେ ସହରର ବାବା ଲୋକନାଥ ମନ୍ଦିରରୁ ଘଟ ଅଣାଯାଇ ଯଜ୍ଞାରମ୍ଭ ହୋଇଥିଲା। ଅପରାହ୍ଣ ୪ଟାରେ ୬ ହଜାରରୁ ଊର୍ଦ୍ଧ୍ୱ ସଂଖ୍ୟାର ମହିଳାମାନେ ଗାନ୍ଧୀପଡ଼ିଆ ଯଜ୍ଞସ୍ଥଳରୁ ବାହାରି ଅସ୍ତଳ ଗ୍ରାମ ହୋଇ ପଞ୍ଚମୁଖୀ ହନୁମାନ ମନ୍ଦିର ନିକଟ ସାଳନ୍ଦୀ ନଦୀଘାଟରେ ପହଞ୍ଚିଥିଲେ। ସେଠାରେ ରୀତିନୀତି ଅନୁଯାୟୀ ପୂଜା ପରେ ମହିଳାମାନେ ଘଟୋତ୍ତଳନ କରିଥିଲେ। ପରେ ଶୋଭାଯାତ୍ରାରେ ବନ୍ତ ଛକ, ଅପର୍ତ୍ତିବିନ୍ଧା ଛକ, କଚେରି ବଜାର, ଟାଉନହଲ ଛକ, ନୂଆବଜାର ହୋଇ ଗାନ୍ଧୀପଡ଼ିଆ ଫେରିଥିଲେ। କାଳବୈଶାଖୀ ଯୋଗୁ ପ୍ରବଳ ବେଗରେ ପବନ ସହ ବର୍ଷା ହୋଇଥିଲା। ବର୍ଷା ପବନ ସତ୍ତ୍ୱେ ହଜାର ହଜାର ମହିଳା ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଏହି ଯଜ୍ଞ ୩ ଦିନ ଧରି ହେବାକୁ ଥିବା ବେଳେ କର୍ତ୍ତାକର୍ତ୍ତୀ ଭାବେ ସନାତନ ସାହୁ, ପ୍ରହ୍ଲାଦ ନାୟକ, ଅମ୍ବିକା ପ୍ରସନ୍ନ ଦାସ, ସନ୍ତୋଷ ସାହୁ, ରବି ସାହୁ ସପତ୍ନୀକ ସଂକଳ୍ପ କରିଛନ୍ତି। ଆଖଣ୍ଡଳମଣିଙ୍କ ପୀଠରୁ ମହାଯଜ୍ଞ ସମିତିର ବରିଷ୍ଠ ଉପଦେଷ୍ଟା ତଥା ରାଜ୍ୟସଭା ଏମ୍‌ପି ମନମୋହନ ସାମଲ, ବରିଷ୍ଠ ସାମାଜିକ କର୍ମୀ କିଶୋର ନାୟକ, ବିରଜା କ୍ଷେତ୍ରରୁ ସମିତିର ଉପଦେଷ୍ଟା ବଦ୍ରୀ ନାରାୟଣ ଧଳ, ଭଦ୍ରକାଳୀଙ୍କ ପୀଠରୁ ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ଏବଂ ଅଯୋଧ୍ୟା ଧାମରୁ ରାଜୁ ବାଇତିଙ୍କ ତତ୍ତ୍ୱାବଧାନରେ ଆଜ୍ଞାମାଳ ଅଣାଯାଇଛି। କଳସ ଶୋଭାଯାତ୍ରାରେ ଶ୍ରୀରାମ ମହାଯଜ୍ଞ ସମିତି ସଭାପତି ଆଇନଜୀବୀ ନିତ୍ୟାନନ୍ଦ ନାୟକ, କାର୍ଯ୍ୟକାରୀ ସଭାପତି ବ୍ୟୋମକେଶ ସେନାପତି, ଉପସଭାପତି ଜଗନ୍ନାଥ ଦାଶ, ତ୍ରିଲୋଚନ ନାୟକ, ଦୀନବନ୍ଧୁ ପତି, ସାଧାରଣ ସମ୍ପାଦକ ଶରତ ପଢ଼ିଆରୀ, ସଂଯୋଜକ ଗୋବିନ୍ଦ ଚନ୍ଦ୍ର ରାଉତ, ସମ୍ପାଦକ ସ୍ୱାଧୀନ ସୁନ୍ଦର ଦାସ, ଆଇନଜୀବୀ ତୁଷାରକାନ୍ତ ଦାସ ଏବଂ ସ୍ୱରୂପାନନ୍ଦ ମହାପାତ୍ର, କୋଷାଧ୍ୟକ୍ଷ ନିରଞ୍ଜନ ସାହୁ, ସହ କୋଷାଧ୍ୟକ୍ଷ ଶିବଶଙ୍କର ଦାସ, ଉପଦେଷ୍ଟା ପ୍ରଦୀପ୍ତ ବିଶ୍ୱାଳ, ବରିଷ୍ଠ ସଦସ୍ୟ ଶ୍ରୀହର୍ଷ ସ୍ୱାଇଁ, ସୁବ୍ରତ କୁମାର ନାୟକ, ଭାଗବତ ବାରିକ, ବିଦ୍ୟାଧର ସେନାପତି, ବିଭୁ ଚନ୍ଦନ ଜେନା, ଡ. ଦେବରାଜ ପାତ୍ର, ମହିଳା ସେବିକା ରଞ୍ଜିତା ସ୍ୱାଇଁ, ଗୀତାଞ୍ଜଳି ପଢ଼ିଆରୀ, ମାଳତୀ ଲତା ସାହୁ, ପଙ୍କଜିନୀ ଲେଙ୍କା, କଳ୍ପନା ଜେନା, ଭାରତୀ ବିଶ୍ୱାଳ, ଊର୍ମିଳା ସେଠୀ, ପଦ୍ମିନୀ ଦ୍ୱିବେଦୀ, ରମିତା ପାଢ଼ୀ, ସୁମିତ୍ରା ପାଣି, ମଧୁସ୍ମିତା ମହାପାତ୍ର, ମମତା ବେହେରା, ସଞ୍ଜୁଲତା ପଣ୍ଡା, ଅଞ୍ଜୁଳତା ରାଉତ, ତପସ୍ୱିନୀ ମହାପାତ୍ର, ଗୀତାଞ୍ଜଳି ବେହେରା, ଗୌତମୀ ପାଢ଼ୀ ପ୍ରମୁଖ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

## ଶ୍ରୀରାମ ନବମୀ ମହାଯଜ୍ଞ ଆରମ୍ଭ



କଳସ ଶୋଭାଯାତ୍ରାରେ ମହିଳାମାନେ।

# ଶ୍ରୀରାମ ନବମୀ ଯଜ୍ଞସ୍ଥଳକୁ ଗଲା ବାବା ଆଖଣ୍ଡଳମଣିଙ୍କ ଆଜ୍ଞାମାଳ


ସେବାୟତ ଜୀବନାନନ୍ଦ ପାଢ଼ୀ ଆଜ୍ଞାମାଳ ନେଇ ଯାଉଛନ୍ତି।

ଧୂଷୁରୀ,୨୫।୩(ଦୀପ୍ତି ରଞ୍ଜନ ନାୟକ)

ପ୍ରତିବର୍ଷ ପରି ଚଳିତ ବର୍ଷ ବାବା ଆଖଣ୍ଡଳମଣିଙ୍କ ପୀଠ ଆରଡିରୁ ବୁଧବାର ପୂର୍ବାହ୍ଣ ୧୧ଟା ୩୦ରେ ପ୍ରଭୁଙ୍କର ଆଜ୍ଞାମାଳ ଭଦ୍ରକ ଗାନ୍ଧି ପଡିଆରେ ହେଉଥିବା ଶ୍ରୀରାମ ନବମୀ ଯଜ୍ଞସ୍ଥଳକୁ ପଠାଯାଇଛି । ଏହି ଉପଲକ୍ଷେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥିଲା। ପରେ ପବିତ୍ର ଆଜ୍ଞାମାଳକୁ ବେଢ଼ା ପରିକ୍ରମା କରାଯାଇଥିଲା। ବେଢ଼ା ପରିକ୍ରମା ପରେ ସେବାୟତ ଜୀବନାନନ୍ଦ ପାଢ଼ୀ ପ୍ରଭୁଙ୍କ ଆଜ୍ଞାମାଳକୁ ଏକ ସୁସଜ୍ଜିତ ଯାନରେ ଅବସ୍ଥାପିତ କରି ଭଦ୍ରକ ଅଭିମୁଖେ ଗମନ କରିଥିଲେ। ଆଜ୍ଞାମାଳ ଯିବା ସମୟରେ ମଠଡିହ, ବେତାଳିଗାଁ, ଧୂଷୁରୀ, ଅସୁରାଳି, ଅର୍ଣ୍ଣପାଳ ଆଦି ସ୍ଥାନରେ ଶ୍ରଦ୍ଧାଳୁମାନେ ଉପସ୍ଥିତ ରହି ଦର୍ଶନ କରିଥିଲେ। ଆଜ୍ଞାମାଳ ଯାତ୍ରା ସମୟରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ଜିଲା ଉପ ସଭାପତି କିଶୋର ନାୟକ, ବାବା ଆଖଣ୍ଡଳମଣି ମଣ୍ଡଳ ସଭାପତି ସନ୍ଦିପ କୁମାର ନାୟକ, ସାଧାରଣ ସମ୍ପାଦକ କମଳାକାନ୍ତ ସୁତାର, ଆଶିଷ ପାଢ଼ୀ, ସଦାନନ୍ଦ ମଲିକ ପ୍ରମୁଖ ଉପସ୍ଥିତ ଥିଲେ।

# ଭାଙ୍ଗିଲା ଗଛ, ଉଡ଼ିଲା ଚାଳଛପର

## କାଳବୈଶାଖୀ ପ୍ରଭାବରେ ଧୂଳି ଝଡ଼ ସହ କୁଆପଥର ବୃଷ୍ଟି


ବାରିକପୁର– ବନ୍ତ ରାସ୍ତାରେ ଗଛ ପଡ଼ିଛି।

ଭଦ୍ରକ /ବନ୍ତ, ୨୫।୩
(ସନାତନ ରାଉତ /କିଶୋର କୁମାର ସେଠୀ)

ବୁଧବାର ଅପରାହ୍ଣରେ କାଳବୈଶାଖୀ ପ୍ରଭାବରେ ଜିଲାର ବିଭିନ୍ନ ଅଞ୍ଚଳରେ ପବନ ବର୍ଷା ସାଙ୍ଗକୁ କୁଆପଥର ବୃଷ୍ଟି ହୋଇଛି। ବିଭିନ୍ନ ସ୍ଥାନରେ ଗଛ ଭାଙ୍ଗି ରାସ୍ତାରେ ପଡ଼ିଥିବା ବେଳେ ଚାଳ ଛପର ଉଡ଼ାଇ ନେଇଛି। ଜିଲାର ଭଦ୍ରକ ବ୍ଲକ ସମେତ ବନ୍ତ, ଭଣ୍ଡାରିପୋଖରୀ, ଧାମନଗର, ତିହିଡ଼ି, ବାସୁଦେବପୁର ବ୍ଲକରେ ଏହାର ପ୍ରଭାବ ଅନୁଭୂତ ହୋଇଛି। ଅନେକ ସ୍ଥାନରେ ବିଦ୍ୟୁତ ଖୁଣ୍ଟ ଭାଙ୍ଗି ପଡ଼ିଥିବାରୁ ବିଦ୍ୟୁତ ସେବା ବିଚ୍ଛିନ୍ନ ରହିଛି। ବନ୍ତ ବ୍ଲକର ବନ୍ତ, ପଧାନପଡ଼ା, ନିଳୋକ, ଷେଣ୍ଡତିରା, ଗୋବିନ୍ଦପୁର, କେନ୍ଦୁଆପଦା, ତୋଡ଼ଙ୍ଗା, ରାମପୁର, ରାମକୃଷ୍ଣପୁର, ଗଣିଜାଙ୍ଗ, ଛୟାଳସିଂ, ଟିଲୋ, ବସନ୍ତିଆ, ରାମଚନ୍ଦ୍ରପୁର ଏବଂ ଆଡ଼ିଆ ଆଦି ପଞ୍ଚାୟତରେ କାଳବୈଶାଖୀର କରାଳ ରୂପ ଦେଖିବାକୁ ମିଳିଛି। କୁଆପଥର ମାଡ଼ ଯୋଗୁ ପନିପରିବା ଚାଷ ଏବଂ ଖରାଦିନିଆ ଫସଲ କେତେକାଂଶରେ ନଷ୍ଟ ହୋଇଯାଇଥିବା ଚାଷୀ କହିଛନ୍ତି। ଅନେକ ସ୍ଥାନରେ ଚାଳ ଘର ଛପର ଉଡ଼ିଯାଇଥିବା ବେଳେ ବିଦ୍ୟୁତ ଖୁଣ୍ଟ ଓ ତାର ଛିଣ୍ଡି ପଡ଼ିବାରୁ କେତେକ ଅଞ୍ଚଳ ଅନ୍ଧାରମୟ ହୋଇଯାଇଛି। କିଛି ସ୍ଥାନରେ ଟିଣ ଓ ଆଜବେଷ୍ଟସ ଉଡ଼ିଯାଇଥିବାରୁ ଲୋକେ ଆତଙ୍କିତ ହୋଇପଡ଼ିଥିଲେ। ଧୂଳିଝଡ଼ ଯୋଗୁ ରାସ୍ତାରେ ଗାଡ଼ି ଚଳାଚଳ କିଛି ସମୟ ପାଇଁ ବନ୍ଦ ରହିଥିଲା।

# ଟାୟାର ଜାଳି ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତା ଅବରୋଧ


ଲୋକେ ରାସ୍ତାରୋକୋ କରିଛନ୍ତି।

ତିହିଡ଼ି,୨୫।୩(ସଞ୍ଜିତ ବଳ)

- ବାଇକ୍ ଧକ୍କାରେ ଯୁବକଙ୍କ ମୃତ୍ୟୁ ଘଟଣାର ପ୍ରତିବାଦ
- ତହସିଲଦାରଙ୍କ ପ୍ରତିଶ୍ରୁତି ପରେ ହଟିଲା ଅବରୋଧ

ଭଦ୍ରକ -ଚାନ୍ଦବାଲି ରାଜ୍ୟ ରାଜପଥର ତିହିଡ଼ି ଥାନା ଅଧୀନ କୋହ୍ଲ ବଜାରରେ ବୁଧବାର ମଧ୍ୟାହ୍ନରେ ଉତ୍ତ୍ୟକ୍ତ ଲୋକମାନେ ଟାୟାର ଜାଳି ରାସ୍ତା ଅବରୋଧ କରିଛନ୍ତି। ମଙ୍ଗଳବାର ଅପରାହ୍ଣରେ କୋହ୍ଲ ପଞ୍ଚାୟତ ଅଧୀନ ଓରଡ଼ା ଗ୍ରାମର ଆଦିତ୍ୟ ମହାଳିକ (୩୮)ନାମକ ଜଣେ ଯୁବକ ବାଇକ୍ ଧକ୍କାରେ ପ୍ରାଣ ହରାଇବା ଘଟଣାର ପ୍ରତିବାଦରେ ଏହି ପଦକ୍ଷେପ ନିଆଯାଇଥିବା ଜଣାପଡ଼ିଛି। ମୃତକଙ୍କ ସ୍ତ୍ରୀଙ୍କୁ ଚାକିରି ସହ ପରିବାରକୁ କ୍ଷତିପୂରଣ ପ୍ରଦାନ, କୋହ୍ଲ ଅଞ୍ଚଳରେ ଅବାଧ ନିଶା କାରବାରକୁ ରୋକିବା, ରାସ୍ତାରେ ସ୍ପିଡ୍ ମିଟର ଲଗାଯିବା ଆଦି ଦାବି ନେଇ ଏହି ଆନ୍ଦୋଳନ କରାଯାଇଥିଲା। ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ ଘଟଣାସ୍ଥଳରେ ପହଞ୍ଚି କୋହ୍ଲ ପଞ୍ଚାୟତ ସରପଞ୍ଚ କୈଳାସ ପରିଡ଼ା, ଫତେପୁର ସରପଞ୍ଚ ପ୍ରଦୀପ ବଳ, କୋହ୍ଲ ସମିତିସଭ୍ୟା ତିଳୋତ୍ତମା ବେହେରା ପ୍ରମୁଖଙ୍କ ସହ ଆନ୍ଦୋଳନକାରୀଙ୍କ ଦାବି ନେଇ ଆଲୋଚନା କରିଥିଲେ। ରେଡକ୍ରସ ପାଣ୍ଠିରୁ ମୃତକଙ୍କ ପରିବାରକୁ ୨୦ହଜାର ଟଙ୍କା ସହାୟତା ଦେବା ସହ ଦାବିପୂରଣ ଦିଗରେ ପଦକ୍ଷେପ ନିଆଯିବ ବୋଲି ତହସିଲଦାର ପ୍ରତିଶ୍ରୁତି ଦେବା ପରେ ଅବରୋଧ ହଟିଥିବା ଜଣାପଡ଼ିଛି।

ସୂଚନା ମୁତାବକ ମଙ୍ଗଳବାର ଅପରାହ୍ଣରେ ଆଦିତ୍ୟ ତାଙ୍କ ଘରୁ କୋହ୍ଲ ଗ୍ରାମକୁ ଯାଉଥିବା ବେଳେ କୋହ୍ଲ ବଜାର ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ବାଇକ୍ ତାଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ଆଦିତ୍ୟ ମଙ୍ଗଳପୁର ସମବାୟ ସମିତିର ପରିଚାଳନା କମିଟି ସଦସ୍ୟ ଥିଲେ। ତାଙ୍କ ମୃତ୍ୟୁ ଖବର ମିଳିବା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥୁଲା। କୋହ୍ଲ ବଜାରରେ ସମସ୍ତ ଦୋକାନ ବନ୍ଦ ରଖା ଯାଇଥିଲା। ବିଜେଡ଼ି ବ୍ଲକ ସଭାପତି ସୁରେନ୍ଦ୍ର ନାୟକ, ବ୍ଲକ ଉପାଧ୍ୟକ୍ଷାଙ୍କ ପ୍ରତିନିଧି ପ୍ରବୀର ନାୟକ, ସମବାୟ ସମିତି ସଭାପତି ନିତ୍ୟାନନ୍ଦ ବେହେରା, ବାପୁଜୀ ନାୟକ ପ୍ରମୁଖ ମୃତଦେହ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

# ଶ୍ରୀରାମ ବିଜୟା ଦଶମୀ ଉପଲକ୍ଷେ ବାଇକ୍ ଶୋଭାଯାତ୍ରା

ଧାମନଗର,୨୫।୩(ଦେବେନ୍ଦ୍ର ଆନ୍ଦିଆ)

ଭଦ୍ରକ ଜିଲା ଧାମନଗରସ୍ଥିତ ଶ୍ରୀରାମ ମହାଯଜ୍ଞ ସମିତି ଆନୁକୂଲ୍ୟରେ ଶ୍ରୀରାମ ବିଜୟା ଦଶମୀ ଉପଲକ୍ଷେ ବୁଧବାର ବାଇକ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶୋଭାଯାତ୍ରା ଧାମନଗର ବନ୍ଧଟିଆସ୍ଥିତ ହନୁମାନ ପଡ଼ିଆଠାରୁ ବାହାରି ଧାମନଗର ବଜାର ପରିକ୍ରମା କରି ଡ଼ାକ୍ତରଖାନାସ୍ଥିତ ମେଳଣପଡ଼ିଆଠାରେ ପହଞ୍ଚିଥିଲା। ଜୟ ଶ୍ରୀରାମ ଧ୍ୱନୀରେ ଧାମନଗର ବଜାର ପ୍ରକମ୍ପିତ ହୋଇଥିଲା। ଗଣଦୌଡ଼ରେ ଯୁବଗୋଷ୍ଠୀ ଓ ଅନ୍ୟମାନେ ସାମିଲ ହେଇଥିଲେ। ଶ୍ରୀରାମ ମହାଯଜ୍ଞ ସମିତି ସଦସ୍ୟ କୈଳାସ ମହାପାତ୍ର, ସରୋଜ ମହାପାତ୍ର, ଅଶୋକ ପୁହାଣ, ଅରବିନ୍ଦ ପତି, ପ୍ରମୋଦ ସୁତାର, ବିଜୟ ରାମ, ରଣଜିତ ମହାନ୍ତି, କୃଷ୍ଣଚନ୍ଦ୍ର ଜେନା, ରଞ୍ଜିତ ସାହୁ ପ୍ରମୁଖ ଅନେକ ହଜାର ଶ୍ରୀରାମ ଭକ୍ତ ସାମିଲ ହୋଇଥିଲେ।

# ବନ୍ତରେ ଶ୍ରୀରାମ ନବମୀ ମହୋତ୍ସବ ଆରମ୍ଭ

## ୧୦୮ କଳସ ଶୋଭାଯାତ୍ରା

ବନ୍ତ,୨୫।୩(ହରି ନାରାୟଣ ମହାନ୍ତି)

ବୁଧବାର ଭଦ୍ରକ ଜିଲା ବନ୍ତସ୍ଥିତ ମହୋତ୍ସବ ପଡ଼ିଆଠାରେ ବିଶ୍ୱ ହିନ୍ଦୁ ପରିଷଦ, ବଜରଙ୍ଗ ଦଳ ଓ ହିନ୍ଦୁ ଜାଗରଣ ମଞ୍ଚ ବନ୍ତ ପ୍ରଖଣ୍ଡ ପକ୍ଷରୁ ପ୍ରଥମ ଥର ପାଇଁ ଶ୍ରୀରାମ ନବମୀ ମହୋତ୍ସବ ଆରମ୍ଭ ହୋଇଛି। ପ୍ରାରମ୍ଭରେ ବନ୍ତସ୍ଥିତ ମଳିକ ପୁଷ୍କରିଣୀରୁ ମହିଳାମାନେ ୧୦୮ କଳସ ଧାରଣ କରି ବଜାର ପରିକ୍ରମା କରି ବିରିଗଡିଆ ମଠସ୍ଥିତ ନୃସିଂହ ନାରାୟଣ ମନ୍ଦିରଠାରେ ପହଞ୍ଚିବା ପରେ ଘଟ ସ୍ଥାପନା ପୂର୍ବକ ପୂଜା କାର୍ଯ୍ୟ ଆରମ୍ଭ ହୋଇଥିଲା । କଳସ ଶୋଭାଯାତ୍ରା ଓ ପୂଜା କାର୍ଯ୍ୟରେ ରାଜ୍ୟ ଭାଜପାର ପୂର୍ବତନ ସଙ୍ଗଠନ ମନ୍ତ୍ରୀ ପଞ୍ଚାନନ ରାଉତ, ଭଦ୍ରକ ପୌରପାଳିକାର ପୂର୍ବତନ ଅଧ୍ୟକ୍ଷ ତଥା ଭାଜପା ନେତା ଇଂ.ପ୍ରୟାସକାନ୍ତି ସାମଲ, ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡେଇ, ବନ୍ତ ସମିତି ସଭ୍ୟ ପରମେଶ୍ୱର ବାରିକ, ଶ୍ରୀରାମ ନବମୀ ମହୋତ୍ସବ କମିଟିର ସଭାପତି ଲମ୍ବୋଦର ପଣ୍ଡା, ସମ୍ପାଦକ ତଥା ବିଶ୍ୱ ହିନ୍ଦୁ ପରିଷଦ ବନ୍ତ ପ୍ରଖଣ୍ଡର ସଭାପତି ଫାଲଗୁନି ରାଉତ, ସହ ସମ୍ପାଦକ ଅଶୋକ ବେହେରା, ବଜରଙ୍ଗ ଦଳର ବନ୍ତ ପ୍ରମୁଖ ସୂରଜ ଶେଖର ଗୋସ୍ୱାମୀ, ଛାତ୍ର ପ୍ରମୁଖ ଜୟଦେବ ମହାରାଜ, ହିନ୍ଦୁ ଜାଗରଣ ମଞ୍ଚର କର୍ମକର୍ତ୍ତା ମଳୟ ପଣ୍ଡା, ସୁରକ୍ଷା ପ୍ରମୁଖ ବିବେକ ଜେନା, ରାଜେଶ ଜେନା, ହରିହର ଜେନା, ଗୋରକ୍ଷା ପ୍ରମୁଖ କ୍ଷୀରୋଦ ନାୟକ ସାମିଲ ଥିଲେ।

# ଝଡ଼ବର୍ଷାରେ ପନିପରିବା ଚାଷ ନଷ୍ଟ


କାଳବୈଶାଖୀରେ ଭାଙ୍ଗିଥିବା ଗଛ।

ଭଣ୍ଡାରିପୋଖରୀ,୨୫।୩(ରାଜେନ୍ଦ୍ର ଶତପଥି)

ଭଣ୍ଡାରିପୋଖରୀ ଅଞ୍ଚଳରେ ବୁଧବାର କାଳବୈଶାଖୀ ପ୍ରଭାବରେ ବୁଧବାର ଅପରାହ୍ଣରେ ଝଡ଼ବର୍ଷା ସହ କୁଆପଥର ବୃଷ୍ଟି ହୋଇଥିଲା। ବିଭିନ୍ନ ଅଞ୍ଚଳରେ ଗଛଡାଳ ଭାଙ୍ଗିବା ସହ କଚାଘର କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି। ବିଶେଷ କରି ପନିପରିବା ଚାଷ ଓ ରବି ଧାନଚାଷ କ୍ଷତିଗ୍ରସ୍ତ ହୋଇଛି।

# ମୁକ୍ତେଶ୍ୱର ନୋଡାଲ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଧାମନଗର, ୨୫।୩ (ଦେବେନ୍ଦ୍ର ଆନ୍ଦିଆ)

ଭଦ୍ରକ ଜିଲା ଧାମନଗର ବ୍ଲକ୍ ପଧାନୀ ପଞ୍ଚାୟତସ୍ଥିତ ମୁକ୍ତେଶ୍ୱର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ସମ୍ବର୍ଦ୍ଧନା ସମାରୋହ ବୁଧବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଧୀର ମହାନ୍ତିଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଜିଲା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଡ. ପ୍ରଫୁଲ୍ଲ ସାହୁ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ସୁନାଗରିକଭାବେ ଗଢ଼ିତୋଳିବା ପାଇଁ ଶିକ୍ଷକ ଓ ଅଭିଭାବକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥିଭାବେ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ପ୍ରତିନିଧି ତଥା ପଧାନି ପଞ୍ଚାୟତ ସରପଞ୍ଚ ଅଶୋକ ପୁହାଣ, ଏମ୍‌ପିଙ୍କ ପ୍ରତିନିଧି ମନୋଜ ମଲ୍ଲିକ, ଖବରଦାତା ପ୍ରଦୀପ ମହାପାତ୍ର, ଧାମନଗର ୟୁକୋ ବ୍ୟାଙ୍କ ଶାଖା ପରିଚାଳକ ପ୍ରଭାତ ମହାନ୍ତି ଏବଂ ଶିକ୍ଷକ ନେତା ସୁରେନ୍ଦ୍ର ସେଠୀ ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ ସିଆରସିସି ଅଶ୍ୱିନୀ ଜେନା ସ୍ୱାଗତ ଭାଷଣ, ଶିକ୍ଷୟିତ୍ରୀ ସ୍ୱର୍ଣ୍ଣପ୍ରଭା ସାହୁ ଅତିଥିଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିଲେ। ଏହି ଅବସରରେ 'ପୂଜ୍ୟ ପୂଜା ସମ୍ମାନ'ରେ ପୂର୍ବତନ ପ୍ରଧାନଶିକ୍ଷକ ଆନନ୍ଦ ଚନ୍ଦ୍ର କର, ସବିତା ନାୟକ, ସମାଜସେବୀ ଚନ୍ଦ୍ରକାନ୍ତ ସାହୁ ଓ ସନାତନ ଜେନାଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦୋବଲ ସିଆରସିସି ହପା ମାରାଣ୍ଡି ମାନପତ୍ର ପାଠ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଓ ଗ୍ରାମବାସୀଙ୍କ ସହଯୋଗ କହିଥିଲେ।

# ଭଦ୍ରକ ମହିଳା ମହାବିଦ୍ୟାଳୟରେ ବାର୍ଷିକ କର୍ମଶାଳା

ଭଦ୍ରକ,୨୫।୩(ସନାତନ ରାଉତ): ଭଦ୍ରକ ମହିଳା ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବିଭାଗରେ ସିଏସ୍ଆଇଆର୍ ପ୍ରାୟୋଜିତ କାର୍ଯ୍ୟକ୍ରମରେ ଔଷଧୀୟ ବୃକ୍ଷ ସମ୍ବନ୍ଧୀୟ କର୍ମଶାଳା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପରିବେଶ ଓ ସମାବେଶୀ ବିକାଶର ପ୍ରମୁଖ ବୈଜ୍ଞାନିକ ପ୍ରଫେସର ଡ଼ ନବୀନ କୁମାର ଧଳ ମୁଖ୍ୟଅତିଥି ଭାବେ ଯୋଗଦେଇ ଔଷଧୀୟ ବୃକ୍ଷର ସଂରକ୍ଷଣ ଓ ହର୍ବାରିୟମ ପ୍ରସ୍ତୁତି ଉପରେ ଗୁରୁତ୍ୱ ଦେଇଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧ୍ୟକ୍ଷା କଳ୍ପନା ଲେଙ୍କା, କର୍ମଶାଳାର ଆଭିମୁଖ୍ୟ ସମ୍ବନ୍ଧରେ ଆଲୋକପାତ କରିଥିଲେ। ବିଭାଗୀୟ ମୁଖ୍ୟ ଅଧ୍ୟାପିକା ଆରତୀ ଜେନା ଔଷଧୀୟ ବୃକ୍ଷ ଓ ତାହାର ସ୍ୱାସ୍ଥ୍ୟଗତ ଉପାଦେୟତା ଉପରେ ଆଲୋଚନା କରିଥିଲେ। ଅଧ୍ୟାପିକା ଅର୍ପିତା ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ଭାବେ ସନ୍ଦୀପ କୁମାର କବି ଔଷଧୀୟ ବୃକ୍ଷର ବିଭିନ୍ନ ଦିଗ ସମ୍ବନ୍ଧରେ ମତବ୍ୟକ୍ତ କରିଥିଲେ।

## ଉତ୍କଳ କେଶରୀ ମହୋତ୍ସବର ୬ଷ୍ଠ ସନ୍ଧ୍ୟା

# 'ମହତାବ ଦୂରଦ୍ରଷ୍ଟା ଥିଲେ'

ଆଗରପଡ଼ା,୨୫।୩(ସୁଶାନ୍ତ ଦାସ)

ଡ.ହରେକୃଷ୍ଣ ମହତାବ ନବ ଉତ୍କଳର ନିର୍ମାତା ଥିଲେ। ତାଙ୍କର ଦୂରଦ୍ରଷ୍ଟା ଓ ସ୍ୱପ୍ନଦର୍ଶୀ ପାଇଁ ସେ ଓଡ଼ିଶାର ଜନ ମାନସରେ ପରିଚିତ ମଣିଷ ଥିଲେ ବୋଲି ବିଶିଷ୍ଟ ଲେଖିକା ତଥା ଗବେଷିକା ଡ.ଭାଗ୍ୟଲିପି ମଲ୍ଲ ତ୍ରୟୋଦଶତମ ଉତ୍କଳ କେଶରୀ ଆଗରପଡ଼ା ମହୋତ୍ସବର ମଙ୍ଗଳବାର ୬ଷ୍ଠ ଦିବସର ସାଂସ୍କୃତିକ ମଞ୍ଚରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ମତବ୍ୟକ୍ତ କରିଛନ୍ତି। କମିଟି ସମ୍ପାଦକ ହେମନ୍ତ ସିଂହଙ୍କ ସଞ୍ଚାଳନରେ ଆୟୋଜିତ ସଭାରେ ବରିଷ୍ଠ ଆଇନଜୀବୀ ମନୋଜ ରାୟ ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ଭାବେ ପୂର୍ବତନ ପ୍ରଶାସନିକ ଅଧିକାରୀ ଦିଲ୍ଲୀପ ଦାସ, ବିଶିଷ୍ଟ ଅତିଥି ଭାବେ କଣ୍ଠଶିଳ୍ପୀ ଜୟଶ୍ରୀ ଧଳ, ଅନ୍ୟତମ ଅତିଥି ସାମାଜିକକର୍ମୀ ରବୀନ୍ଦ୍ର ରାୟ, ଯାତ୍ରା ରାଜନନ୍ଦିନୀ ପ୍ରଯୋଜକ ଇଂ. ସ୍ମୃତି ରଞ୍ଜନ ପଲାଇ, କମିଟି ଉପସଭାପତି ଅବିନାଶ ପଣ୍ଡା ପ୍ରମୁଖ ଯୋଗଦେଇ ମହତାବଙ୍କ ପାଇଁ ମାଟିର ବାସ୍ନା ସ୍ୱତନ୍ତ୍ର କହି ଦୀର୍ଘ ୧୩ ବର୍ଷ ଧରି ତାଙ୍କ ନାମରେ ମହୋତ୍ସବ ପାଳନ ଅନେକ ସ୍ମୃତି ଅନୁଭୂତି ସାଉଁଟିଛି ବୋଲି କହିଥିଲେ। କମିଟି ଉପଦେଷ୍ଟା କୈଳାସ ଚନ୍ଦ୍ର ଧଳ, ଗୋଲକ ପୃଷ୍ଟି, ରତ୍ନାକର ନାୟକ, ସୁବୋଧ କୁମାର ସାହୁ, ସହସମ୍ପାଦକ ଗଦାଧର ବେହେରା, ନମିତା ବେହେରାଙ୍କ ତତ୍ତ୍ୱାବଧାନରେ ନୃତ୍ୟ ଗୁରୁ ପୁଷ୍ପମିତ୍ରା ବେହେରା, କଣ୍ଠଶିଳ୍ପୀ ଶଶିକଳା ମିଶ୍ର, ବିଶ୍ୱମ୍ବର ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଲା। କାର୍ଯ୍ୟକ୍ରମକୁ ମାମୁନି ସିଂହ, ନିହାର ରଞ୍ଜନ ସାହୁ, ଚିତ୍ତରଞ୍ଜନ ଦାସ, ସୁଦର୍ଶନ ସିଂହ, ଦୀପକ ପୁରୀ, ପ୍ରତିମା ସାହୁ, କରନ କୁମାର ଜେନା, ନିତ୍ୟାନନ୍ଦ ସିଂହ ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ସାଇନୃତ୍ୟ ପକ୍ଷରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।


ମହୋତ୍ସବରେ ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# 'ପ୍ରଲୋଭିତ ନ ହୋଇ ଗୁଣବତ୍ତା ଯାଞ୍ଚ କର'

## ଜିଲାସ୍ତରୀୟ ଖାଉଟି ସଚେତନତା ଶିବିର

ତିହିଡ଼ି,୨୫।୩(ସଞ୍ଜିତ ବଳ)

ଏବେ ବିଭିନ୍ନ ଉପାୟରେ ଉପଭୋକ୍ତାମାନଙ୍କୁ ପ୍ରଲୋଭିତ କରାଯାଉଛି। ଯାହା ଫଳରେ ସେମାନେ ଠକାମିର ଶିକାର ହେଉଛନ୍ତି। ମାତ୍ର ଉପଭୋକ୍ତାମାନେ ସାମଗ୍ରୀ କିଣିବା ପୂର୍ବରୁ ଗୁଣବତ୍ତା ଯାଞ୍ଚ କଲେ ଠକାମିରେ ପଡ଼ିବେ ନାହିଁ ବୋଲି ତିହିଡି ପଞ୍ଚାୟତ ସମିତି ସଭାଗୃହରେ ବୁଧବାର ଅନୁଷ୍ଠିତ ଜିଲାସ୍ତରୀୟ ଖାଉଟି ସଚେତନତା ଶିବିରରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଅତିରିକ୍ତ ଜିଲାପାଳ ସରୋଜ କୁମାର ଦତ୍ତ କହିଛନ୍ତି।

ଜିଲା ପ୍ରଶାସନ, ଖାଦ୍ୟ ସୁରକ୍ଷା ଏବଂ ଇଚ୍ଛାପୁରର ସାମାଜିକ ସଙ୍ଗଠନ ପେଡ଼ର ମିଳିତ ସହଯୋଗରେ ଅନୁଷ୍ଠିତ ଶିବିରରେ ଜିଲା ଓଜନ, ମାପ ଉପନିୟନ୍ତ୍ରକ ପ୍ରିୟବ୍ରତ ଜେନା ପୌରୋହିତ୍ୟ କରିଥିଲେ। ମୁଖ୍ୟବକ୍ତା ଭାବେ ବିଡିଓ ନିରଞ୍ଜନ ବାରିକ ଯୋଗଦେଇ ସଚେତନ ହେଲେ ଖାଉଟିମାନେ ସୁରକ୍ଷିତ ରହିପାରିବେ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାସ, ଜିଲା ଖାଦ୍ୟ ସୁରକ୍ଷା ଅଧିକାରୀ ବିଭୁଦତ୍ତ ଦାସ, ଜିଲା ଯୋଗାଣ ଅଧିକାରୀ ମନମୋହନ ପଟ୍ଟନାୟକ, ଖାଉଟି ଅଦାଲତ ସଭାପତି ଶିବପ୍ରସାଦ ମହାନ୍ତି ପ୍ରମୁଖ ଯୋଗଦେଇ ଥିଲେ। ଏହି ଉପଲକ୍ଷେ କଲେଜ ଛାତ୍ରୀଛାତ୍ରଙ୍କ ମଧ୍ୟରେ 'ସଚେତନ ଖାଉଟି, ସୁରକ୍ଷିତ ଖାଉଟି' ବିଷୟକୁ ନେଇ ଅନୁଷ୍ଠିତ ହୋଇଥିବା ବକ୍ତୃତା ଓ ରଚନା ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପେଡ୍‌ର ଉପାଧ୍ୟକ୍ଷ ଜଗତଜ୍ୟୋତି ପାଢ଼ୀ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଯୋଗାଣ ଅଧିକାରୀ ପ୍ରୀତିଶ ସାମଲ, ଚାନ୍ଦବାଲି ଯୋଗାଣ ଅଧିକାରୀ ଶ୍ରଦ୍ଧାଞ୍ଜଳି ମଲ୍ଲିକ, ବନ୍ତ ଯୋଗାଣ ଅଧିକାରୀ ଶୁଭଶ୍ରୀ ଶୁକ୍ଳା, ବାସୁଦେବପୁର ଯୋଗାଣ ଅଧିକାରୀ ମଧୁସ୍ମିତା ସେନାପତି, ଧାମନଗର ଯୋଗାଣ ଅଧିକାରୀ ରସାନନ୍ଦ ସାହୁଙ୍କ ସମେତ ଆଲୋକଜ୍ୟୋତି ମହିଳା ମହାସଂଘ ସଭାନେତ୍ରୀ ବାସନ୍ତୀଲତା ରାଉତ, ସମ୍ପାଦିକା କଲ୍ୟାଣୀ ଦାସ, ପ୍ରଧାନଶିକ୍ଷକ ଡ. କାଳୀପଦ ଦାସ, ସାମାଜିକକର୍ମୀ ରମେଶ ଚନ୍ଦ୍ର ଦାସଙ୍କ ସମେତ ବ୍ଲକର ବିଭିନ୍ନ ଅଞ୍ଚଳରୁ ଖାଉଟିମାନେ ଯୋଗ ଦେଇଥିଲେ। ପେଡ୍‌ର ସମ୍ପାଦକ ଦିବାକର ମଲ୍ଲିକ, କୋଷାଧ୍ୟକ୍ଷ ହରିହର ବାରିକ, କର୍ମକର୍ତ୍ତା ହରପ୍ରିୟା ଘଡ଼ାଇ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।



ବକ୍ତୃତା ପ୍ରତିଯୋଗିତାରେ ପ୍ରଥମ ଦୀପିକା ପାଢ଼ୀଙ୍କୁ ପୁରସ୍କୃତ କରାଯାଉଛି।

# କାଠ ଯୋଗାଇବାରେ ଅସହଯୋଗ

## ରଥ ପାଇଁ ପ୍ରସ୍ତୁତି ବୈଠକ

ବାରିପଦା,୨୫।୩(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ରଥ ନିର୍ମାଣ ନିମନ୍ତେ ମୟୂରଭଞ୍ଜ ଜିଲା ପ୍ରଶାସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ବୁଧବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ରଥଯାତ୍ରାକୁ ସ୍ମରଣୀୟ କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ପ୍ରୟାସ ଆରମ୍ଭ କରାଯାଇଛି। ଦ୍ୱିତୀୟ ଶ୍ରୀକ୍ଷେତ୍ର ଭାବେ ପ୍ରସିଦ୍ଧ ଶ୍ରୀ ଶ୍ରୀ ହରିବଳଦେବଜୀଉ ବିଜେଙ୍କ ରଥ ନିର୍ମାଣ ପାଇଁ ବ୍ୟବହୃତ କାଠର ଆବଶ୍ୟକତା ଓ ବିଭିନ୍ନ କାର୍ଯ୍ୟକ୍ରମକୁ ନେଇ ବୈଠକରେ ଆଲୋଚନା ହୋଇଥିଲା । ଜିଲାପାଳ ହେମକାନ୍ତ ସୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପୌରାଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି, ଅତିରିକ୍ତ ଜିଲାପାଳ ନେତ୍ରାନନ୍ଦ ମଲ୍ଲିକ, ଉପଜିଲାପାଳ ଦୟାସିନ୍ଧୁ ପରିଡ଼ା, ଅତିରିକ୍ତ ଏସ୍‌ପି ଗୌତମ କିଷାନ, ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. କିଶୋର ଆଚାର୍ଯ୍ୟ, ପଣ୍ଡିତ ଭାଗବତ ପଣ୍ଡା, ରଥ ମହାପାତ୍ର, ସେବାୟତ ଓ ବୁଦ୍ଧିଜୀବୀମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

ଅକ୍ଷୟ ତୃତୀୟାଠାରୁ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବାକୁ ଯାଉଥିବାରୁ କାଠର ଆବଶ୍ୟକତାକୁ ଦୃଷ୍ଟିରେ ରଖି ବିଚାରବିମର୍ଶ କରାଯାଇଥିଲା। କାଠ ଯୋଗାଇବାରେ ବନ ବିଭାଗ କୌଣସି ସହଯୋଗ କରୁ ନ ଥିବା ବେଳେ ଅଧିକାରୀମାନେ ବୈଠକରେ ମଧ୍ୟ ଅନୁପସ୍ଥିତ ରହୁଥିବାରୁ ଉଦ୍‌ବେଗ ପ୍ରକାଶ ପାଇଛି। ସେହିପରି ବୈଠକରେ ଟିପିଏନ୍‌ଓଡିଏଲ ଓ ଅନ୍ୟ କେତେକ ବିଭାଗର ଅଧିକାରୀଙ୍କ ଅନୁପସ୍ଥିତି ଯୋଗୁ ସେବାୟତମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ରଥଯାତ୍ରାକୁ ସରସସୁନ୍ଦର କରିବା ପାଇଁ ପ୍ରଶାସନ ପକ୍ଷରୁ ପ୍ରୟାସ ଆରମ୍ଭ କରାଯାଇଛି। ତଦନୁଯାୟୀ ମନ୍ଦିରର ରଙ୍ଗକାର୍ଯ୍ୟ ଏପ୍ରିଲ ମାସଠାରୁ ଆରମ୍ଭ କରିବା ପାଇଁ ପୂର୍ତ୍ତବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଜବରଦଖଲକାରୀଙ୍କ ପାଇଁ ବଡ଼ଦାଣ୍ଡ ସଙ୍କୀର୍ଣ୍ଣ ହୋଇପଡ଼ିଛି। ଫଳରେ ରଥ ଗଡୁଥିବା ସମୟରେ ଅନେକ ସମସ୍ୟା ସୃଷ୍ଟି ହେଉଥିବା ବେଳେ ରଥକୁ ଅଟକାଇବା ଯୋଗୁ ପ୍ରତିବର୍ଷ କାଠର ଆବଶ୍ୟକତା ବୃଦ୍ଧି ପାଇବାରେ ଲାଗିଛି ବୋଲି ରଥ ମହାପାତ୍ର କହିଛନ୍ତି। ଏଣୁ ବଡ଼ଦାଣ୍ଡରେ ଜବରଦଖଲ ଉଚ୍ଛେଦ କରିବା ସହ ପରିଷ୍କାର ପରିଚ୍ଛନ୍ନ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ମତ ପ୍ରକାଶ ପାଇଛି। ପ୍ରତିବର୍ଷ ରଥଯାତ୍ରାରେ ହେଉଥିବା ସମସ୍ୟା ପ୍ରତି ଜିଲାପାଳ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଶ୍ରଦ୍ଧା ଲଡୁ ଫିଙ୍ଗା ହେବା ଦ୍ୱାରା ବହୁ ମହିଳା ଓ ଯୁବତୀ ଭିଡ଼ ମଧ୍ୟରେ ଦୁର୍ଘଟଣାର ଶିକାର ହେଉଛନ୍ତି। ଏଣୁ ବିଧି ମୁତାବକ ଅଳ୍ପ ଲଡୁ ଫିଙ୍ଗା ହେବା ପରେ ଶ୍ରଦ୍ଧାଳୁଙ୍କୁ ସୁରୁଖୁରରେ ବଣ୍ଟନ କରିବାକୁ ଜିଲାପାଳ ସୟ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ମୁଖ୍ୟତଃ ଠାକୁରଙ୍କ ନୀତିକାନ୍ତି, ଶାନ୍ତିଶୃଙ୍ଖଳାର ସହ ରଥଯାତ୍ରା ଅନୁଷ୍ଠିତ ପାଇଁ ପର୍ଯ୍ୟାପ୍ତ ସଂଖ୍ୟାରେ ପୋଲିସ ମୁତୟନ, ଷ୍ଟଲ ଆବଣ୍ଟନ, ଜରୁରୀକାଳୀନ ସ୍ୱାସ୍ଥ୍ୟ ସେବା, ରଥଯାତ୍ରା ସମୟରେ ବଡ଼ଦାଣ୍ଡରେ ଆମିଷ ଖାଦ୍ୟ ବିକ୍ରିକୁ ନିଷେଧ, ନିରବଚ୍ଛିନ୍ନ ବିଦ୍ୟୁତ ସେବା, ପାନୀୟ ଜଳ ଯୋଗାଣ, ରଥଟଣା ସମୟରେ ଶ୍ରଦ୍ଧାଳୁ ଓ ଭକ୍ତମାନଙ୍କୁ ଗ୍ରୀଷ୍ମରୁ ରକ୍ଷା ପାଇଁ ପାଣି ସିଞ୍ଚନ, ସ୍ୱଚ୍ଛତା, ଅସ୍ଥାୟୀ ଶୌଚାଳୟ ସ୍ଥାପନ, ପାର୍କିଂ ବ୍ୟବସ୍ଥା, ରଥଟଣା ପାଇଁ ନଡ଼ିଆକତା ଦଉଡ଼ି ସଂଗ୍ରହ ଓ ଜଳଛତ୍ର ଆଦି ବ୍ୟବସ୍ଥା ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା।


ବୈଠକରେ ଉପସ୍ଥିତ ଜିଲାପାଳ ଓ ଅନ୍ୟମାନେ।

# ବାଲି ଚାଲାଣକୁ ନେଇ ୨ ଗୋଷ୍ଠୀ ସଂଘର୍ଷ

ଝାରପୋଖରିଆ,୨୫।୩ (ସୁଧୀର କୁମାର ମହାନ୍ତ)

ଝାରପୋଖରିଆ ଥାନା ଅଧୀନ ରୁଗୁଡ଼ିସାହି ଲିଜ ବାଲି ଖାଦାନରୁ ବାଲି ଉଠାଇବାକୁ ନେଇ ୨ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଘଟିଛି। ଏନେଇ ଥାନାରେ ୨ଟି ମାମଲା ରୁଜୁ ହୋଇଛି।

ସୂଚନା ଅନୁଯାୟୀ, ଗତ ୨୨ ତାରିଖ ସନ୍ଧ୍ୟା ୭ଟା ସମୟରେ ଶୀର୍ଷାସ୍ଥିତ ରୁଗୁଡ଼ିସାହି ଲିଜ୍ ବାଲିଘାଟରେ ଗାଡ଼ି ଲୋଡ୍‌କୁ ନେଇ ଦୁଇ ଗୋଷ୍ଠୀ ହାତାହାତି ହୋଇଥିଲେ। ବାଲିଘାଟର ଅଂଶୀଦାର ଥିବା କାଳୀପଦ ସେନାପତିଙ୍କ ଗାଡ଼ି ବାଲି ଲୋଡ୍ ପାଇଁ ଘାଟକୁ ଯାଇଥିବାବେଳେ ଅନ୍ୟଜଣେ ଅଂଶୀଦାର ସଂସାର ମିଶ୍ର ଗାଡ଼ିକୁ ଲୋଡ୍ ଦେଇ ନ ଥିଲେ। ଖବରପାଇ କାଳୀପଦଙ୍କ ପୁଅ ଅରଜିତ ଘାଟରେ ପହଞ୍ଚିବା ପରେ ସଂସାର ମିଶ୍ରଙ୍କ ସହିତ ତାଙ୍କର ବଚସା ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ସଂସାର ଏବଂ ତାଙ୍କ ସହଯୋଗୀ ଶାନ୍ତନୁ କୁଇଲା ପ୍ରମୁଖ ଅରଜିତଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଜୀବନରୁ ମାରି ଦେବାର ଧମକ ଦେବା ସହିତ ତାଙ୍କ ମୁଣ୍ଡକୁ ନଦୀ ପାଣିରେ ବୁଡ଼ାଇ ମାରିଦେବାକୁ ଉଦ୍ୟମ କରିଥିଲେ। ପରେ ସଂସାର ତାଙ୍କ ସହଯୋଗୀମାନେ ମିଳିତ ଭାବେ କାଳୀପଦଙ୍କୁ ମଧ୍ୟ ଆକ୍ରମଣ କରିବା ସହିତ ଅରଜିତଙ୍କ ବେକରୁ ଏକ ସୁନା ଚେନ ସହିତ ନଗଦ ୨୫୨୫୦ ଟଙ୍କା ଲୁଟି ନେଇଥିଲେ। ଏନେଇ ଅଭିଯୋଗ ପରେ ଝାରପୋଖରିଆ ଥାନାରେ ଏକ ମାମଲା(ନଂ. ୮୪/୨୬)ରୁଜୁ ହୋଇଛି। ଅନ୍ୟପକ୍ଷରେ ସଂସାରଙ୍କ ସହଯୋଗୀ ଶୀର୍ଷା ନୂଆସାହି ଗ୍ରାମର ନିରଞ୍ଜନ ସେଠୀଙ୍କ ପାଲଟା ଅଭିଯୋଗ କ୍ରମେ ଅନ୍ୟ ଏକ ମାମଲା(ନଂ.୮୫/୨୬) ରୁଜୁ ହୋଇଛି।

# ଖାଦ୍ୟ ନିରାପତ୍ତା ବିଭାଗର ଚଢ଼ାଉ

ଉଦଳା,୨୫।୩ (ସନ୍ତୋଷ କୁମାର ବାଞ୍ଛିନୀ)

ଉଦଳା ବଜାର ମଝିରେ ହୋଇଛି ହୋଟେଲ। ହେଲେ ହୋଟେଲରେ ଚାଲିଥିଲା ଅପରିଷ୍କାର ପରିବେଶରେ ଖାଦ୍ୟ ପ୍ରସ୍ତୁତି ଅଚାନକ ଖାଦ୍ୟ ନିରାପତ୍ତା ବିଭାଗ ଚଢ଼ାଉ କରିବାରୁ ଖୋଲିଗଲା ଦୋକାନୀର ଗୁମର। ଆଉ ସିଲ୍ ହେଲା ଗୋଟିଏ ଜଳଖିଆ ଦୋକାନ। ଉଦଳା ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ଜେନା, ଖାଦ୍ୟ ନିରାପତ୍ତା ବିଭାଗ ଉଦଳା ଇନଚାର୍ଜ ଅଫିସର ସୌମ୍ୟକାନ୍ତ ନାୟକ, ରାଜକିଶୋର ମହାନ୍ତଙ୍କ ସମେତ ପୋଲିସ ମିଳିତ ଭାବେ ଉଦଳା ବଜାରରେ ଥିବା ୮ଟି ହୋଟେଲ ଏବଂ ଜଳଖିଆ ଦୋକାନରେ ବୁଧବାର ଚଢ଼ାଉ କରିଥିଲେ। ସମସ୍ତ ଦୋକାନମାନଙ୍କର ଫୁଡ ଲାଇସେନ୍ସ ଯାଞ୍ଚ କରିବା ସହିତ ଖାଦ୍ୟ ପ୍ରସ୍ତୁତି ସ୍ଥାନ ଅର୍ଥାତ୍ ରୋଷେଇଶାଳ ଏବଂ ପରିଷ୍କାର ପରିଚ୍ଛନ୍ନତା ଯାଞ୍ଚ କରିଥିଲେ। ଯାଞ୍ଚ ସମୟରେ ୭ଟି ହୋଟେଲରେ ବାସିଖାଦ୍ୟ ନଷ୍ଟ କରାଯିବା ସହିତ ୨୬ ହଜାର ଟଙ୍କା ଜରିମାନା କରାଯାଇଥିଲା। ଉଦଳା ରଥଛକଠାରେ ଥିବା କାଶୀ ଭାଇ ମିଠା ଦୋକାନରେ ଯାଞ୍ଚବେଳେ ପୁଳାପୁଳା ଅସରପା ସାଙ୍ଗକୁ ଅଳିଆ ଆବର୍ଜନା ପାଣି ଓ ଦୁର୍ଗନ୍ଧଯୁକ୍ତ ପରିବେଶରେ ଜଳଖିଆ ପ୍ରସ୍ତୁତ କରାଯାଉଥିବା ଦେଖିବାକୁ ମିଳିଥିଲା। ଏହି ଦୋକାନକୁ ୭ ଦିନ ପାଇଁ ସିଲ୍ କରାଯାଇଥିବା ସୂଚନା ମିଳିଛି।

# ଆଦର୍ଶ ଶିକ୍ଷକ ମକରା ସାର୍

ମୋରଡ଼ା,୨୫।୩ (ସ୍ୱାରକ ମାଝୀ)

ମୟୂରଭଞ୍ଜ ଜିଲା ମୋରଡା ବ୍ଲକ ଅଧୀନ ବଙ୍କଚିହ୍ନା କ୍ଲଷ୍ଟରର ଚମାରଦାନୀ ସରକାରୀ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ମକରା ମୁର୍ମୁ ପାଠ ପଢ଼ା ସାଙ୍ଗକୁ ପିଲାଙ୍କ ଯତ୍ନ ଓ ପରିବେଶ ସୁରକ୍ଷା ପାଇଁ କାର୍ଯ୍ୟକରି ସାଧାରଣରେ ପ୍ରଶଂସାଭାଜନ ହୋଇଛନ୍ତି। ଉକ୍ତ ବିଦ୍ୟାଳୟରେ ଶିଶୁ ବାଟିକାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷା ଦାନ ହେଉଥିବା ବେଳେ ମୋଟ ୨୭ଜଣ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ବିଦ୍ୟାଳୟର ଦୋମ୍ବାରାଣୀ ଜେନା ପ୍ରଧାନ ଶିକ୍ଷୟିତ୍ରୀ ଦାୟିତ୍ୱରେ ଥିବା ବେଳେ ମକରା ମୁର୍ମୁ ସହକାରୀ ଶିକ୍ଷକ ଅଛନ୍ତି। ତେବେ ମକରା ସାର ନିଜର ପାଠ ପଢା ଶୈଳୀ ସହିତ ପିଲାଙ୍କ ସହିତ ବନ୍ଧୁତାପୂର୍ଣ୍ଣ ବ୍ୟବହାର ଏବଂ ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ପାଇଁ ଯେଉଁ କାର୍ଯ୍ୟ କରୁଛନ୍ତି ସେଥିପାଇଁ ସ୍ଥାନୀୟ ଅଞ୍ଚଳରେ ସମସ୍ତଙ୍କ ପ୍ରିୟର ପାତ୍ର ହୋଇଛନ୍ତି। ନିର୍ଦ୍ଧାରିତ ସମୟ ପୂର୍ବରୁ ବିଦ୍ୟାଳୟକୁ ଆସି ନିଜର ଦାୟିତ୍ୱ ବହନ କରୁଛନ୍ତି। ପାଠ ପଢ଼ାଇବା ସମୟରେ ମକରା ସାର ପ୍ରତ୍ୟେକ ପିଲାଙ୍କୁ ଗାଇଡ୍ କରିବା, ଭଲ ମଣିଷ ହେବା ପାଇଁ ଦିଗ୍‌ଦର୍ଶନ ଦେଉଛନ୍ତି। ତାଙ୍କ ତତ୍ତ୍ୱାବଧାନରେ ଉକ୍ତ ବିଦ୍ୟାଳୟର ପଞ୍ଚମ ଶ୍ରେଣୀର ଛାତ୍ର ଜୟପ୍ରକାଶ ପାଳ ପୂର୍ବରୁ ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷା ଓ ଗତ ନବୋଦୟ ପରୀକ୍ଷାରେ ମଧ୍ୟ କୃତକାର୍ଯ୍ୟ ହୋଇଛନ୍ତି। ତେବେ କେବଳ ପାଠ ପଢ଼ାଇବା ଦିଗରେ ମକରା ସାର ନିଜର ଦାୟିତ୍ୱ ତୁଲାଉ ନାହାନ୍ତି। ବିଦ୍ୟାଳୟକୁ ସଫା ସୁତୁରା ରଖିବା, ବିଦ୍ୟାଳୟ ପରିସରରେ ସୁନ୍ଦର ପରିବେଶ ସୃଷ୍ଟି କରିବା ପ୍ରତି ମଧ୍ୟ ଯଥେଷ୍ଟ ଧ୍ୟାନ ଦେଇଛନ୍ତି। ଉକ୍ତ ବିଦ୍ୟାଳୟର ଛୋଟ କ୍ୟାମ୍ପସରେ ସେ ବିଭିନ୍ନ ପ୍ରକାର ଫୁଲ, ଫଳ, ପନିପରିବା ଗଛ ଲଗାଇ ପରିବେଶକୁ ବେଶ ଆକର୍ଷଣୀୟ କରିଛନ୍ତି। ବିଦ୍ୟାଳୟ ପରିସରରେ ସେ ବିଭିନ୍ନ ପ୍ରକାର ଫୁଲ ଗଛ ସହିତ ଆମ୍ବ, କମଳା, ଲେମ୍ବୁ, ପିଜୁଳି,କଦଳୀ, ପଣସ, ଫୁଲ କୋବି, ବନ୍ଧା କୋବି, ବିଲାତି, ବାଇଗଣ ଆଦି ଚାଷ କରିଛନ୍ତି। ଉକ୍ତ ପରିବାଗୁଡ଼ିକ ସେ ମଧ୍ୟାହ୍ନଭୋଜନରେ ରୋଷେଇ କରିବାକୁ ଦେଇ ଛାତ୍ରୀଛାତ୍ରଙ୍କୁ ଖାଇବାକୁ ଦିଅନ୍ତି। ଏସବୁ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ, ଗ୍ରାମବାସୀଙ୍କ ସହଯୋଗରେ ସମ୍ଭବ ହୋଇଛି ବୋଲି ମକରା ସାର କହିଛନ୍ତି। ଉକ୍ତ ବିଦ୍ୟାଳୟକୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ ପାଇଁ ବିଭିନ୍ନ ମହଲରୁ ଦାବି ହୋଇଛି।


ବିଦ୍ୟାଳୟ ବଗିଚାର ଯତ୍ନ ନେଉଛନ୍ତି ଶିକ୍ଷକ ମକରା ମୁର୍ମୁ।

# ବିଦେଶୀ ମଦ,ଟଙ୍କା ଜବତ: ଯୁବକ ଗିରଫ

ଉଦଳା,୨୫।୩ (ସନ୍ତୋଷ କୁମାର ବାଞ୍ଛିନୀ)

ଆକୁ ଖୋଳୁ ଖୋଳୁ ମହାଦେବ ବାହାରିବା ପରି ଗୋଟିଏ ତଥ୍ୟ ଆଧାରରେ ଖୋଳତାଡ଼ ଚାଲିଥିବା ବେଳେ ମିଳିଲା ଆଉ କିଛି ସାଂଘାତିକ ତଥ୍ୟ। ଜଣେ ଯୁବକ ଦ୍ରବ୍ୟ କାରବାର କରୁଥିବା ଖବର ପାଇ ପୋଲିସ ଅବୈଧ ଭାବେ ବିକ୍ରି ରାତିରେ ଚଢ଼ାଉ କରିଥିଲା ପୋଲିସ। ହେଲେ ଚଢ଼ାଉ ସମୟରେ ପୋଲିସ ଘର ଭିତରୁ ପାଇଲା ପୁଳା ପୁଳା ଟଙ୍କା ଓ ବିଦେଶୀ ମଦ। ଏଭଳି ଘଟଣା ଘଟିଛି ଉଦଳା ଥାନା ତେଲବିହୁଡି ଗ୍ରାମରେ। ମଙ୍ଗଳବାର ରାତି ପ୍ରାୟ ୧୦ଟା ସମୟରେ ଉଦଳା ପୋଲିସ ତେଲବିହୁଡି ଗ୍ରାମର ଦେବେନ୍ଦ୍ର ବେହେରାଙ୍କ ଘରେ ଚଢ଼ାଉ କରିଥିଲା। ଖାନତଲାସି ପରେ ୨୬ ଲିଟର ବିଦେଶୀ ମଦ ଏବଂ ବିୟର ଜବତ କରିବା ସହିତ ୬ ଲକ୍ଷ ୬୩ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ପୋଲିସ ଜବତ କରିଥିଲା। ଅଭିଯୁକ୍ତ ଦେବେନ୍ଦ୍ରଙ୍କୁ ଗିରଫ କରି ଥାନାକୁ ଆଣିଥିଲା। ଏନେଇ ଥାନାରେ ଏକ ମାମଲା(ନଂ.୧୧୪/୨୬) ରୁଜୁ ହୋଇଛି।

# ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇଲେ ଗ୍ରାମ ସଂଯୋଜକ

ଉଦଳା,୨୫।୩ (ସନ୍ତୋଷ କୁମାର ବାଞ୍ଛିନୀ)

କାର୍ଯ୍ୟାଳୟ ଭିତରେ ବସି ଜନ ପ୍ରତିନିଧି ଏବଂ ଅଧିକାରୀ କରୁଥିଲେ ସୋସିଆଲ ଅଡିଟ। ସେପଟେ ଗ୍ରାମ ସଂଯୋଜକ ପଞ୍ଚାୟତ କାର୍ଯ୍ୟାଳୟ ମୁଖ୍ୟ ଗେଟ ତାଲା ମାରି ୩ ଘଣ୍ଟାରୁ ଅଧିକ ସମୟ ଧରି ବନ୍ଦ କରି ରଖିଲେ ସମସ୍ତଙ୍କୁ। ଉଦଳା ଥାନା ରାଜୋ ପଞ୍ଚାୟତ କାର୍ଯ୍ୟାଳୟରେ ଘଟିଛି ଏଭଳି ଘଟଣା। ରାଜୋ ପଞ୍ଚାୟତର ଗ୍ରାମ ସଂଯୋଜକ ମିହିର କୁମାର ବେହେରା ୨୦୨୪ରେ ୫ ଲକ୍ଷ ଟଙ୍କା ବ୍ୟୟ ବରାଦରେ ବାରାଗଡିଆ ଟାଙ୍କି ମରାମତି କାମ ଷ୍ଟାର୍ଟ ଅର୍ଡର ପାଇଥିଲେ। ଏହା ପରେ ସେ ଉକ୍ତ କାମ ସମ୍ପୂର୍ଣ୍ଣ ମଧ୍ୟ କରିଛନ୍ତି। ବିଲ୍ ବାବଦକୁ ସେ ୪ ଲକ୍ଷ ୧୬ ହଜାର ୩୮୧ ଟଙ୍କା ପାଇ ସାରିଥିବା ବେଳେ ଫାଇନାଲ ବିଲ ୭୩ହଜାର ୪୦୯ ଟଙ୍କା ପାଇବାକୁ ବାକି ରହିଛି। ଯାହା ପାଇବା ପାଇଁ ସେ ବାରମ୍ବାର କହିଥିବା ବେଳେ କାଗଜପତ୍ରରେ ନାଏବ ସରପଞ୍ଚ ଯବା ମୁର୍ମୁଙ୍କର ଦସ୍ତଖତ ବାକି ରହିଥିଲା। ତେବେ ଏହି ଦସ୍ତଖତ ପାଇଁ ସେ ବାରମ୍ବାର ନାଏବ ସରପଞ୍ଚଙ୍କ ନିକଟକୁ ଯାଇଥିବା ବେଳେ ଆଜିକାଲି କହି କହି ଦିନ ଗଡ଼ାଇ ଚାଲିଥିଲେ।

ବୁଧବାର ପୂର୍ବାହ୍ନ ୧୧ଟାରେ ରାଜୋ ପଞ୍ଚାୟତ କାର୍ଯ୍ୟାଳୟରେ ଜନ ପ୍ରତିନିଧିମାନଙ୍କ ମିଟିଂ ସହିତ ସୋସିଆଲ ଅଡିଟ ନିମନ୍ତେ ଅଧିକାରୀମାନେ ପହଞ୍ଚିଥିବା ବେଳେ ସେଠାରେ ନାଏବ ସରପଞ୍ଚଙ୍କୁ ନିଜ କାଗଜପତ୍ରରେ ଦସ୍ତଖତ ମାରିବାକୁ କହିଥିଲେ ଗ୍ରାମ ସଂଯୋଜକ ବେହେରା। ହେଲେ ନାଏବ ସରପଞ୍ଚ ଏହାକୁ ଏଡାଇ ଯାଇ ଚାଲିଯାଇଥିଲେ। ଏନେଇ ତାତିଥିଲେ ଗ୍ରାମ ସଂଯୋଜକ। ପଞ୍ଚାୟତ କାର୍ଯ୍ୟାଳୟ ଭିତରେ ମିଟିଂ ଚାଲିଥିବା ବେଳେ ବାହାର ପାଖରୁ ସେ ମୁଖ୍ୟ ଗେଟ ତାଲା ମାରି ଦେଇଥିଲେ। ଦୀର୍ଘ ୩ ଘଣ୍ଟାରୁ ଅଧିକ ସମୟ କାର୍ଯ୍ୟାଳୟ ଭିତରେ ଜନ ପ୍ରତିନିଧି, ସୋସିଆଲ ଅଡିଟ ଟିମ ବନ୍ଦ ହୋଇ ରହିବା ପରେ ଶେଷରେ ସ୍ଥାନୀୟ ଜନପ୍ରତିନିଧିଙ୍କ ବୁଝାସୁଝା ପରେ ଗ୍ରାମ ସଂଯୋଜକଙ୍କର ପ୍ରାପ୍ୟ ଫାଇନାଲ ବିଲ୍ କାଗଜପତ୍ରରେ ନାଏବ ସରପଞ୍ଚ ଦସ୍ତଖତ ମାରିଥିଲେ। ପରେ ଗ୍ରାମ ସଂଯୋଜକ ଗେଟରୁ ତାଲା ଖୋଲିଥିଲେ। ତେବେ ଏ ବାବଦରେ ନାଏବ ସରପଞ୍ଚ ମୁର୍ମୁଙ୍କୁ ପଚାରିବାରୁ ସେ କୌଣସି ପ୍ରତିକ୍ରିୟା ଦେବାକୁ ମନା କରି ଦେଇଥିଲେ।

# ବିଦ୍ୟାଳୟର ବାର୍ଷିକୋତ୍ସବ

ବୈଶିଙ୍ଗା,୨୫।୩ (ରତନ ଦାଶ)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅନ୍ତର୍ଗତ ନଡ଼ପୁର ପଞ୍ଚାୟତର ଖୁଣ୍ଟା ସ୍ଥିତ ନାଇସ ପବ୍ଲିକ ସ୍କୁଲର ବିଂଶତମ ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ଡ: ଅରୁଣ କୁମାର ସେନାପତିଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନେ ସ୍ୱାଗତ ସଙ୍ଗୀତ ସହିତ ନୃତ୍ୟ ପରିବେଷଣ କରି ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ସାମାଜିକ କର୍ମୀ ସନ୍ତୋଷ କୁମାର ଖଣ୍ଡା ମଞ୍ଚ ପରିଚାଳନା କରିଥିଲେ। ବିଦ୍ୟାଳୟର ପୁରୋଧା ନିତ୍ୟାନନ୍ଦ ସାହୁ ବିବରଣୀ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଧକ୍ଷ ତୁଷାର କାନ୍ତ ମହାପାତ୍ର, ମୁଖ୍ୟବକ୍ତା ଭାବେ ରାଇକମା ଆଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ରଜତ କୁମାର ଦାଶ, ସମ୍ମାନିତ ଅତିଥି ଭାବେ ବେତନଟୀ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷା ସଞ୍ଜୁକ୍ତା ଜୀ, ନଡ଼ପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଚିନ୍ମୟୀ ମହାପାତ୍ର, ବରିଷ୍ଠ ଖବରଦାତା ହରିଶ ଚନ୍ଦ୍ର ନନ୍ଦଗୋସ୍ୱାମୀ ଯୋଗଦେଇଥିଲେ। ଶିକ୍ଷକ ଓ ଅଭିଭାବକଙ୍କ ମଧ୍ୟରେ ସମନ୍ୱୟ ରହିଲେ ପିଲାମାନେ ଭବିଷ୍ୟତରେ ଭଲ ମଣିଷ ହୋଇପାରିବେ ବୋଲି ଅତିଥିମାନେ ମତବ୍ୟକ୍ତ କରିବା ସହିତ ପ୍ରତିଯୋଗୀମାନଙ୍କୁ ପ୍ରମାଣ ପତ୍ର ସହ ପୁରସ୍କାର ପ୍ରଦାନ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ଚିତ୍ତାକର୍ଷକ ନୃତ୍ୟ, ସଙ୍ଗୀତ ପରିବେଷଣ କରାଯାଇଥିଲା।



ଅତିଥିଙ୍କ ଗହଣରେ ଛାତ୍ରୀଛାତ୍ରମାନେ।

# ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଉତ୍ସବ

ଝାରପୋଖରିଆ,୨୫।୩ (ସୁଧୀର କୁମାର ମହାନ୍ତ)

ମୟୂରଭଞ୍ଜ ଜିଲା ସାରସକଣା ବ୍ଲକ୍ ଅଧୀନ ରାଜାଲୋକାଠାରେ ଗ୍ରାମବାସୀଙ୍କ ଉଦ୍ୟମରେ ୨୦୧୨ରେ ପ୍ରତିଷ୍ଠିତ ଶ୍ରୀରାମ ମନ୍ଦିରର ଚତୁର୍ଦ୍ଦଶ ବାର୍ଷିକ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସୋମବାର ପ୍ରଥମ ଦିବସରେ ମୁଖ୍ୟ ପୂଜକ ସୁବିର କୁମାର ପଣ୍ଡା ମନ୍ଦିର ତଥା ମନ୍ଦିରରେ ଥିବା ସମସ୍ତ ଗ୍ରାମ ଦେବାଦେବୀଙ୍କ ପୂଜା, କର୍ତ୍ତା ସନତ କୁମାର ସାହୁ ଓ କର୍ତ୍ତୀ ତାଙ୍କ ସହ ଧର୍ମିଣୀ ଆରତୀ ସାହୁଙ୍କର ପଞ୍ଚଗବ୍ୟ ସଂସ୍କାର, କୁଣ୍ଡମଣ୍ଡଳାଦି ନିର୍ମାଣ, ଅଙ୍କୁରାରୋପଣ କାର୍ଯ୍ୟ କରାଯାଇଥିଲା। ମଙ୍ଗଳବାର ହଜାର ହଜାର ଶ୍ରଦ୍ଧାଳୁଙ୍କ ଗହଣରେ ୨୨୧ ଜଳପୂର୍ଣ୍ଣ ଘଟ ଉତ୍ତୋଳନ କରାଯାଇ ଥିଲା। ଶ୍ରୀକ୍ଷେତ୍ରଧାମ ପୁରୀରୁ ଆସିଥିବା ଯଜ୍ଞାଚାର୍ଯ୍ୟ ଆଲୋକ ଚନ୍ଦ୍ର ପଣ୍ଡାଙ୍କ ତତ୍ତ୍ୱାବଧାନରେ ବେଦପଣ୍ଡିତ ତ୍ରିନାଥ ପଣ୍ଡା, ଶ୍ରୀନିବାସ ପଣ୍ଡା, ତ୍ରିଲୋଚନ ପଣ୍ଡା, ରାକେଶ ପଣ୍ଡା ଓ କପିଳ ନନ୍ଦଙ୍କ ଦ୍ୱାରା ନିର୍ମିତ ଯଜ୍ଞ ମଣ୍ଡପରେ ଘଟ ସ୍ଥାପନା କରାଯାଇ ପୂଜା କରାଯାଇଥିଲା। ପରେ ଯଜ୍ଞ ମଣ୍ଡପରେ ସୂର୍ଯ୍ୟ ପୂଜା, ପଞ୍ଚକର୍ମ, ବିଗ୍ରହ ଓ ପାର୍ଶ୍ୱ ଦେବାଦେବୀଙ୍କ ବିଶେଷ ପୂଜା, ଯଜ୍ଞାଗ୍ନି ସ୍ଥାପନ ଓ ଯଜ୍ଞ କର୍ମର ଶୁଭାରମ୍ଭ କରାଯାଇଥିଲା। ସନ୍ଧ୍ୟାରେ ମନ୍ଦିର ବେଢ଼ାରେ ନୂତନକରି ନିର୍ମାଣ କରାଯାଇଥିବା ଶ୍ରୀ ରାଧାକୃଷ୍ଣ ମନ୍ଦିରର ପ୍ରତିଷ୍ଠା ଓ ବିଗ୍ରହ ମାନଙ୍କର ଧାନ୍ୟାଧିବାସ,ସନ୍ଧ୍ୟା ଆଳତୀ ଓ ବଳି ପ୍ରଦାନ ସଙ୍କୀର୍ତ୍ତନ କରାଯାଇଥିଲା। ବୁଧବାରଠାରୁ ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ପଞ୍ଚ ଦିବସ ବ୍ୟାପୀ ଶ୍ରୀରାମ ମନ୍ଦିର ପରିସର ରାମ ଦରବାରରେ ପ୍ରତିଷ୍ଠା ଉତ୍ସବ ଉପଲକ୍ଷେ ବିଭିନ୍ନ ପୂଜା ବିଧିକର୍ମଣ କରାଯିବା ସହିତ ଷୋହଳ ପ୍ରହର ହରି ମହାମନ୍ତ୍ର କରାଯିବାର କାର୍ଯ୍ୟକ୍ରମ ରହିଥିବା କଥା ଶ୍ରୀରାମ ମନ୍ଦିର ପରିଚାଳନା ଟ୍ରଷ୍ଟିର ସମ୍ପାଦକ ଚିତ୍ତରଞ୍ଜନ ପ୍ରତିହାରୀ ସୂଚନା ଦେଇଛନ୍ତି।

# ଜିଲାସ୍ତରୀୟ ପଲ୍ଲିଶ୍ରୀ ମେଳା ପ୍ରସ୍ତୁତି ବୈଠକ

## ଚୈତ୍ର ପର୍ବ-୨୦୨୬ ସହ ଏକତ୍ର ହେବ ଆୟୋଜନ

ବାରିପଦା,୨୫।୩ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ପ୍ରଶାସନ ତରଫରୁ ଚୈତ୍ର ପର୍ବ –୨୦୨୬ ପାଳନ ଅବସରରେ ଜିଲାସ୍ତରୀୟ ପଲ୍ଲିଶ୍ରୀ ମେଳା ଆୟୋଜନ ନିମନ୍ତେ ଜିଲାପାଳ ହେମକାନ୍ତ ସୟ ଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛ।ଏପ୍ରିଲ ୧୧ରୁ ୧୫ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଚୈତ୍ର ପର୍ବ ଅବସରରେ ପଲ୍ଲିଶ୍ରୀ ମେଳା ଆୟୋଜନ ହେବ। ଓରମାସ ତଥା ଓଡ଼ିଶା ଗ୍ରାମ୍ୟ ଉନ୍ନୟନ ଓ ବିପଣନ ସମିତି ପକ୍ଷରୁ ଆୟୋଜନ ହେବାକୁ ଥିବା ଏହି ମେଳାରେ ପ୍ରାୟ ୧୫୦ ବିଭିନ୍ନ ବିଭାଗର ପ୍ରଦର୍ଶନୀ ଷ୍ଟଲ ଖୋଲିବାକୁ ଯୋଜନା ହୋଇଛି। ଏହାସହ ଛଉ ନୃତ୍ୟକୁ ବିଶ୍ୱ ଦରବାରରେ ପରିଚିତ କରିବା ନିମନ୍ତେ ଛଉ ନୃତ୍ୟରେ ବ୍ୟବହୃତ ହେଉଥିବା ଅଳଙ୍କାର, ବାଦ୍ୟଯନ୍ତ୍ର ଓ ଅନ୍ୟାନ୍ୟ ସାମଗ୍ରୀକୁ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ପ୍ରଦର୍ଶନ କରାଯିବ। ସେହିପରି ଛଉ ନୃତ୍ୟ ସମ୍ବନ୍ଧୀୟ ବିଭିନ୍ନ କୁଇଜ୍ ପ୍ରତିଯୋଗିତା ଆୟୋଜନ ହେବ। ଏତଦ୍ ବ୍ୟତୀତ ବିଭିନ୍ନ ଅଞ୍ଚଳର ଖାଦ୍ୟ ଷ୍ଟଲ ଖୋଲିବା ସହ ଦେଶୀ ଖାଦ୍ୟ ଷ୍ଟଲ ଖୋଲିବାକୁ ନିଷ୍ପତ୍ତି ହୋଇଛି। ଗ୍ରାମୀଣ ଅର୍ଥନୀତିର ବିକାଶ ପାଇଁ ବ୍ରାଣ୍ଡିଂ, ପ୍ୟାକେଜିଂ ଏବଂ ମାର୍କେଟିଂ ପାଇଁ ବିଭିନ୍ନ ଉତ୍ସର୍ଗୀକୃତ ଷ୍ଟଲ ଆୟୋଜନ ହେବ। ଏହି ଅବସରରେ ଫୁଟବଲ, ସଂଗୀତ ପ୍ରତିଯୋଗିତା ମଧ୍ୟ ଆୟୋଜନ କରିବାକୁ ଆଲୋଚନା ହୋଇଥିଲା। ବୈଠକରେ ଅତିରିକ୍ତ ଜିଲାପାଳ ଈଶ୍ୱର ଚନ୍ଦ୍ର ନାଏକ, ଉପଜିଲାପାଳ ଡ. ଦୟାସିନ୍ଧୁ ପରିଡ଼ା, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲା ପରିଷଦ ଧର୍ମାନନ୍ଦ ବେହେରା, ଓରମାସ ଡେପୁଟି ସିଇଓ ଭାଗ୍ୟଲକ୍ଷ୍ମୀ ରାଉତ, ଅଧୀକ୍ଷଣ ଯନ୍ତ୍ରୀ (ପୂର୍ତ୍ତ) ରୋହନ ରୟ, ପିଏ ଆଇଟିଡିଏ ପ୍ରଣୟ ରଞ୍ଜନ ବେହେରାଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଦେବେନ୍ଦ୍ରପୁରରେ ଅନ୍ନଛତ୍ର ସେବା, ଛତାବଣ୍ଟନ

ବାରିପଦା,୨୫।୩ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ଦେବେନ୍ଦ୍ରପୁରଠାରେ ମଙ୍ଗଳବାର ମିନାକ୍ଷୀ ବିଲଡର୍ସ ପକ୍ଷରୁ ଅନ୍ନଛତ୍ର ସେବା ଓ ଛତା ବଣ୍ଟନ କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି। ସତ୍ତ୍ୱାଧିକାରୀ ରଣଜିତ ମହାନ୍ତିଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା, କାଉନସିଲର ଦେବାଶିଷ ପାତ୍ର, ଅନନ୍ତ ଦାସ, ସାମାଜିକ କର୍ମୀ ଅମରସେଠୀ ପ୍ରମୁଖ ଯୋଗଦେଇ ୩୦୦୦ରୁ ଊର୍ଦ୍ଧ୍ୱ ଜନସାଧାରଣଙ୍କୁ ଛତା ବାଣ୍ଟିଥିଲେ। ଆସିଥିବା ସମସ୍ତ ଜନସାଧାରଣ ମଧ୍ୟାହ୍ନ ଭୋଜନରେ ଆପ୍ୟାୟିତ ହୋଇଥିଲେ। ମହାନ୍ତିଙ୍କ ପରିବାର ଓ ସଂସ୍ଥାର କର୍ମଚାରୀମାନେ ଏଥିରେ ସହାୟତା କରିଥିଲେ।


ଛତା ବଣ୍ଟନ କରାଯାଉଛି।

# କିଶୋରୀ ବାଳିକାଙ୍କ ଆନ୍ତଃଜିଲା ପରିଦର୍ଶନ କାର୍ଯ୍ୟକ୍ରମ

ବାରିପଦା, ୨୫।୩ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ସମାଜ କଲ୍ୟାଣ କାର୍ଯ୍ୟାଳୟ ପକ୍ଷରୁ କିଶୋରୀମାନଙ୍କ ପାଇଁ ଆନ୍ତଃଜିଲା ଏକ୍ସପୋଜର ପରିଦର୍ଶନ ଅନୁଷ୍ଠିତ ହୋଇଛି। ଜିଲା ସମାଜ ମଙ୍ଗଳ ଅଧିକାରିଣୀ ନିହାରିକା ମହାନ୍ତି ପତାକା ଦେଖାଇ ଏହି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ଏହି ପରିଦର୍ଶନର ଏକ ଅଂଶ ଭାବରେ କିଶୋରୀମାନଙ୍କୁ ମୟୂରଭଞ୍ଜ ଜିଲାର ବିଭିନ୍ନ କାର୍ଯ୍ୟାଳୟ ଏବଂ ଅନୁଷ୍ଠାନକୁ ନିଆଯାଇଥିଲା। ଏଥିରେ ଡାକଘର ବାରିପଦା, ବାରିପଦା ଟାଉନ ଥାନା, ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ବାରିପଦା ରେଳ ଷ୍ଟେଶନ, ପୂର୍ଣ୍ଣଚନ୍ଦ୍ର ଆଇଟିଆଇ ବାରିପଦା ଏବଂ ଜିଲା ସମାଜ କଲ୍ୟାଣ କାର୍ଯ୍ୟାଳୟ ମୟୂରଭଞ୍ଜ ସମେତ ବିଭିନ୍ନ କାର୍ଯ୍ୟାଳୟ ଏବଂ ଅନୁଷ୍ଠାନକୁ ନିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ୨୦ ଜଣ କିଶୋରୀ ବାଳିକା ସାମିଲ ହୋଇ ଜ୍ଞାନ ଆରୋହଣ କରିଥିଲେ।

# ପୂର୍ତ୍ତ ବିଭାଗ ଅଧୀନକୁ ଗଲା ବେତନଟୀ-ମାଣତ୍ରୀ ରାସ୍ତା

- ଡିପିଆର ପାଇଁ ସର୍ଭେ ଆରମ୍ଭ
- ଖୁବ୍ ଶୀଘ୍ର ଟେଣ୍ଡର ପରେ କାର୍ଯ୍ୟ

ବାରିପଦା,୨୫।୩ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଦିନର ଦାବି ପରେ ମୟୂରଭଞ୍ଜ ଜିଲା ବେତନଟୀ– ମାଣତ୍ରୀ ଗ୍ରାମ୍ୟ ଉନ୍ନୟନ ରାସ୍ତା ଦୀର୍ଘ ପୂର୍ତ୍ତବିଭାଗକୁ ହସ୍ତାନ୍ତର ହୋଇଛି। ମୟୂରଭଞ୍ଜ (ଆର୍‌ଆଣ୍ଡବି) ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ହୋଇଥିବା ମେମୋ ନମ୍ବର ୧୯୨୮ ଅନୁଯାୟୀ, କାର୍ଯ୍ୟ ବିଭାଗର ବିଜ୍ଞପ୍ତି ନମ୍ବର ୨୭୮୭ ତାରିଖ ୧୨।୨।୨୦୨୬ ଅନୁସାରେ ଏହି ରାସ୍ତାକୁ ହସ୍ତାନ୍ତର କରିବା ନିଷ୍ପତ୍ତି ନିଆଯାଇଛି। ଉକ୍ତ ମେମୋରେ ଉଲ୍ଲେଖ ଅଛି ଯେ, ମୟୂରଭଞ୍ଜ (ଆରଆଣ୍ଡବି) ଡିଭିଜନର ସମ୍ପୃକ୍ତ ସବ-ଡିଭିଜନାଲ ଅଫିସରଙ୍କୁ ଉଦଳା ରୁରାଲ ୱାର୍କସ ଡିଭିଜନର ସମ୍ପୃକ୍ତ ଅଧିକାରୀଙ୍କ ସହିତ ପରାମର୍ଶ କରି ରାସ୍ତା ହସ୍ତାନ୍ତର ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଉଚ୍ଚ କର୍ତ୍ତୃପକ୍ଷଙ୍କ ପ୍ରବଳ ଚାପ ଥିବାରୁ ଶୀଘ୍ର ଏହି ପ୍ରକ୍ରିୟା ସମାପ୍ତ କରିବାକୁ ଅନୁରୋଧ କରାଯାଇଛି। ଏହି ମେମୋର ନକଲ ମୟୂରଭଞ୍ଜ ଜିଲାପାଳ ଏବଂ ମୁଖ୍ୟ ଇଞ୍ଜିନିୟର (ରୋଡ୍ସ-୧), ଓଡ଼ିଶା, ଭୁବନେଶ୍ୱରଙ୍କୁ ମଧ୍ୟ ପଠାଯାଇଛି। ଏହି ହସ୍ତାନ୍ତର ପରେ ରାସ୍ତାର ରକ୍ଷଣାବେକ୍ଷଣ ଓ ଉନ୍ନୟନ କାର୍ଯ୍ୟ ବେତନଟୀ ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ଅଧୀନରେ ଆସିବ। ସ୍ଥାନୀୟ ଲୋକେ ଏହି ରାସ୍ତାର ଉନ୍ନତି ପାଇଁ ବହୁଦିନରୁ ଦାବି କରୁଥିଲେ। ୧୨.୫୦୦କିମିର ଏହି ରାସ୍ତାଟି ବେତନଟୀ ଓ ବଡ଼ସାହି ବ୍ଲକକୁ ସଂଯୋଗ କରୁଥିବା ବେଳେ ବେତନଟୀ ସହିତ ରେମୁଣା, ମିତ୍ରପୁର ଓ ନୀଳଗିରି ଏବଂ ଉଦଳାକୁ ବିକଳ୍ପ ସଂଯୋଗକାରୀ ସଡ଼କ ଅଟେ। ଏଥିସହିତ ମାଣତ୍ରୀରେ ଉତ୍ତର ଓଡ଼ିଶା ପ୍ରସିଦ୍ଧ ଶୈବପୀଠ ବାବା କଖାରୁଆ ବୈଦ୍ୟନାଥଙ୍କ ମନ୍ଦିର ଥିବାରୁ ଉପରୋକ୍ତ ଘୋଷଣା ଶ୍ରଦ୍ଧାଳୁଙ୍କ ମନରେ ଖୁସି ଆଣିଛି। ବିଜ୍ଞପ୍ତି ପ୍ରକାଶ ପରେ ବେତନଟୀ ପୂର୍ତ୍ତ ବିଭାଗ ପକ୍ଷରୁ ଡିପିଆର ପ୍ରସ୍ତୁତ ନିମନ୍ତେ ସର୍ଭେ ଆରମ୍ଭ ହୋଇଛ। ଏହା ପରେ ଅଟକଳ ପ୍ରସ୍ତୁତ କରି ଟେଣ୍ଡର ସାଙ୍ଗକୁ ଖୁବ୍ ଶୀଘ୍ର କାର୍ଯ୍ୟ ଆରମ୍ଭ ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

# ମା' ବାସନ୍ତୀ ଦୁର୍ଗାଙ୍କ ଚଇତି ପୂଜା

ଭଣ୍ଡାରିପୋଖରୀ,୨୫।୩(ରାଜେନ୍ଦ୍ର ଶତପଥି): ଭଦ୍ରକ ଜିଲା ଭଣ୍ଡାରିପୋଖରୀର ବିଭିନ୍ନ ସ୍ଥାନରେ ମା' ବାସନ୍ତୀ ଦୁର୍ଗାଙ୍କ ଚଇତି ପୂଜା ଅନୁଷ୍ଠିତ ହେଉଛି। ମଙ୍ଗଳବାର ବିଲ୍ୱାଧିବରଣ ସହ ଅଧିବାସ, ବୁଧବାର ମହାସପ୍ତମୀ ପୂଜା ଭଣ୍ଡାରିପୋଖରୀ ବଜାରରେ ପାରମ୍ପରିକ ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହେଉଛି। ଶନିବାର ଦଶହରା ପର୍ବ ପାଳନ ସହ ବିସର୍ଜନ କରାଯିବ। ମା' ବାସନ୍ତି ଦୁର୍ଗା କମିଟି ସଭାପତି ଅଖିଳ ବିହାରୀ ସାହୁ, ସମ୍ପାଦକ ସୁଶାନ୍ତ ବିଶ୍ୱାଳ, ପ୍ରଶାନ୍ତ ପଣ୍ଡା ପ୍ରମୁଖ ପୂଜା କାର୍ଯ୍ୟ ପରିଚାଳନାରେ ସହାୟତା କରୁଛନ୍ତି। ସେହିପରି ବାଙ୍କିପୁର ମା' ବାସନ୍ତୀ ଦୁର୍ଗାପୂଜା କଲେଜ ପଡ଼ିଆ ସ୍ଥାୟୀ ପୂଜାମଣ୍ଡପରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜକ ପୀତବାସ ପଣ୍ଡା ଓ ସାଥିଙ୍କ ଦ୍ୱାରା ପୂଜା ଅନୁଷ୍ଠିତ ହେଉଛି। ସେହିପରି ବାଲିପୋଖରୀ ପଞ୍ଚାୟତ ପରମାନନ୍ଦପୁର ବଜାର ପୁରାତନ ମଣ୍ଡପରେ ବାସନ୍ତୀ ଦୁର୍ଗାପୂଜା ଅନୁଷ୍ଠିତ ହେଉଛି। ସେହିପରି ଭଣ୍ଡାରିପୋଖରୀର ଆଦ୍ୟ ବାସନ୍ତୀ ଦୁର୍ଗାଭାବେ ପରିଚିତ କହରାପୋଖରୀଠାରେ ଦୀର୍ଘ ୮୧ ବର୍ଷ ହେବ ମା'ଙ୍କ ପୂଜା ପାଳିତ ହେଉଛି।

# ଜିଲାପାଳଙ୍କୁ ଅଭିଯୋଗ କଲେ ସରକାରୀ ଶିକ୍ଷକ

## ଜନଗଣନା ତାଲିକାରେ ସରକାରୀ ନିୟମ ଉଲ୍ଲଂଘନ

ସିମୁଳିଆ, ୨୫।୩(ସନ୍ତୋଷ ନାୟକ)

ଆସନ୍ତା ଏପ୍ରିଲ ୧ରୁ ୧୫ ଓ ୧୬ରୁ ମେ' ୧୬ ପର୍ଯ୍ୟନ୍ତ ଦୁଇଟି ପର୍ଯ୍ୟାୟରେ ଜନଗଣନା ପ୍ରକ୍ରିୟା ଚାଲୁ ରହିବା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏଥିରେ ପ୍ରତ୍ୟେକଙ୍କର ୩୩ଟି ତଥ୍ୟ ରହିବ। ତେବେ ବାଲେଶ୍ୱର ଜିଲା ସିମୁଳିଆ ବ୍ଲକରେ ସରକାରଙ୍କ ନିୟମକୁ ଉଲ୍ଲଙ୍ଘନ କରାଯାଇଥିବା ସରକାରୀ ହାଇସ୍କୁଲର ଶିକ୍ଷୟିତ୍ରୀଶିକ୍ଷକମାନେ ବୁଧବାର ଅଭିଯୋଗ କରିଛନ୍ତି। ଏହି ଶିକ୍ଷୟିତ୍ରୀ ଶିକ୍ଷକମାନେ ବିଡିଓ ସୁନୀଲ କୁମାର ଗୁଡୁ ଓ ତହସିଲଦାର ସୌମ୍ୟରଞ୍ଜନ ମହାପାତ୍ରଙ୍କୁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି।

ସରକାରଙ୍କ ନିୟମ ଅନୁସାରେ ପ୍ରାଥମିକ ଶିକ୍ଷୟିତ୍ରୀଶିକ୍ଷକମାନେ ସୁପରଭାଇଜର ଓ ହାଇସ୍କୁଲର ଶିକ୍ଷୟିତ୍ରୀଶିକ୍ଷକମାନେ ଜନଗଣନା ଅଧିକାରୀ ରୂପେ କାର୍ଯ୍ୟ କରିବାର ନିୟମ ଥିବା ବେଳେ ସିମୁଳିଆ ବ୍ଲକରେ ଏହାର ଉଲ୍ଲଂଘନ କରାଯାଇଥିବା ଦର୍ଶାଯାଇଛି। ଏ ସମ୍ପର୍କରେ ଶିକ୍ଷକମାନେ ଏବିଇଓ ଅଜୟ କୁମାର ପଣ୍ଡାଙ୍କୁ ପଚାରିବାରୁ ଶିକ୍ଷକମାନଙ୍କର ତାଲିକା ବିଡିଓ ପ୍ରସ୍ତୁତି କରିଥିବା ସୂଚନା ଦେଇଥିଲେ। ବିଡିଓଙ୍କୁ ପଚାରିବାରୁ ତହସିଲଦାର ପ୍ରସ୍ତୁତ କରିଥିବା ସୂଚନା ଦେଇଥିବା ଶିକ୍ଷକମାନେ ଅଭିଯୋଗ କରିଛନ୍ତି। ଅପରପକ୍ଷେ ଏହି ତାଲିକା ଓଷ୍ଟା ଶିକ୍ଷକ ସଂଘର ବ୍ଲକ ସଭାପତି ଭଗବାନ ବାରିକ ପ୍ରସ୍ତୁତ କରିଥିବା କୁହାଯାଇଛି। ସିମୁଳିଆ ବ୍ଲକ ଅଧୀନ କମଳାକାନ୍ତ ହାଇସ୍କୁଲରେ ଭଗବାନ ବାରିକଙ୍କ ସମେତ ଅନ୍ୟଜଣେ ମୋଟ ୨ଜଣ ଶିକ୍ଷକ ଅଛନ୍ତି। ତେବେ ଏହି ବିଦ୍ୟାଳୟର ୨ଜଣ ସୁପରଭାଇଜର ଅଛନ୍ତି। ଏହି ବିଦ୍ୟାଳୟର ୨ଜଣ ଶିକ୍ଷକ ଜନଗଣନା କାର୍ଯ୍ୟ କଲେ ବିଦ୍ୟାଳୟ କିପରି ଚାଲିବ ବୋଲି ଅନ୍ୟ ଶିକ୍ଷକମାନେ ପ୍ରଶ୍ନ କରିଛନ୍ତି। ସଭାପତି ଭଗବାନ ବାରିକ ନିଜେ ସୁପରଭାଇଜର ରହି ଅନ୍ୟ ହାଇସ୍କୁଲ ଶିକ୍ଷକମାନଙ୍କୁ ଜନଗଣନା ଅଧିକାରୀ କାର୍ଯ୍ୟଭାର ଅର୍ପଣ କରିବା ହାଇସ୍କୁଲ ଶିକ୍ଷକ ମାନଙ୍କ ପ୍ରତି ଅପମାନଜନକ ବୋଲି ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଭଗବାନ ବାରିକଙ୍କୁ ପଚାରିବାରୁ ସରକାରୀ ନିୟମ ରହିଛି, ତେବେ ଶିକ୍ଷକମାନଙ୍କ ସୁବିଧା ଅନୁସାରେ ତାଲିକା ପ୍ରସ୍ତୁତ କରାଯାଇଛି। ନିଜର ଇଗୋ ଅନୁସାରେ ଶିକ୍ଷକମାନେ ଅଭିଯୋଗ କରିଥିବା ସେ କହିଥିଲେ। ସିମୁଳିଆ ବ୍ଲକରେ ମୋଟ ୪୭ଜଣ ଶିକ୍ଷୟିତ୍ରୀ ଶିକ୍ଷକ, ସୁପରଭାଇଜର, ୭ଜଣ ରିଜର୍ଭ ଓ ୨୭୫ଜଣ ଜନଗଣନା ଅଧିକାରୀ ରୂପେ ନିୟୋଜିତ ଅଛନ୍ତି।

# ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଭୋଜିଭାତର ଆସର

ଭଣ୍ଡାରିପୋଖରୀ,୨୫।୩(ରାଜେନ୍ଦ୍ର ଶତପଥି): ଭଦ୍ରକ ଜିଲା ଭଣ୍ଡାରିପୋଖରୀ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ବୁଧବାର ମଧ୍ୟାହ୍ନରେ ଭୋଜିଭାତର ଆସର ଜମିଥିଲା। ଭଣ୍ଡାରିପୋଖରୀ ରାଜସ୍ୱ ନିରୀକ୍ଷକ, ସରସବା ରାଜସ୍ୱ ନିରୀକ୍ଷକ, ସୁପରଭାଇଜରମାନେ କାର୍ଯ୍ୟାଳୟ ପରିସରରେ ଭୋଜି କରୁଥିଲେ। ଖାଦ୍ୟ ଗ୍ରହଣ ପରେ କାର୍ଯ୍ୟାଳୟ ବନ୍ଦ କରି ଫେରିଯାଇଥିଲେ। ଏହି ସମୟରେ ବିଭିନ୍ନ କାର୍ଯ୍ୟ ପାଇଁ ଆସିଥିବା ଲୋକେ ବହୁ ସମୟ ଅପେକ୍ଷା କରି ଫେରିଯାଇଥିବା ଜଣାପଡ଼ିଛି। କାର୍ଯ୍ୟ ଦିବସରେ ଜନସାଧାରଣଙ୍କୁ କାର୍ଯ୍ୟାଳୟ ପରିସରରେ ବାରଣ କରାଯିବା ଘଟଣାକୁ ସାଧାରଣରେ ନାପସନ୍ଦ କରାଯାଇଛି। ରାଜସ୍ୱ ନିରୀକ୍ଷକ ଦାୟିତ୍ୱରେ ଥିବା ସୁପରଭାଇଜର ସତ୍ୟ ମଲ୍ଲିକ କହିଛନ୍ତି, ହୋଟେଲରୁ ଆଣି ଖାଉଥିଲୁ। ଖାଇବା ସମୟରେ କିଛି ଲୋକେ ଫେରିଯାଇପାରନ୍ତି।

# ରାମନବମୀ ଉପଲକ୍ଷେ ପୋଲିସର ଫ୍ଲାଗମାର୍ଚ୍ଚ

ଭଦ୍ରକ,୨୫।୩(ସନାତନ ରାଉତ): ଭଦ୍ରକର ଐତିହାସିକ ଶ୍ରୀରାମ ନବମୀ ମହାଯଜ୍ଞ ଉପଲକ୍ଷେ ଆସନ୍ତା ଶୁକ୍ରବାର ବିଶାଳ ନଗର ସଂକୀର୍ତ୍ତନ ଶୋଭାଯାତ୍ରା ଅନୁଷ୍ଠିତ ହେବ। ଶୋଭାଯାତ୍ରାକୁ ଶାନ୍ତିପୂର୍ଣ୍ଣ ଭାବେ ପାଳନ ପାଇଁ ମଙ୍ଗଳବାର ସନ୍ଧ୍ୟାରେ ପୁରୁଣାବଜାର ଅଞ୍ଚଳରେ, ବୁଧବାର ଟାଉନ ଥାନା ପକ୍ଷରୁ ପୌରାଞ୍ଚଳରେ ଫ୍ଲାଗମାର୍ଚ୍ଚ କରାଯାଇଛି। ଭଦ୍ରକ ଏସ୍‌ପି ମନୋଜ ରାଉତ, ଅତିରିକ୍ତ ଏସ୍‌ପିଅରୁପ ଅଭିଷେକ ବେହେରା, ଅଁଶୁମାନ ଦ୍ୱିବେଦୀ, ସିଡିଏସ୍‌ପି ଅନୀଲ ପ୍ରଧାନଙ୍କ ନେତୃତ୍ୱରେ ଏହି ଫ୍ଲାଗମାର୍ଚ୍ଚ ପରିଚାଳନା ହୋଇଥିଲା। ୧୪ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ରହିଥିବା ଏସ୍‌ପି ରାଉତ ସୂଚନା ଦେଇଛନ୍ତି।

# ବାଲିଆପାଳରେ ମା' ବାସନ୍ତୀଙ୍କ ପୂଜା ଶୁଭାରମ୍ଭ

ବାଲିଆପାଳ, ୨୫।୩(ଗୋପାଳ ଚନ୍ଦ୍ର ସାହୁ): ବାଲେଶ୍ୱର ଜିଲା ବାଲିଆପାଳ ପୁରୁଣା ବସ୍‌ଷ୍ଟାଣ୍ଡରେ ବୁଧବାର ମା' ବାସନ୍ତୀଙ୍କ ୪ ଦିନିଆ ପୂଜା ଶୁଭାରମ୍ଭ ହୋଇଛି। ସୁବର୍ଣ୍ଣରେଖା ନଦୀରୁ ଘଟ ଉତ୍ତୋଳନ ପରେ ସପ୍ତମୀ ପୂଜା ଆରମ୍ଭ ହୋଇଛି। ଗୁରୁବାର ମା'ଙ୍କ ଅଷ୍ଟମୀ ଅନୁଷ୍ଠିତ ହେବ। ଶୁକ୍ରବାର ନବମୀ ଏବି ଶନିବାର ଦଶହରାରେ ମା'ଙ୍କ ପୂଜା ଶେଷ ହେବ। ଏହା ସ୍ୱାଧୀନତାର ବହୁ ବର୍ଷ ପୂର୍ବରୁ ବ୍ରିଟିଶ ଶାସନ ଅମଳରୁ ବାଲିଆପାଳ ଥାନା ପ୍ରତିଷ୍ଠା ହେବା ପରଠାରୁ ବାଲିଆପାଳ ଥାନା ପକ୍ଷରୁ ମାଆ ବାସନ୍ତୀଙ୍କ ପୂଜା ହୋଇଆସୁଥିଲା। ମାତ୍ର ପାରିପାର୍ଶ୍ୱିକ ବାଧା ବନ୍ଧନ ପାଇଁ ବାଲିଆପାଳ ଥାନା ସହାୟତାରେ ଏବଂ ବାଲିଆପାଳ ଦୁର୍ଗାପୂଜା କମିଟି ପରିଚାଳନାରେ ମାଆ ବାସନ୍ତୀଙ୍କ ପୂଜା ଦୀର୍ଘ ଦୀନ ଧରି ଅନୁଷ୍ଠିତ ହେଉଛି। ସେହିପରି ଚଳିତବର୍ଷ ମାଆଙ୍କ ପୂଜା ବୁଧବାରଠାରୁ ଶୁଭାରମ୍ଭ ହୋଇଛି। ବାଲିଆପାଳ ଆଇଆଇସି ସାଲଖାନ ମୁର୍ମୁ ବ୍ରାହ୍ମଣଙ୍କୁ ପୂଜା ପାଇଁ ଅନୁମତି ଦେବା ପରେ ପୂଜା କାର୍ଯ୍ୟ ଆରମ୍ଭ ହୋଇଥିଲା। ଆସନ୍ତା ଶନିବାର ଦଶହରାରେ ପୂର୍ଣ୍ଣାହୂତି ପରେ ପୂଜା ଶେଷ ହେବ।

# କାଳବୈଶାଖୀ ପ୍ରକୋପ

## ଭାଙ୍ଗିଲା ଶତାଧିକ ଗଛ, ବିଦ୍ୟୁତ ଖୁଣ୍ଟ

ଖଇରା, ୨୫।୩(ଉତ୍କଳବନ୍ଧୁ ପଣ୍ଡା): ବାଲେଶ୍ୱର ଜିଲା ଅନ୍ତର୍ଗତ ଖଇରା ବ୍ଲକରେ କାଳବୈଶାଖୀ ପ୍ରଭାବରେ ବ୍ୟାପକ କ୍ଷତି ଘଟିଛି। ଆଳନ୍ଦା ଗ୍ରାମ ରାସ୍ତାରେ ଗଛ ଉପୁଡିବା ଯୋଗୁ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଖଇରା ଅଗ୍ନିଶମ ବାହିନୀ ପକ୍ଷରୁ ରାସ୍ତାରୁ ଗଛ ହଟାଇବା ପରେ ଯାତାୟାତ ସ୍ୱାଭାବିକ ହେଉଛି। ଏହାଛଡା ଆଜବେଷ୍ଟସ ଭାଙ୍ଗିବା ଓ ଚାଳଛପର ଉଡାଇ ଘର ନଷ୍ଟ ହୋଇଛି। ସେହିଭଳି ବିଭିନ୍ନ ଗ୍ରାମରେ ତାର ଛିଡିବା ଓ ବିଦ୍ୟୁତ ଖୁଣ୍ଟ ଭାଙ୍ଗିବା ଯୋଗୁ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ ହୋଇପଡିଛି।


## ଆସେଟ୍ ରିକନ୍‌ଷ୍ଟ୍ରକ୍ସନ୍ କମ୍ପାନୀ (ଇଣ୍ଡିଆ) ଲିଃ

Arcil Premier ARC

ପଞ୍ଜୀକୃତ କାର୍ଯ୍ୟାଳୟ: ଦ ରୁବି, ୧୦ମ ମହଲା, ୨୯ ସେନାପତି ବାପଟ ମାର୍ଗ, ଦାଦର (ପଶ୍ଚିମ), ମୁମ୍ବାଇ-୪୦୦୦୨୮ । ଟେଲି: ୦୨୨-୬୬୫୮୧୩୦୦ www.arcil.co.in
ସିଆଇଏନ୍-ୟୁ୬୫୯୯୯ଏମ୍‌ଏଚ୍‌୨୦୦୨ପିଏଲ୍‌ସି୧୩୪୮୪ । ୱେବସାଇଟ୍: www.arcil.co.in

### ଡିମାଣ୍ଡ ନୋଟିସ

ଯେହେତୁ ଆସେଟ୍ ରିକନ୍‌ଷ୍ଟ୍ରକ୍ସନ୍ କମ୍ପାନୀ (ଇଣ୍ଡିଆ) ଲିମିଟେଡ୍ (ଏତଦ୍‌ପଶ୍ଚାତ୍ "ଆର୍ସିଲ" ଭାବେ ଉଲ୍ଲିଖିତ)ର [illegible]

| ଖାତା ନଂ. | ଋଣଗ୍ରହୀତା ଏବଂ ସହ-ଋଣଗ୍ରହୀତାଙ୍କ ନାମ | ମୋଟ ଋଣ ବକେୟା (ଆରୋପଣଯୋଗ୍ୟ) / ତାରିଖ ସୁଦ୍ଧା | ଡିମାଣ୍ଡ ନୋଟିସ ତାରିଖ |
|---|---|---|---|
| [illegible] | ୧. [illegible] | [illegible] | ୧୬।୦୧।୨୦୨୬ |
| [illegible] | ୨. [illegible] | [illegible] | ୧୬।୦୧।୨୦୨୬ |

[illegible]

ସ୍ୱା./- ପ୍ରାଧିକୃତ ଅଧିକାରୀ
ଆସେଟ୍ ରିକନ୍‌ଷ୍ଟ୍ରକ୍ସନ୍ କମ୍ପାନୀ (ଇଣ୍ଡିଆ) ଲିମିଟେଡ୍
ଆର୍ସିଲ୍ - ୨୦୨୬ - ୦୧୧ - ଟ୍ରଷ୍ଟ
ସ୍ଥାନ: ଭଦ୍ରକ
ତାରିଖ: ୨୬।୦୩।୨୦୨୬


No.4001/92/2526

GRIDCO
Empowering Odisha

# GRIDCO LIMITED

(A Govt. of Odisha Undertaking)
Regd. Office: Janpath, Bhubaneswar-751022, Odisha

## NOTIFICATION

### BULK SUPPLY PRICE EFFECTIVE FROM 1st APRIL, 2026

In exercise of powers conferred under Section 86 (1) (b) and other related provisions of the Electricity Act, 2003, the Odisha Electricity Regulatory Commission has passed an Order on 24.03.2026 in Case Nos. 122 of 2025 and 123 of 2025 (Revised Truing Up for the FY 2023-24 & Truing Up for the FY 2024-25) with regard to Aggregate Revenue Requirement and determination of Bulk Supply Price of GRIDCO Ltd. effective from 01.04.2026 for purchase of power by TPCODL, TPNODL, TPWODL and TPSODL strictly for use by the State consumers.

The GRIDCO Ltd. hereby notifies the schedule of Bulk Supply Price determined by OERC as given below:

**Bulk Supply Price**

The Bulk Supply Price, as under, shall be applicable for sale of power by GRIDCO Ltd. to the Distribution Licensees (TPCODL, TPNODL, TPWODL and TPSODL) which is strictly meant for supply of power by the Licensees to the State consumers and not for resale to any other utility / trader under Open Access. The total charges payable by a Distribution Licensee shall be calculated by summation of the following charges mentioned in Para (A) to (F) below and applicable for supply of power with effect from 01.04.2026 until further order.

(A) **Energy Charges:** The charges on the scheduled energy supplied by GRIDCO Ltd. to the Distribution Licensees shall be as follows:

| | | | |
|---|---|---|---|
| **TPCODL** | - | **331.00** | **paise per kWh** |
| **TPNODL** | - | **344.00** | **paise per kWh** |
| **TPWODL** | - | **379.00** | **paise per kWh** |
| **TPSODL** | - | **190.00** | **paise per kWh** |

(B) **Charges for Overdrawal of Energy:** Any over drawal of energy by the Distribution Licensee(s) beyond their schedule will be billed by GRIDCO Ltd. and paid by the Distribution Licensee(s) at the above Bulk Supply Price till effective implementation of Intra-State DSM Regulations, 2025 in the State. After that it shall be subject to the provisions of the said Regulations.

(C) **Demand Charges:** There shall not be any levy of separate maximum demand charges upto the permitted SMD in a month for the distribution licensee(s) for the FY 2026-27. Permitted SMD would mean monthly SMD recorded upto maximum of 5% over the approved SMD in the current tariff order to take care of monthly variations. Any excess drawl over the permitted SMD will have to be paid by the Distribution Licensee(s) @ Rs.250 per kVA per month, subject to the condition that the annual average SMD shall be limited to the SMD approved in the order. This is essential for proper planning of load and ensuring system stability. In case the annual average SMD is more than the approved SMD, then overdrawal quantum shall attract the penalty @ Rs.250 per kVA per month, notwithstanding the fact that a licensee might have paid the SMD charges for exceeding the permitted SMD in any month.

(D) **Rebate:** For payment of BSP bills by the DISCOMs to GRIDCO through Letter of Credit / RTGS / NEFT or by cash within a period of five (5) working days (excluding holidays under the N.I. Act., 1881), a rebate of 1.5% shall be allowed on current dues. If the payments are made after five working days, but within a period of thirty (30) days of presentation of bills, a rebate of 1% shall be allowed.

(E) **Late Payment Surcharge:** In case payment of bills by the distribution licensees is delayed beyond a period of thirty (30) days from the date of presentation of bill, a late payment surcharge at the rate of 1.25% per month shall be levied by GRIDCO Ltd. on the unpaid amount.

(F) **Duty and Taxes:** The statutory duty/tax/cess/toll etc. imposed under any law from time to time shall be charged over and above the Bulk Supply Price fixed by the Commission.

The detailed order of the Commission shall be available in the Commission's website www.orierc.org as well as in the website of GRIDCO Ltd. www.gridco.co.in

Bhubaneswar
Dt.24.03.2026
OIPR-4001/4056/1/25-26/0003

**Sd./- Managing Director**
**GRIDCO Ltd.**

TPCODL
ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍
(ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ)

# ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍

(ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ)
ରେଜିଷ୍ଟର୍ଡ ଅଫିସ୍ / କର୍ପୋରେଟ୍ ଅଫିସ୍ : ପାୱାର ହାଉସ୍ ସ୍କୋୟାର, ୟୁନିଟ୍ - ୮, ଖୋର୍ଦ୍ଧା, ଭୁବନେଶ୍ୱର, ଓଡିଶା, ଭାରତ, ୭୫୧୦୧୨

## ଶୁଳ୍କ ବିଜ୍ଞପ୍ତି

### ୧ ଅପ୍ରେଲ, ୨୦୨୬ ଠାରୁ କାର୍ଯ୍ୟକାରୀ ହେବାକୁ ଥିବା ଖୁଚୁରା ଯୋଗାଣ ଶୁଳ୍କ

ବିଦ୍ୟୁତ ଆଇନ ୨୦୦୩ର ଧାରା ୬୨ (୪), ୬୪ (୩) ଓ ଅନ୍ୟାନ୍ୟ ସଂପୃକ୍ତ ବ୍ୟବସ୍ଥାବଳୀ ଅଧିନରେ କ୍ଷମତା ପ୍ରୟୋଗ ପୂର୍ବକ ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗ ତା ୨୪.୦୩.୨୦୨୬ରେ TPCODL, TPNODL, TPWODL ଏବଂ TPSODL ର ୨୦୨୫ର କେସ୍ ନଂ ୧୩୬, ୧୩୭, ୧୩୮ ଏବଂ ୧୩୯, ୨୦୨୫ର କେସ୍ ନଂ ୧୨୪, ୧୨୫, ୧୨୬, ୧୨୭ ଏବଂ ୨୦୨୫ର କେସ୍ ନଂ ୧୨୮, ୧୨୯, ୧୩୦ ଏବଂ ୧୩୧ ଏବଂ ୨୦୨୫ର କେସ୍ ନଂ ୧୩୨, ୧୩୩.୧୩୪ ଏବଂ ୧୩୫ ସହିତ ସମୁଦାୟ ରାଜସ୍ୱ ଆବଶ୍ୟକତା (ଏ.ଆର୍.ଆର୍). ଆର୍ଥିକ ବର୍ଷ ୨୦୨୬-୨୭ ପାଇଁ ହୁଇଲିଂ ଶୁଳ୍କ ଏବଂ ଖୁଚୁରା ଯୋଗାଣ ଶୁଳ୍କ, ଆର୍ଥିକ ବର୍ଷ ୨୦୨୬-୨୭ ପାଇଁ ଏଚ୍.ଟି ଏବଂ ଇ.ଏଚ୍.ଟି ଉପଭୋକ୍ତାଙ୍କ ପାଇଁ ଓପନଏକ୍ସେସ ଚାର୍ଜେସ୍, ଆର୍ଥିକ ବର୍ଷ ୨୦୨୬-୨୭ ପାଇଁ ଏଲ୍.ଟି ଉପଭୋକ୍ତାଙ୍କ ପାଇଁ ଓପନ ଏକସେସ୍ ଚାର୍ଜେସ୍, ଆର୍ଥିକ ବର୍ଷ ୨୦୨୪-୨୫ ପାଇଁ ଟ୍ରୁଇଂ ଅପ୍ ଏବଂ ଆର୍ଥିକ ବର୍ଷ ୨୦୨୩-୨୪ର ଟ୍ରୁଇଂ ଅପ୍ ର ପୁର୍ନବିଚାର ଉପରେ ଏକ ସାଧାରଣ ଆଦେଶ ମଂଜୁରୀ କରିଛନ୍ତି, ଯାହା ୦୧.୦୪.୨୦୨୬ ଠାରୁ ରାଜ୍ୟରେ କାର୍ଯ୍ୟକାରୀ ହେବ।

ଓଇଆରସି (ବ୍ୟବସାୟ ପରିଚାଳନା) ନିୟମାବଳୀ ୨୦୦୪ର ନିୟମ ୫୭ ଅନୁଯାୟୀ TPCODL ଏତଦ୍ୱାରା ନିମ୍ନ ପ୍ରକାରେ ଖୁଚୁରା ଯୋଗାଣ ତାରିଫ ଓ ଅନ୍ୟାନ୍ୟ ଶୁଳ୍କ ବିଷୟରେ ସୂଚିତ କରୁଛନ୍ତି :

୧. ତା.୦୧.୦୪.୨୦୨୬ ଠାରୁ କାର୍ଯ୍ୟକାରୀ ହେବାକୁ ଥିବା ବିଦ୍ୟୁତ ଉପଯୋଗ ପାଇଁ ଦିଆଯାଇଥିବା ସୂଚୀ ଅନୁସାରେ ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗର ଯୋଗାଣ କ୍ଷେତ୍ରରେ ଓଡ଼ିଶା ରାଜ୍ୟରେ ବିଦ୍ୟୁତ ଉପଭୋକ୍ତାଙ୍କ ପାଇଁ ଆର୍ଥିକ ବର୍ଷ ୨୦୨୬-୨୭ ଲାଗି ଏହା ପର୍ଯ୍ୟୁଜ୍ୟ ହେବ ଯାହା ଓଇଆରସିର ସାଧାରଣ ଆଦେଶ ତାରିଖ ୨୪.୦୩.୨୦୨୬ ଅନୁଯାୟୀ ଅନୁମୋଦନ ପ୍ରକାରେ ଉକ୍ତ ତାରିଖ ଓ ଅନ୍ୟାନ୍ୟ ଶୁଳ୍କ ଲାଗୁ ହେବ ଏବଂ ଆୟୋଗଙ୍କ ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ଏହା ବଳବତ୍ତର ହେବ।

୨. ଓଡ଼ିଶା ବିଦ୍ୟୁତ (ଶୁଳ୍କ) ଅଧିନିୟମ ୧୯୬୧ ତଥା ଅନ୍ୟାନ୍ୟ ବୈଧାନିକ ଶୁଳ୍କ / ଲେଭି / ସେସ୍ / ଟିକସ / ଟୋଲ ଯାହାର ସମୟକୁ ସମୟର ଆଇନ ଅଧିନରେ ପ୍ରଯୁଜ୍ୟ ହୋଇଥାଏ ସେହି ଅଧିନରେ ଓଡ଼ିଶା ସରକାରଙ୍କ ଦ୍ୱାରା ବିଦ୍ୟୁତ ଶୁଳ୍କ ଲାଗୁ ହେବ ଓ ଉପରୋକ୍ତ ତାରିଫ କ୍ରମରେ ଆଇନ ଅନୁଯାୟୀ ଉପଭୋକ୍ତାଙ୍କ ଦ୍ୱାରା ପ୍ରଦେୟ ହେବ।

୩. ଆୟୋଗଙ୍କ ସବିଶେଷ ଆଦେଶନାମା ଏହାର ୱେବସାଇଟ www.orierc.org ସହିତ ଲାଇସେନ୍ସିଙ୍କ ୱେବସାଇଟ www.tpcentralodisha.com ରେ ଉପଲବ୍ଧ ହେବ।

ସ୍ଥାନ : ଭୁବନେଶ୍ୱର
ତାରିଖ : ୨୪.୦୩.୨୦୨୬

ମୁଖ୍ୟ ନିର୍ବାହୀ ଅଧିକାରୀ
ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲମିଟେଡ୍

### ୧ ଅପ୍ରେଲ, ୨୦୨୬ ଠାରୁ କାର୍ଯ୍ୟକାରୀ ହେବାକୁ ଥିବା ଖୁଚୁରା ଯୋଗାଣ ଶୁଳ୍କ

(୧୯) ସଂଯୁକ୍ତ ହଷ୍ଟେଲ ଏବଂ / କିମ୍ବା ଆବାସିକ କଲୋନୀ ସହିତ ଶିକ୍ଷାନୁଷ୍ଠାନ (ସାଧାରଣ ଉଦ୍ଦେଶ୍ୟ ବର୍ଗର ଉପଭୋକ୍ତା ମାନଙ୍କ ପାଇଁ ନିର୍ଦ୍ଧାରିତ) ଯେଉଁମାନେ ଏକ ସିଙ୍ଗେଲ ଏଚଟି ମିଟର ଜରିଆରେ ଶକ୍ତି ଆହାରଣ କରୁଛନ୍ତି ସେମାନଙ୍କ ପାଇଁ ଏଚଟି ବଲ୍କ ସପ୍ଲାଏ ଡୋମେଷ୍ଟିକ୍ ବର୍ଗ ଅଧିନରେ ତାଙ୍କର ଶକ୍ତି ଉପଯୋଗର ୧୫% ହାର ଅନୁସାରେ ବିଲ୍ କରାଯିବ।

(୨୦) ସ୍ୱୀକୃତି ପ୍ରାପ୍ତ ସ୍କୁଲ ସହିତ ସଂଯୁକ୍ତ ହଷ୍ଟେଲ ଓ ଓଡ଼ିଶା ସରକାରଙ୍କ ଏସ୍‌ସି/ଏସଟି ବିଭାଗ ଦ୍ୱାରା ପରିଚାଳିତ ହେଉଥିଲେ ନିର୍ଦ୍ଧାରିତ ସାଧାରଣ ଉଦ୍ଦେଶ୍ୟବର୍ଗ (ଏଲଟି/ଏଚଟି) ଯେଉଁଥି ପାଇଁ ସେମାନେ ଯୋଗ୍ୟ ସ୍ୱାଭାବିକ ରିବେଟ ବ୍ୟତୀତ ଶକ୍ତି ଉପଯୋଗ କ୍ଷେତ୍ରରେ ୟୁନିଟ୍ ପ୍ରତି ଟ.୨.୪୦ ର ଏକ ରିବେଟ ପାଇବେ।

(୨୧) ସର୍ବସାଧାରଣ ୱାଟର ୱାର୍କ ଓ ସ୍ୱେରେଜ ପମ୍ପିଂ ସ୍ଥାପନ ବର୍ଗ ଅଧିନରେ ସ୍ୱଜଳ ଧାରା ଉପଭୋକ୍ତାମାନେ ସ୍ୱାଭାବିକ ରିବେଟ ବ୍ୟତୀତ ଅଧିକ ଉର୍ଜା ଖର୍ଚ୍ଚ ଉପରେ ୧୦% ହାରରେ ଏକ ସ୍ୱତନ୍ତ୍ର ରିହାତି ପାଇବେ ଯଦି ବିଦ୍ୟୁତ୍ ବିଲକୁ ଧାର୍ଯ୍ୟ ତାରିଖ ମଧ୍ୟରେ ପ୍ରଦାନ କରନ୍ତି

(୨୨) ମତ୍ସ୍ୟ ବିଭାଗ ଦ୍ୱାରା ନ୍ୟସ୍ତ ହୋଇଥିବା ବୈଧାନିକ କଟକଣା ସମୟରେ ଆଇସି ଫେକ୍ଟୋରୀ (କଟକଣା ଜୋନ୍‌ର ସମୁଦ୍ରକୂଳ ଠାରୁ ୫ କିମିରୁ ଅଧିକ ହୋଇନଥିବା ଦୂରତାରେ ଅବସ୍ଥିତ) ବିଲିଂ ପିରିୟଡ଼ ଅବଧିରେ ରେକର୍ଡ଼ ହୋଇଥିବା ପ୍ରକୃତ ସର୍ବାଧିକ ଡିମାଣ୍ଡ ଚାର୍ଜ ଦେବେ।

(୨୩) ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟ୍ ସହିତ ସଂଯୁକ୍ତ ଥିବା ପଲଟ୍ରି ଫାର୍ମର ସମୁଦାୟ ସଂଯୁକ୍ତ ଲୋଡ଼ର ୨୦% ରୁ କମ୍ ଲୋଡ଼ କନେକ୍ସନ ଉପରେ ସେମାନଙ୍କୁ ଟ୍ରାଫିକ୍ ଉଦ୍ଦେଶ୍ୟ ପାଇଁ ସାଧାରଣ ଉଦ୍ଦେଶ୍ୟ ବର୍ଗଙ୍କ ପରିବର୍ତ୍ତେ ସଂପୃକ୍ତ କୃଷି କାର୍ଯ୍ୟକ୍ରମ ଭାବେ ବିବେଚନା କରାଯିବ। ଯଦି ସଂଯୁକ୍ତ ଖାଦ୍ୟ ପ୍ରକ୍ରିୟାକରଣ ସଂଯୁକ୍ତ ଲୋଡ଼ ସମୁଦାୟ ସଂଯୁକ୍ତ ଲୋଡ଼ର ୨୦% ରୁ ଅଧିକ ହୁଏ ତେବେ ପଲଟ୍ରି ଫାର୍ମ ଓ ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟ୍ ଦ୍ୱାରା ସମୁଦାୟ ବିଦ୍ୟୁତ ଖର୍ଚ୍ଚକୁ ଏକାଠିଭାବେ ନିଆଯାଇ ସାଧାରଣ ଉଦ୍ଦେଶ୍ୟ କିମ୍ବା ଶିଳ୍ପ ଉଦ୍ଦେଶ୍ୟ ପାଇଁ ଯାହା ହୋଇଥିବ ସେହି ଅନୁସାରେ ପ୍ରଯୁଜ୍ୟ ଶୁଳ୍କ ଲାଗୁ କରାଯିବ।

(୨୪) ଶୀତଳ ଭଣ୍ଡାର ସହିତ ସଂଲଗ୍ନ ଏକ ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟ୍ ପାଇଁ କୃଷି ଶିଳ୍ପଶୁଳ୍କ ଆଦାୟ କରାଯିବ, ଯଦି ଖାଦ୍ୟ ପକ୍ରିୟାକରଣ ୟୁନିଟ୍‌ର ଲୋଡ୍ ଶୀତଳ ଭଣ୍ଡାରର ମୋଟ ସଂଲଗ୍ନ ଲୋଡ୍‌ର ୨୦% ଅତିକ୍ରମ ନକରେ। ଯଦି ଖାଦ୍ୟ ପକ୍ରିୟାକରଣ ୟୁନିଟ୍‌ର ଲୋଡ୍ (ଶୀତଳ ଭଣ୍ଡାର ସଂରକ୍ଷଣ ୟୁନିଟ୍ ବ୍ୟତୀତ) ସଂଲଗ୍ନ ଲୋଡର ୨୦% ଅତିକ୍ରମ କରେ, ତେବେ ଶୀତଳ ଭଣ୍ଡାର ଏବଂ ଖାଦ୍ୟ ପ୍ରକ୍ରିୟା କରଣ ୟୁନିଟ୍ ଦ୍ୱାରା ସମ୍ପୂର୍ଣ୍ଣ ବ୍ୟବହାର ପାଇଁ ସାଧାରଣ ଉଦ୍ଦେଶ୍ୟ କିମ୍ବା ଶିଳ୍ପ ଉଦ୍ଦେଶ୍ୟରେ ପ୍ରଯୁଜ୍ୟ ଶୁଳ୍କ ଆଦାୟ କରାଯିବ।

(୨୫) ଗ୍ରାମାଞ୍ଚଳ ଏଲଟି ଘରୋଇ ଉପଭୋକ୍ତା ଯେଉଁମାନେ ଉପଯୁକ୍ତ ମିଟର ମାଧ୍ୟମରେ ସେମାନଙ୍କର ବିଦ୍ୟୁତ୍ ବ୍ୟବହାର କରୁଥିବେ ଏବଂ ଠିକ୍ ସମୟରେ ବିଲ୍ ପୈଠ କରୁଥିବେ ସେମାନେ ପ୍ରଚଳିତ ପ୍ରୋତ୍ସାହନ ପେମେଣ୍ଟ ରିହାତି ସହିତ ୟୁନିଟ୍ ପ୍ରତି ୧୦ ପଇସା ଅତିରିକ୍ତ ରିହାତି ପାଇବେ।

(୨୬) ଏଲଟି ଘରୋଇ ଓ ସିଙ୍ଗିଲ୍ ଫେଜ୍ ସାଧାରଣ ଉଦ୍ଦେଶ୍ୟ ବର୍ଗର ଗ୍ରାହକ କେବଳ ଯେଉଁମାନେ ଡିଜିଟାଲ ମାଧ୍ୟମରେ ପେମେଣ୍ଟ କରୁଥିବେ ସେମାନେ ସମସ୍ତ ସାଧାରଣ ରିହାତି ବାଦ ବିଲ ଉପରେ ୪% ଅତିରିକ୍ତ ରିହାତି ପାଇବେ। ଯେଉଁ ଉପଭୋକ୍ତା ମାନେ ଅନ୍ୟ କୌଣସି ଆଉଟଲେଟ ଯଥା ଜନ ସେବାକେନ୍ଦ୍ର, ଓକାକ୍ ଇତ୍ୟାଦିରେ ଧାର୍ଯ୍ୟ ତାରିଖ ପୂର୍ବରୁ ସମଗ୍ର ବିଲ୍ ପୈଠ କରିଥିବେ ସେମାନେ ଏହି ରିହାତି ପାଇବାକୁ ଯୋଗ୍ୟ ହେବେ।

(୨୭) ପ୍ରିପେଡ଼ ରାଶି ଉପରେ ସମସ୍ତ ପ୍ରିପେଡ଼ ଗ୍ରାହକଙ୍କୁ ୪% ରିହାତି ଦିଆଯିବ।

(୨୮) ଯେଉଁ ଉପଭୋକ୍ତାମାନେ ଇ-ବିଲ୍ ଉପଲବ୍ଧ କରିବାକୁ ଚାହୁଁଥିବେ ସେମାନେ ପ୍ରତି ବିଲ୍ ଉପରେ ଟ.୧୦.୦୦ର ରିହାତି ପାଇବେ।

(୨୯) ଏଲଟି ସିଙ୍ଗିଲ୍ ଫେଜ୍ ଗ୍ରାହକଙ୍କୁ ମିଳୁଥିବା ଅନ୍ୟାନ୍ୟ ରିହାତି ବ୍ୟତୀତ ଆର୍ଥିକ ବର୍ଷ ଶେଷ (ମାର୍ଚ୍ଚ ମାସ ପାଇଁ ବିଲ୍) ରେ ଏକ ସ୍ୱତନ୍ତ୍ର ରିହାତି ପ୍ରଦାନ କରାଯିବ। ଯଦି ସେ ସମ୍ପୃକ୍ତ ଆର୍ଥିକ ବର୍ଷର ୧୨ ମାସର ବିଲ୍ ନିର୍ଦ୍ଧାରିତ ସିମୟ ମଧ୍ୟରେ ପୈଠ କରିଥିବେ ଠିକ୍ ସମୟରେ ବିଲ୍ ପୈଠ ଲାଗି ରିହାତି ପରିମାଣ ମାର୍ଚ୍ଚ ମାସର ରିହାତି ସହ ସମାନ ହେବ।

(୩୦) ଯେଉଁଠି ସମ୍ଭବ ସେଠାରେ ମାସିକ ରେକର୍ଡ଼ ପାଇଁ ଉପଭୋକ୍ତାଙ୍କ ଦ୍ୱାରା ଟ.୫୦୦/- ଦାଖଲ କରାଗଲେ ଏମଡ଼ି ପିଏଫ, ବାଧା ସଂଖ୍ୟା ଓ ସମୟ କାଳ ସଂକ୍ରାନ୍ତ ମିଟର ରେକଡରଏକ ପ୍ରିଣ୍ଟଆଉଟ୍ ରେକର୍ଡ଼ ଉପଭୋକ୍ତାଙ୍କୁ ଯୋଗାଇ ଦିଆଯିବ।

(୩୧) ସାର୍ବଜନୀନ ଚାର୍ଜିଂ ସିଷ୍ଟମ / ଷ୍ଟେସନ ଜରିଆର ବୈଦ୍ୟୁତିକ ଯାନର ଚାର୍ଜିଂ ସାଧାରଣ ଉଦ୍ଦେଶ୍ୟ (ଜିପି) ବର୍ଗ ଅଧୀନରେ ରହିବ ଏବଂ ୟୁନିଟ୍ ପିଛା ୫.୦୦ ଟଙ୍କା ମୂଲ୍ୟର ଏକକ ଅଂଶ ଶୁଳ୍କ ପ୍ରଯୁଜ୍ୟହେବ। ଏକ ପୃଥକ ସଂଯୋଗ ମାଧ୍ୟମରେ ଗୋଷ୍ଠୀ ହାଉସିଂ ସୋସାଇଟି ଦ୍ୱାରା ପ୍ରତିଷ୍ଠିତ ଚାର୍ଜିଂ ୟୁନିଟ୍‌କୁ ସର୍ବସାଧାରଣ ଚାର୍ଜିଂ ସିଷ୍ଟମ / ଷ୍ଟେସନ ଭାବେ ବିବେଚନା କରାଯିବ।

(୩୨) ଏଚ୍.ଟି କିମ୍ବା ଇ.ଏଚ୍.ଟି ସିଷ୍ଟମ ସହିତ ସଂଯୁକ୍ତ ମେଗା ଲିଫ୍ଟ ଗ୍ରାହକ (ଯେଁମାନେ ଜଳସେଚନ ଉଦ୍ଦେଶ୍ୟରେ ବିଦ୍ୟୁତ ବ୍ୟବହାର କରୁଛନ୍ତି ଏବଂ ନିୟମାବଳୀର ଜଳସେଚନ ପମ୍ପିଂ ଏବଂ କୃଷି ବର୍ଗରେ ଅନ୍ତର୍ଭୁକ୍ତ ନୁହଁନ୍ତି) ସେମାନଙ୍କୁ ଜି.ପି ଗ୍ରାହକ ଭାବରେ ବିଚେନା କରାଯିବ ଏବଂ ସେମାନେ ଡିମାଣ୍ଡ ଚାର୍ଜ ଦେବେ ନାହିଁ ଏବଂ ସୌର ଘଣ୍ଟା ସମୟରେ ପ୍ରତି ୟୁନିଟି (କେଭିଏଚ୍) ଟଙ୍କା ୨.୦୦ ଏବଂ ସୌର ଘଣ୍ଟା ବ୍ୟତୀତ ଅନ୍ୟ ଘଣ୍ଟା ସମୟରେ ପ୍ରତି ୟୁନିଟ୍ (କେ.ଭି.ଏଚ୍) ଟଙ୍କା ୧.୦୦ ଅତିରିକ୍ତ ରିହାତି ପାଇବେ।

(୩୩) ଉକ୍ତ ତାରିଫ୍ ଆଦେଶ୦୧.୦୪.୨୦୨୬ରେ ଅନୁମୋଦିତ ପ୍ରକାରେ ଅନ୍ୟାନ୍ୟ ଚାର୍ଜ ସହିତ ସଂଯୁକ୍ତ ଉକ୍ତ ତାରିଫ୍ ଅନୁମୋଦିତ ପ୍ରକାରେ ପ୍ରଯୁଜ୍ୟ ହେବ।

ବି.ଦ୍ର : ଓଡ଼ିଆ ଭାଷାରେ ପ୍ରକାଶିତ ବିଜ୍ଞପ୍ତିରେ କୌଣସି ଅସ୍ପଷ୍ଟତା ପରିଲକ୍ଷିତ କ୍ଷେତ୍ରରେ ଇଂରାଜୀ ଭାଷାରେ ପ୍ରକାଶିତ ବିଜ୍ଞପ୍ତିକୁ ଅନୁସରଣ କରାଯାଇପାରେ ।

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ଛାତ୍ରଙ୍କ ମୃତ୍ୟୁ

ବାଲିଆପାଳ(ରାଜଶ୍ରୀ ପାଣିଗ୍ରାହୀ/ ଗୋପାଳ ଚନ୍ଦ୍ର ସାହୁ)/ ଲଙ୍ଗଳେଶ୍ୱର (କମଳାକାନ୍ତ ଦାସ), ୨୫।୩



ବାଲିଆପାଳ ବ୍ଲକ ଜମ୍ବୀରାଇ ଗ୍ରାମର ଚୈତନ୍ୟ ସାହୁଙ୍କ ପୁଅ ଚିନ୍ମୟ(୧୮) ବୁଧବାର ଗ୍ରାମର ପ୍ରଭୁ ହନୁମାନଙ୍କ ଅଭିଷେକ ପାଇଁ ନୂଆଗାଁ ଗ୍ରାମର ଚଣ୍ଡୀ ପୋଖରୀରୁ ପାଣି ଆଣିଥିଲେ। ପରେ ଗ୍ରାମର ମହାଦେବ ପୋଖରୀରେ ପୁଣି ଗାଧେଇବା ଯାଇ ଆଉ ଫେରି ନ ଥିଲେ। ସାଥିଙ୍କଠାରୁ ଖବରପାଇ ଗ୍ରାମବାସୀ ଖୋଜାଖୋଜି କରି ବିଫଳ ହେବା ପରେ ଦମକଳ ବାହିନୀକୁ ଖବର ଦିଆଯାଇଥିଲା। ଦମକଳବାହିନୀ ପହଞ୍ଚି ପୋଖରୀ ଭିତରୁ ଚିନ୍ମୟଙ୍କୁ ବାହାର କରି ନିକଟସ୍ଥ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେ ଲଙ୍ଗଳେଶ୍ୱର କଲେଜରେ ଯୁକ୍ତ ଦୁଇ ପରୀକ୍ଷା ଦେଇଥିଲେ।

### ମଦ ସହ ମୋଟରସାଇକେଲ ଜବତ, ୪ ଗିରଫ

ଖଇରା, ୨୫।୩(ଉତ୍କଳବନ୍ଧୁ ପଣ୍ଡା)

ଜିଲା ଅବକାରୀ ଅଧୀକ୍ଷକ ମନୋଜ କୁମାର ସେଠୀଙ୍କ ନିର୍ଦ୍ଦେଶକ୍ରମେ ଖଇରା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରହ୍ଲାଦ ସାମଲ ଏବଂ କର୍ମଚାରୀମାନଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ଟିମ ଖଇରା ଥାନା ଅଧୀନ ବର୍ତ୍ତନା, ହରିପୁର ଏବଂ ସିମୁଳିଆ ଥାନା ଈଶ୍ୱରପୁର ଓ ହାଟୁଆରୀ ଗ୍ରାମରେ ଚଢ଼ାଉ କରି ୧୨୦ ଲିଟର ଦେଶୀ ମଦ, ୫.୪ଶହ ଲିଟର ବିଦେଶୀ ମଦ ସହ ଗୋଟିଏ ମୋଟର ସାଇକେଲ ଜବତ କରିଛି। ମଦ ବ୍ୟବସାୟୀ ବର୍ତ୍ତନା ଗ୍ରାମର ବିଜୟ ଦାସ, ଈଶ୍ୱରପୁର ଗ୍ରାମର ହରିଶ ଚନ୍ଦ୍ର ବେହେରା, ହାଟୁଆରୀ ଗ୍ରାମର ଅନନ୍ତ ଚରଣ ଦାସ ଓ ଶୋରୋ ଥାନା ଅଧୀନ ଅନ୍ଧାରି ଗ୍ରାମର ଭୀମ ମୁର୍ମୁଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି।

### ଛଟେଇ ହେବେ ପାରାମେଡିକ୍ ଅସ୍ଥାୟୀ କର୍ମଚାରୀ

ବାଲେଶ୍ୱର,୨୫।୩(ମୃତ୍ୟୁଞ୍ଜୟ ପଟ୍ଟନାୟକ)

ଜାତୀୟ ସ୍ୱାସ୍ଥ୍ୟ ମିଶନ (ଏନ୍‌ଏଚ୍‌ଏମ୍) ଅଧୀନରେ ଜିଲା ସରକାରୀ ସ୍ୱାସ୍ଥ୍ୟାନୁଷ୍ଠାନରେ ଆଉଟସୋର୍ସିଂ ସଂସ୍ଥା ଜରିଆରେ ନିଯୁକ୍ତି ପାଇଥିବା ଅସ୍ଥାୟୀ ପାରାମେଡିକ୍ କର୍ମଚାରୀଙ୍କୁ ଛଟେଇ କରିବା ପାଇଁ ଜାତୀୟ ସ୍ୱାସ୍ଥ୍ୟ ମିଶନ ପକ୍ଷରୁ ପତ୍ରସଂଖ୍ୟା-୩୧୩୦, ୧୬।୩।୨୦୨୬ରିଖରେ ନିର୍ଦ୍ଦେଶ ରହିଛି। ସେହିପରି ଏପ୍ରିଲ ସୁଦ୍ଧା ସ୍ଥାୟୀ କର୍ମଚାରୀ ନିଯୁକ୍ତି ଦିଆଯିବା ପରେ ସେସବୁ ପଦରେ ଥିବା ଆଉଟସୋର୍ସିଂ କର୍ମଚାରୀମାନଙ୍କୁ ହଟାଇବା ଲାଗି ଏନ୍‌ଏଚ୍‌ଏମ୍, ଓଡିଶା ପକ୍ଷରୁ ସମସ୍ତ ସିଡିଏମ୍‌ଙ୍କୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ଫଳରେ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟ, ଫକୀରମୋହନ ମେଡିକାଲ କଲେଜ ଓ ହସ୍‌ପିଟାଲ ସମେତ ଜିଲା ଅନ୍ତର୍ଗତ ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ନିଯୁକ୍ତ ପାଇଥିବା ଆଉଟ୍‌ସୋର୍ସିଂ କର୍ମଚାରୀମାନେ କାର୍ଯ୍ୟରୁ ଛଟେଇ ହେବେ। ଏ ସମ୍ପର୍କରେ ବାଲେଶ୍ୱର ଏନ୍‌ଏଚ୍‌ଏମ୍‌ର ଜିଲା ପ୍ରକଳ୍ପ ସଂଯୋଜକ ଚକ୍ରଧର ଜେନାଙ୍କୁ ପଚାରିବାରୁ ସେ କହିଛନ୍ତି, ଆଉଟସୋର୍ସିଂ ଜରିଆରେ ନିଯୁକ୍ତ ହୋଇଥିବା କର୍ମଚାରୀଙ୍କୁ ହଟାଇବା ଲାଗି ବିଭାଗ ପକ୍ଷରୁ ନିର୍ଦ୍ଦେଶ ରହିଛି। ମାତ୍ର ସ୍ଥାୟୀ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହେବା ପରେ ଆଉଟସୋର୍ସିଂ ଜରିଆରେ କାର୍ଯ୍ୟ କରୁଥିବା ଅସ୍ଥାୟୀ କର୍ମଚାରୀଙ୍କୁ ଛଟେଇ କରାଯିବ ବୋଲି ଜେନା କହିଛନ୍ତି।

# ଯାଞ୍ଚ ପୂର୍ବରୁ ମାମଲା, ଯାଞ୍ଚ ପରେ ଅଧିକାରୀ ନୀରବ

ଖଇରା,୨୫।୩(ଉତ୍କଳବନ୍ଧୁ ପଣ୍ଡା)



ପାହାଡ ସଂଲଗ୍ନ ବିଭିନ୍ନ କ୍ରଶର ପରିଦର୍ଶନ କରୁଛନ୍ତି ଯାଞ୍ଚ ଟିମ୍।

ବାଲେଶ୍ୱର ଜିଲା ଖଇରା ତହସିଲ ଅଧୀନ ଶାରୀଶୁଆ ପାହାଡ ସଂଲଗ୍ନ ବିଭିନ୍ନ କ୍ରଶର ଯାଞ୍ଚକୁ ନେଇ ସାଧାରଣରେ ଅଙ୍ଗୁଳି ନିର୍ଦ୍ଦେଶ କରାଯାଇଛି। ଏଭଳି ଚଢାଉ ପାହାଡ ସୁରକ୍ଷା ପାଇଁ ଥିଲା ନା ଯାଞ୍ଚ ଟିମ୍‌ର ଅନ୍ୟ କୌଣସି ବ୍ୟକ୍ତିଗତ ସ୍ୱାର୍ଥସାଧନ ପାଇଁ ତାହା ପାହାଡ ସଂଲଗ୍ନ ଗ୍ରାମବାସୀଙ୍କୁ ଦ୍ୱନ୍ଦ୍ୱରେ ପକାଇଛି। ଚଢାଉ ପୂର୍ବରୁ ତରବରିଆ ଭାବେ ୩ଟି କ୍ରଶର ଉପରେ ମାମଲା ରୁଜୁ କରାଯାଇଥିବା ବେଳେ ସୂଚନା ଦେଇ ବିଧିବଦ୍ଧ ୪ ଦିନର ଝାଳବୁହା ଯାଞ୍ଚ ପରେ ଅଦ୍ୟାବଧି ଗୋଟେ ହେଲେ ମାମଲା ରୁଜୁ ହୋଇ ନ ପାରିବା ସମଗ୍ର ଜିଲା ପ୍ରଶାସନର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଗତ ୧୮ ତାରିଖରେ ଅତିରିକ୍ତ ଏସ୍‌ପି ନିରଞ୍ଜନ ବେହେରା, ସଦର ଏସ୍‌ଡିପିଓ ଶୁଭ୍ରାଂଶୁ ଶେଖର ନାୟକ ପ୍ରମୁଖ ଅଚାନକ ଶାରୀଶୁଆ ପାହାଡ ସଂଲଗ୍ନ ଅଞ୍ଚଳ ଗସ୍ତ କରି ୩ଟି କ୍ରଶର ଉପରେ ମାମଲା ରୁଜୁ କରିଥିଲେ। ୧୯ତାରିଖରେ ନୀଳଗିରି ଏସ୍‌ଡିପିଓ ପ୍ରମୋଦ ମଲ୍ଲିକଙ୍କ ନେତୃତ୍ୱରେ ଏକ ବୈଠକ ଖଇରା ଥାନା ପରିସରରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକକୁ ସମସ୍ତ କ୍ରଶର ମାଲିକଙ୍କୁ ଡକାଯାଇଥିବା ବେଳେ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି ମଧ୍ୟ ଉପସ୍ଥିତ ଥିଲେ। ବୈଠକରେ ଏସ୍‌ଡିପିଓ ପୂର୍ଣ୍ଣାଙ୍ଗ ଯାଞ୍ଚ ସମ୍ପର୍କରେ ସୂଚନା ଦେଇଥିବା ବେଳେ ଏଥିପାଇଁ ସମସ୍ତ କ୍ରଶର ମାଲିକଙ୍କ ସହଯୋଗ ଲୋଡିଥିଲେ। ଯଦି ସମସ୍ତ କ୍ରଶର ମାଲିକଙ୍କୁ ସୂଚନା ଦେବାର ଥିଲା, ତେବେ ପୂର୍ବଦିନ ଅଚାନକ ଚଢାଉ କଣ ଆବଶ୍ୟକତା ଥିଲା ବୋଲି ଗଣମାଧ୍ୟମ ପଚାରିଥିବା ପ୍ରଶ୍ନର ଅଧିକାରୀ କୌଣସି ଉତ୍ତର ଦେଇପାରି ନ ଥିଲେ। ଏଭଳି ପୂର୍ବ ସୂଚନା ପାଇବା ପରେ ଶୁକ୍ରବାର ଯାଞ୍ଚ ପୂର୍ବରୁ ଅର୍ଥାତ ଗୁରୁବାର ରାତିରେ ୮୦ଭାଗ କ୍ରଶର ମାଲିକ ନିଜ ପାଖରେ ଗଚ୍ଛିତ ଥିବା ପଥର ଓ ମେଟାଲ ଚିପ୍ସକୁ ବାହାରକୁ ଚାଲାଣ କରିଦେଇଥିଲେ। ଶୁକ୍ରବାର ଏସ୍‌ଡିପିଓଙ୍କ ସମେତ ଖଇରା ଥାନା ଆଇଆଇସି ଜନ ପଟ୍ଟନାୟକ, କନିଷ୍ଠ ଖଣି ଅଧିକାରୀ ଅଭିଷେକ ବେହେରା, ଆୟକର ବିଭାଗ କର୍ମଚାରୀ ରାକେଶ ମୁଦୁଲି ଓ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗରୁ ପ୍ରମୋଦ ରାଉତଙ୍କୁ ନେଇ ଗଠିତ ହୋଇଥିବା ଟିମ୍ ୨୨ଟି କ୍ରଶର ବୁଲିବା ପୂର୍ବରୁ ଜବତ କଲା ଭଳି ବିଶେଷ କିଛି ପଦାର୍ଥ ନ ଥିଲା।

### ସନ୍ଦେହ ଘେରରେ ଯାଞ୍ଚ ଟିମ୍‌ର କ୍ରଶର ତନଖି

ପୂର୍ବରୁ ଜବତ କଲା ଭଳି ବିଶେଷ କିଛି ପଦାର୍ଥ ନ ଥିଲା। ତଥାପି ବେଆଇନ କାଗଜପତ୍ରରେ ଚାଲୁଥିବା ୫ଟି କ୍ରଶର ଯାଞ୍ଚ ଟିମ୍ ନଜରରେ ଆସିଥିଲା। ସେମାନଙ୍କ ଉପରେ ମାମଲା ରୁଜୁ ହେବ ବୋଲି କୁହାଯାଉଥିଲା। ହେଲେ ଟିମ୍ କବଳରେ ରାଜନୈତିକ ଲିଙ୍କରେ ଥିବା ଜଣେ ମାଲିକ ଥିବାରୁ ତାଙ୍କ ବିରୋଧରେ ମାମଲା କରିବାକୁ ସାହସ ଜୁଟାଇପାରୁ ନ ଥିବା ଟିମ୍ ଏବେ ନିରୁପାୟ ହୋଇବସିଛି। ଯାଞ୍ଚର ୨ଦିନ ପରେ ମଧ୍ୟ ପୋଲିସ ନୀରବ ହୋଇ ବସିବା ଏହି ସନ୍ଦେହକୁ ଅଧିକ ଦୃଢ଼ କରିଛି। ଖଣି ବିଭାଗ ସଚିବ ତଥା ଖୋଦ ମୁଖ୍ୟମନ୍ତ୍ରୀ ଏଥିରେ ହସ୍ତକ୍ଷେପ କରିବାକୁ ପାହାଡ ସଂଲଗ୍ନ ୮ପଞ୍ଚାୟତର ଅଧିବାସୀମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ଏସ୍‌ଡିପିଓ ପ୍ରମୋଦ ମଲ୍ଲିକଙ୍କୁ ଯୋଗାଯୋଗ କରିବାରେ ଆବଶ୍ୟକ କାଗଜପତ୍ର ନ ଥିବା କ୍ରଶର ଉପରେ ନିଶ୍ଚୟ ମାମଲା ହେବ ବୋଲି କହିଛନ୍ତି।

# ଜିଲାସ୍ତରୀୟ ଶିଶୁ ସୁରକ୍ଷା ଆଇନ କର୍ମଶାଳା



କର୍ମଶାଳାରେ ମଞ୍ଚାସୀନ ଅତିଥିଗଣ।

ବାଲେଶ୍ୱର, ୨୫।୩(ମୃତ୍ୟୁଞ୍ଜୟ ପଟ୍ଟନାୟକ)

ବାଲେଶ୍ୱର ଜିଲାପାଳଙ୍କ ଅଡିଟୋରିୟମ ହଲ୍‌ରେ ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଆନୁକୂଲ୍ୟରେ ଜିଲାସ୍ତରୀୟ ଶିଶୁ ସୁରକ୍ଷା ଆଇନ ଉପରେ ଏକ କର୍ମଶାଳା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଲେଶ୍ୱର ଜିଲାର ୧୨ଟି ବ୍ଲକର ବ୍ଲକ ଶିକ୍ଷା ଅଧିକାରୀ ଏବଂ ସହାୟକ ବ୍ଲକ ଶିକ୍ଷା ଅଧିକାରୀ ଉପସ୍ଥିତ ରହି ତାଲିମ ନେଇଥିଲେ। ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ସୁଧାକର ନାଏକ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଖୁଦିରାମ ଗହୀର, ଜିଲା ସମାଜ ମଙ୍ଗଳ ଅଧିକାରିଣୀ ଜ୍ୟୋତ୍ସ୍ନା ମହାନ୍ତି, ଶିଶୁ କଲ୍ୟାଣ ସମିତିର ସଦସ୍ୟ ଶତ୍ରୁଘ୍ନ ମଲ୍ଲିକ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣିମା ଦାଶ, ରିସୋର୍ସ ପର୍ସନ ଲୋପାମୁଦ୍ରା ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରଶାନ୍ତ ରାଉତ ପରିଚାଳନା କରିଥିଲେ। ଅତିଥିମାନେ ଶିଶୁମାନଙ୍କୁ ଯୌନ ଅପରାଧରୁ ସୁରକ୍ଷା ଆଇନ, କିଶୋର ନ୍ୟାୟ ଆଇନ, ବାଲ୍ୟ ବିବାହ ନିଷେଧ ଆଇନ, ଶିଶୁ ଶ୍ରମ ନିଷେଧ ଆଇନ, ଶିକ୍ଷାର ଅଧିକାର ଆଇନ ଓ ସୂଚନା ପ୍ରଯୁକ୍ତି ଆଇନ ଉପରେ ଆଲୋଚନା କରିଥିଲେ। ଶିଶୁମାନଙ୍କୁ ବିଭିନ୍ନ ପ୍ରକାର ନିର୍ଯାତନାରୁ ସୁରକ୍ଷା ଦେବା, ଶିଶୁମାନଙ୍କ ମୁହଁରେ ହସ ଫୁଟାଇ ତାଙ୍କର ଉନ୍ନତି ଦିଗରେ କାମନା କରିବା, ବିଭିନ୍ନ ପ୍ରକାର ଅପରାଧରେ ଶିକାର ହେଉଥିବା ଶିଶୁମାନେ କିପରି ନ୍ୟାୟ ପାଇପାରିବେ, ଏହା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା।

# ୨ ସ୍ଥାନରେ ବାସନ୍ତୀ ପୂଜା, ଗ୍ରାମ ପରିବେଶ ଅଶାନ୍ତ



ପୂଜା ସ୍ଥାନରେ ପୋଲିସ ମୁତୟନ।

ଭୋଗରାଇ, ୨୫।୩ (ପ୍ରଦୀପ ଦାସ)

ମଧୁ ପାର୍ଣ୍ଣରେ ହେଉଛି ବାସନ୍ତୀ ଦେବୀଙ୍କ ପୂଜାର୍ଚ୍ଚନା ଓ ଆରାଧନା। ଗାଁରୁ ସହର ସବୁଠି ଉତ୍ସବମୁଖର। ଏଭଳି ସ୍ଥିତିରେ ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଗୋପୀନାଥପୁର ବାସନ୍ତୀ ପଡ଼ିଆରେ ସାର୍ବଜନୀନ ବାସନ୍ତୀପୂଜା ମେଢ଼କୁ କେନ୍ଦ୍ର କରି ବିବାଦୀୟ ହୋଇପଡ଼ିଥିବା ସ୍ଥାନରେ ୨ ଗୋଷ୍ଠୀ ମଧ୍ୟରେ ବାଦାନୁବାଦ ଓ ପୂର୍ବଶତ୍ରୁତା ତୀବ୍ର ଆକାର ଧାରଣ କରି ଗ୍ରାମ ପରିବେଶକୁ ଫିକା କରିଦେଇଛି। ଗୋଷ୍ଠୀ ସଂଘର୍ଷକୁ ଏଡାଇବା ନିମନ୍ତେ ଜିଲା ପ୍ରଶାସନ ପକ୍ଷରୁ ଗତ ମଙ୍ଗଳବାର ଖାତା ନଂ. ୨୭୫, ପ୍ଲଟ ନଂ. ୧୦୫୧, ୧୦୫୩ ଓ ୧୦୫୪ ସେଠାରେ ୧୬୩ ଭାରତୀୟ ନାଗରିକ ସୁରକ୍ଷା ସଂହିତା ଆଦେଶନାମା ଜାରି କରି ଶାନ୍ତିଶୃଙ୍ଖଳା ନିମନ୍ତେ ବିବାଦୀୟ ସ୍ଥାନରେ କୌଣସି ପୂଜାର୍ଚ୍ଚନା, ସଭାସମିତି, ଆନ୍ଦୋଳନାତ୍ମକ ପନ୍ଥା କିମ୍ବା ୫ରୁ ଅଧିକ ଲୋକ ମିଳିତ ନ ହେବାକୁ ନିର୍ଦ୍ଦେଶନାମା ଜାରି କରିଛନ୍ତି। ୧୬୩ ଧାରା ଲାଗୁ ପରେ ଅଧାଗଢା ବାସନ୍ତୀ ପ୍ରତିମା ଓ ପାର୍ଶ୍ୱଦେବତାଙ୍କ ମୂର୍ତ୍ତି ସେଠାରେ ଅଟକି ପଡିଥିବାରୁ ପୂଜା କମିଟି ଚିନ୍ତିତ, ବ୍ୟଥିତ ଓ କ୍ଷୁବ୍ଧ ହୋଇଥିବା ସୂଚନା ମିଳିଛି। ମଙ୍ଗଳବାର ମୂର୍ତ୍ତି ଗଢ଼ିଥିବା କମିଟି ପୋଲିସର ଅନୁମତିରେ ସନ୍ଧ୍ୟାରେ ପାର୍ଶ୍ୱଠାକୁର ମୂର୍ତ୍ତିକୁ ସେଠାରୁ ଉଠାଇ ନେଇ ଅନ୍ୟସ୍ଥାନକୁ ନେଉଥିବା ବେଳେ ଅନ୍ୟ ଏକ ଗୋଷ୍ଠୀ ମୂର୍ତ୍ତି ଉଠାକୁ ନେଇ ପ୍ରବଳ ବିରୋଧ କରିଥିଲେ। ଶେଷରେ ମୁଖ୍ୟ ବାସନ୍ତୀ ପ୍ରତିମାକୁ ଲୋକେ ଉଠାଇନେବାକୁ ଉଦ୍ୟମ କରୁଥିବା ବେଳେ ପ୍ରତିପକ୍ଷଙ୍କ ବିରୋଧ ଯୋଗୁ ମୂର୍ତ୍ତି ଅଟକି ଯାଇଥିଲା ଓ ଉତ୍ତେଜନା ସୃଷ୍ଟି ହୋଇଥିଲା। ଏହି ଘଟଣାରେ ପୋଲିସ ଉପରେ ରାଜନୈତିକ

### ଉଠାଇନେଲେ ମୂର୍ତ୍ତି ଗଢ଼ିଥିବା କମିଟି

ଚାପ ପଡିଥିବା ଏକ ଗୋଷ୍ଠୀ ଅଭିଯୋଗ କରିଥିଲେ। ପୋଲିସ ସ୍ଥିତିକୁ ନିୟନ୍ତ୍ରଣ କରିବା ପରେ ବୁଧବାର ଭୋଗରାଇ ତହସିଲଦାର ସୂର୍ଯ୍ୟକୁମାର ନାୟକଙ୍କ ସହିତ ରାଜସ୍ୱ ନିରୀକ୍ଷକ, ଥାନାଧିକାରୀ ଜ୍ଞାନରଞ୍ଜନ ସାହୁ ଘଟଣାସ୍ଥଳରେ ପହଞ୍ଚିବା ପରେ ମୂର୍ତ୍ତି ଗଢ଼ିଥିବା ପୂଜା କମିଟିର ବହୁ ମହିଳା ଓ ପୁରୁଷ ମୁଖ୍ୟ ମୂର୍ତ୍ତିକୁ ଅନ୍ୟତ୍ର ଉଠାଇ ନେଇଥିଲେ। ପରେ ଅଭିଯୋଗକ୍ରମେ ରାଜସ୍ୱ ବିଭାଗ ପ୍ଲଟ ନଂ. ୧୦୫୧ରେ ମାପଚୁପ କରିଥିଲେ। ଆଇନଶୃଙ୍ଖଳାକୁ ଲକ୍ଷ୍ୟ ରଖି ୧ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ଅପରପକ୍ଷରେ ଗୋଟିଏ ଗୋଷ୍ଠୀ ପୂର୍ବ ନିର୍ଦ୍ଧାରିତ ଏକ ଘରୋଇ ବାଡ଼ିରେ ମୂର୍ତ୍ତି ପୂଜା କରୁଥିବା ବେଳେ ଅନ୍ୟ ଏକ ଗୋଷ୍ଠୀ ମଧ୍ୟ ଘରୋଇ ବାଡ଼ିରେ ଅଧାଗଢା ବାସନ୍ତୀ ପ୍ରତିମା ରଖି ଘଟ ପୂଜା କରୁଥିବା ନଜରକୁ ଆସିଥିଲା। ଏଭଳି ଅଭାବନୀୟ ଘଟଣା ଘଟୁଥିବାରୁ ଗ୍ରାମ ଭାଇଚାରା ନଷ୍ଟ ହେବା ସହିତ ଧର୍ମୀୟ, ମାନବିକତା ଉପରେ କୁଠାରଘାତ ବୋଲି ବହୁ ବୁଦ୍ଧିଜୀବୀ ମତପ୍ରକାଶ କରିଥିଲେ।

# ଶାନ୍ତି କମିଟି ବୈଠକ

ଜଳେଶ୍ୱର, ୨୫।୩(ନବୀନ ସାହୁ)

ଜଳେଶ୍ୱର ପୌରପାଳିକାରେ ଶ୍ରୀରାମ ନବମୀ ଉପଲକ୍ଷେ ଏକ ବିରାଟ ଶୋଭାଯାତ୍ରା ଅନୁଷ୍ଠିତ ହେବା ଅବସରରେ ଜଳେଶ୍ୱର ଥାନା ପକ୍ଷରୁ ମଙ୍ଗଳବାର ସନ୍ଧ୍ୟାରେ ଏକ ଶାନ୍ତି କମିଟି ବୈଠକ ଏସ୍‌ଡିପିଓ ଅଫିସ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜଳେଶ୍ୱର ଏସ୍‌ଡିପିଓ ସୁବ୍ରତ କୁମାର ବେହେରା ଅଧ୍ୟକ୍ଷତା କରିଥିଲେ। ଭାଇଚାରା ସୃଷ୍ଟି ଉପରେ ଅତିଥିମାନେ ବକ୍ତବ୍ୟ ରଖିଥିଲେ। ବୈଠକରେ ଜଳେଶ୍ୱର ଅତିରିକ୍ତ ତହସିଲଦାର ଚକ୍ରଧର ମଲ୍ଲିକ, ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ହେମନ୍ତ ସିଂ, ଆଇଆଇସି ଅଶୋକ କୁମାର ବାରିକ, ଦମକଳ ବାହିନୀର ଓଆଇସି ସରବଣ ସିଂ, ପଞ୍ଚାୟତ ସମିତି ଅଧ୍ୟକ୍ଷ ମାନସ କୁମାର ଜେନା ପ୍ରମୁଖ ବକ୍ତବ୍ୟ ଦେଇଥିଲେ। ସାମାଜିକ କର୍ମୀ କମଳ ଚକ୍ରବର୍ତ୍ତୀ, ବଣିକ ସଂଘ ସଭାପତି ସୁଧୀର କୁମାର ମହାନ୍ତି, ଉତ୍ତର ବାଲେଶ୍ୱର ଭାଜପା ଯୁବମୋର୍ଚ୍ଚା ସଭାପତି ଫାଲଗୁନୀ ପାଣିଗ୍ରାହୀ, ଓକିଲ ସଂଘ ସଭାପତି କୁଞ୍ଜବିହାରୀ ଦାସ, ଆଇନଜୀବୀ ସତ୍ୟସୁନ୍ଦର ଦାସ, ଫରିଦ ଅହମ୍ମଦ, ବିଶିଷ୍ଟ ବ୍ୟବସାୟୀ ସେକ୍ ସିରାଜ, ସେକ ଅବଦୁଲ ରହିମ, ଅର୍ଚ୍ଚନା ଗିରି, ଚନ୍ଦନ କର, କାଉନସିଲର ଗୋବିନ୍ଦ ସାହୁ, ସୁରଜ କୁମାର ଚୌରାସିଆ, ମୀର ଆବାସ ଅଲ୍ଲୀ, ଯୁବନେତା ହାସିରୁଦ୍ଦିନ ବକ୍ସ ପ୍ରମୁଖ ଉପସ୍ଥିତ ରହି ଏହି ଶୋଭାଯାତ୍ରା କିପରି ଶାନ୍ତିଶୃଙ୍ଖଳାରେ ହୋଇପାରିବ ସେ ସମ୍ପର୍କରେ ବକ୍ତବ୍ୟ ଦେଇଥିଲେ।

# ବଣିପୋଖରୀ, ପେଣ୍ଡରାସାହିରେ ପାଣି ଅଭାବ



ବିଡିଓଙ୍କ ଦ୍ୱାରସ୍ଥ ହୋଇଥିବା ଗ୍ରାମବାସୀ।

### ବିଡିଓଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ

ଜଳେଶ୍ୱର,୨୫।୩(ନବୀନ ସାହୁ)

ଖରାଦିନ ଆରମ୍ଭ ହେଉଣୁ ବାଲେଶ୍ୱର ଜଳେଶ୍ୱର ବ୍ଲକର ବିଭିନ୍ନ ଗ୍ରାମରେ ପାନୀୟ ଜଳ ସମସ୍ୟା ଉତ୍କଟ ହେଲାଣି। ପାଣି ଟୋପାଏ ପାଇଁ ଲୋକେ ଏବେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ଗୋବରଘାଟା ଏବଂ ଶ୍ରୀରାମପୁର ପଞ୍ଚାୟତର ଶତାଧିକ ପରିବାର ଏବେ ଜଳକଷ୍ଟରେ କଲବଲ ହେଉଛନ୍ତି।

ଗୋବରଘାଟା ପଞ୍ଚାୟତ ୫ ନଂ. ୱାର୍ଡ଼ ଅନ୍ତର୍ଗତ ବଣିପୋଖରୀ ଗ୍ରାମରେ ପ୍ରାୟ ୮୦ ଆଦିବାସୀ ପରିବାର ବସବାସ କରନ୍ତି। ଗ୍ରାମରେ ମାତ୍ର ୨ଟି ନଳକୂପ ଥିବା ବେଳେ ଖରାଦିନେ ସେଥିରୁ ଅଳ୍ପ ଅଳ୍ପ ପାଣି ବାହାରୁଛି। ଫଳରେ ଗ୍ରାମବାସୀ ବାଧ୍ୟହୋଇ ନଦୀ ଏବଂ ଗାଡ଼ିଆର ଅପରିଷ୍କାର ପାଣି ବ୍ୟବହାର କରୁଛନ୍ତି। ଏହି ଦୂଷିତ ପାଣି ପିଇବା ଦ୍ୱାରା ଅନେକ ସମୟରେ ଲୋକେ ରୋଗବ୍ୟାଧିର ଶିକାର ହେଉଥିବା ଅଭିଯୋଗ ହୋଇଛି। ସେହିପରି ଶ୍ରୀରାମପୁର ପଞ୍ଚାୟତ ପେଣ୍ଡରାସାହି ଗ୍ରାମର ୧୪୦ ପରିବାର ମଧ୍ୟ ସମାନ ସମସ୍ୟା ଦେଇ ଗତି କରୁଛନ୍ତି। ମାଳିପାଳ ପ୍ରାଥମିକ ବିଦ୍ୟାଳୟ ନିକଟରେ 'ବସୁଧା' ଯୋଜନାରେ ଏକ ପାନୀୟଜଳ ପ୍ରକଳ୍ପ ନିର୍ମାଣ ୨ବର୍ଷ ହେଲା ହୋଇଛି। ମାଳିପାଳରୁ ଗହିରାଖାଲ ପୋଲ ଉପର ଦେଇ ପାଇପ୍ ଯାଇଥିବା ବେଳେ ପୋଲ ଅଧିକ ଉଚ୍ଚ ହୋଇଥିବାରୁ ପାଣି ପାଇବାରୁ ବଞ୍ଚିତ ରହିଛନ୍ତି ପେଣ୍ଡରାସାହିବାସୀ। ସୋମବାର ଗ୍ରାମବାସୀ, ସ୍ଥାନୀୟ ନେତୃବୃନ୍ଦ ଜଳେଶ୍ୱର ବିଡିଓ ଏବଂ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ଉପଖଣ୍ଡ ଯୋଗାଣ ବିଭାଗ ସହକାରୀ ନିର୍ବାହୀଯନ୍ତ୍ରୀ ଅଧିକାରୀଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ସମୟରେ ବ୍ଲକ କଂଗ୍ରେସ ସଭାପତି ହେମନ୍ତ ଗିରି ଏବଂ ଯୁବନେତା ଗତିକୃଷ୍ଣ ଦଳେଇ, ଶ୍ରୀରାମପୁର ପଞ୍ଚାୟତ ଗ୍ରାମବାସୀ ରାମଚନ୍ଦ୍ର ଦାସ, ପ୍ରଦୀପ କୁମାର ପ୍ରଧାନ, ସପନ ପାତ୍ର, ଜୟଚନ୍ଦ୍ର ସେଠୀ, ମାନସ ପାତ୍ର, ପଞ୍ଚାନନ ପାତ୍ର, ଅଜୟ ଘୋଷ, ବଣିପୋଖରୀ ଗ୍ରାମର ରବୀନ୍ଦ୍ର ହେମ୍ବ୍ରମ, ସୁରେନ୍ଦ୍ର ହେମ୍ବ୍ରମ, ରାଜେନ୍ଦ୍ର ହେମ୍ବ୍ରମ ଏବଂ ଶ୍ୟାମସୁନ୍ଦର ଟୁଡୁ ପ୍ରମୁଖ ଉପସ୍ଥିତ ଥିଲେ।

# ରାମନବମୀ ଶୋଭାଯାତ୍ରା ପାଇଁ ଶାନ୍ତି କମିଟି ବୈଠକ

ବାହାନଗା, ୨୫। ୩(ଅରୂପ କୁମାର ଦାସ)



ବୈଠକରେ ଉପସ୍ଥିତ ପୋଲିସ ଏବଂ ପ୍ରଶାସନିକ ଅଧିକାରୀ।

ବାହାନଗା ବ୍ଲକ ଗୋପାଳପୁର ଥାନା ପରିସରରେ ଆସନ୍ତା ରାମନବମୀ ନିମନ୍ତେ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୨୭ରେ ଜୁଣିଆଁସ୍ଥିତ ରାମମନ୍ଦିର ନିକଟରୁ ୨ଗୋଷ୍ଠୀ ପକ୍ଷରୁ ବାଇକ ଶୋଭାଯାତ୍ରା ବାହାରି ବିଭିନ୍ନ ଅଞ୍ଚଳ ପରିକ୍ରମା କରିବେ। ମଙ୍ଗଳବାର ସନ୍ଧ୍ୟାରେ ସଦର ଏସ୍‌ଡିପିଓ ଶୁଭ୍ରାଂଶୁ ଶେଖର ନାୟକଙ୍କ ପୌରୋହିତ୍ୟରେ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଗୋପାଳପୁର ଥାନା ଅଧିକାରିଣୀ ମଧୁସ୍ମିତା ସିଂ, ସ୍ଥାନୀୟ ତହସିଲଦାର ଅମ୍ବିକା ଭୂୟାଁ, ଏସ୍‌ଆଇ ଚନ୍ଦ୍ରଶେଖର ମହାନ୍ତି, ଏଏସ୍‌ଆଇ ରଜତ କୁମାର ମହାନ୍ତ ପ୍ରମୁଖ ଶାନ୍ତିଶୃଙ୍ଖଳାରେ ରାମନବମୀ ପାଳନ ନେଇ ଆଲୋଚନା କରିଥିଲେ। ଦୁଇଟି ଗୋଷ୍ଠୀ ପକ୍ଷରୁ ବାଇକ୍ ଶୋଭାଯାତ୍ରା ବାହାରୁଥିବାରୁ ସେମାନେ ଅଲଗା ରାଲି ନ କରି ଗୋଟିଏ ଶୋଭାଯାତ୍ରାରେ ରାମମନ୍ଦିରଠାରୁ ବାହାରି ବ୍ଲକର କିଛି ପଞ୍ଚାୟତ ପରିକ୍ରମା କରି ଗୋପାଳପୁର ବଜାରରେ ପହଞ୍ଚିବାର ପ୍ରସ୍ତାବ ପାରିତ ହୋଇଛି। ଏହାକୁ ଉଭୟ ଗୋଷ୍ଠୀ ସହମତି ପ୍ରଦାନ କରିଥିଲେ। ବିଭିନ୍ନ ଅଞ୍ଚଳରୁ ମୁରବୀ, ସରପଞ୍ଚ, ସମିତିସଭ୍ୟ, ରାଜନୈତିକ ବ୍ୟକ୍ତି, ମୁସଲମାନ ସମ୍ପ୍ରଦାୟର ମୁରବୀମାନେ ଯୋଗଦେଇ ମତାମତ ଦେଇଥିଲେ। ରାମନବମୀ ଉପଲକ୍ଷେ ବାଇକ ଶୋଭାଯାତ୍ରାରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ଏସ୍‌ଡିପିଓ ନାୟକ ପରାମର୍ଶ ଦେଇଥିଲେ।

# ପୋଖରୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ

ସୋର, ୨୫।୩(ଜନ୍ମେଜୟ ମିଶ୍ର)

ସୋର ଥାନା ମଧୁସୂଦନପୁର ପଞ୍ଚାୟତ କୁରୁଣିଆ ଗ୍ରାମର ଶିବ ପ୍ରସାଦ ଭୋଇ(୪୦) ନାମକ ଯୁବକ ପୋଖରୀରେ ଗାଧୋଉଥିବା ବେଳେ ଗୋଡ ଖସିଯିବାରୁ ପାଣିରେ ବୁଡି ପ୍ରାଣ ହରାଇଛନ୍ତି। ସେ ବୁଧବାର ଅପରାହ୍ନ ୨ଟା ବେଳେ ନିକଟସ୍ଥ ଠାକୁରାଣୀ ପୋଖରୀରେ ଗାଧୋଇବାକୁ ଯାଇ ଦୀର୍ଘ ସମୟ ପର୍ଯ୍ୟନ୍ତ ନ ଫେରିବାରୁ ପରିବାର ଲୋକ ଖୋଜାଖୋଜି କରି ପୋଖରୀ ଭିତରୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ଆଣିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ବୈଷୟିକ ଜ୍ଞାନ କୌଶଳରେ ନୂତନ ଉଦ୍ଭାବନ

ବାଲିଆପାଳ,୨୫।୩(ରାଜଶ୍ରୀ ପାଣିଗ୍ରାହୀ)

ବୈଷୟିକ ଜ୍ଞାନ କୌଶଳରେ ନୂତନ ଉପାୟରେ ଉଦ୍ଭାବନ ଛାତ୍ରୀଛାତ୍ରମାନଙ୍କର ଶିକ୍ଷାର ଗୁଣାତ୍ମକ ବିକାଶ ଘଟିଥାଏ। ଫଳରେ ଶିକ୍ଷାର୍ଥୀ ଅଳ୍ପ ଦିନ ସ୍ୱଳ୍ପ ଖର୍ଚ୍ଚରେ ସ୍ୱାବଲମ୍ବୀ ହେବା ସହିତ ପରିଚୟ ସୃଷ୍ଟି କରିପାରିବେ ବୋଲି ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ପଞ୍ଚୁପାଲିସ୍ଥିତ କମଳ କୁମାରୀ ସଂସ୍କୃତ ମହିଳା ମହାବିଦ୍ୟାଳୟରେ 'ଇନ୍‌ଭେଶନ ଆଣ୍ଡ ଷ୍ଟାର୍ଟଅପ୍ ପ୍ରୋଗ୍ରାମ'ର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଅତିଥିମାନେ ଉପରୋକ୍ତ ମତବ୍ୟକ୍ତ କରିଥିଲେ।

ମହାବିଦ୍ୟାଳୟ ଅଧ୍ୟକ୍ଷ ରାଜକିଶୋର ବାରିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଲତାଯୋଡି ସଂସ୍କୃତ କଲେଜ ଅଧ୍ୟକ୍ଷ ପ୍ରିୟବ୍ରତ ପଣ୍ଡା, ମୁଖ୍ୟବକ୍ତା ଭାବେ ହରପ୍ରସାଦ ହାଇସ୍କୁଲର ଖେଳ ଶିକ୍ଷକ ପ୍ରଭାସ ରଞ୍ଜନ ସାମଲ, ସମ୍ମାନିତ ଅତିଥି ଭାବେ ଅଧ୍ୟାପକ କୃଷ୍ଣାନନ୍ଦ ପାତ୍ର, ସୁଧୀର କୁମାର ନନ୍ଦ, ଡ. ଲକ୍ଷ୍ମୀକାନ୍ତ ରଥ, ବନମାଳୀ ପରିଡ଼ା ପ୍ରମୁଖ ଯୋଗ ଦେଇଥିଲେ। ୩ ଦିନ ଧରି ଛାତ୍ରୀଛାତ୍ରଙ୍କ ଦ୍ୱାରା ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ପ୍ରୋଗ୍ରାମ ଅଫିସର ବୁଦ୍ଧିମଣି ରାଉତ, ସବିତା ସାହୁ, ସରୋଜିନୀ ପରିଡା, ଚନ୍ଦନ କୁମାର ନନ୍ଦ,ସମ୍ବିଦ ପ୍ରଧାନ, ସୁପ୍ରିୟା ପରିଡ଼ା ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ରାସ୍ତାରେ ଧାନବସ୍ତା ରଖି ବସିଲେ ଚାଷୀ

ନୀଳଗିରି,୨୫।୩(ପ୍ରଶାନ୍ତ ବିଶ୍ୱାଳ)

ମଣ୍ଡିରେ ଧାନକିଣା ବ୍ୟବସ୍ଥା ସୁଧୁରୁନି। ଫଳରେ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଛି। ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ମାଟିଆଳି ବୃହଦାଗାର ବହୁମୁଖୀ ସମବାୟ ସମିତି ଲିମିଟେଡ ଅଧୀନ ଛତ୍ରପୁର ଶାଖା ଯମୁନା ଧାନକ୍ରୟ କେନ୍ଦ୍ରରେ ଅନେକ ଚାଷୀ ଟୋକନ ପାଇ ଏପର୍ଯ୍ୟନ୍ତ ସେମାନଙ୍କର ଧାନ ବିକ୍ରି କରିପାରୁ ନାହାନ୍ତି। ଟୋକନ ଅଛି ଟାର୍ଗେଟ ନାହିଁ। ଧାର୍ଯ୍ୟ ସମୟରେ ଧାନ ନେଉ ନ ଥିବା ଭଳି ଅବ୍ୟବସ୍ଥା ନେଇ ବିଭିନ୍ନ ଅଞ୍ଚଳରୁ ଶତାଧିକ ଚାଷୀ ବୁଧବାର ୧୯ ନଂ. ରାଜ୍ୟ ରାଜପଥ ଶେରଗଡ଼-ନୀଳଗିରି-ଝରଣଘାଟି ରାସ୍ତାର ଯମୁନାଠାରେ ଧାନବସ୍ତା ରାସ୍ତାରେ ରଖି ଅବରୋଧ କରିଥିଲେ। ଦୀର୍ଘ ୫ ଘଣ୍ଟା ଧରି ରାଜ୍ୟ ରାଜପଥ ଅବରୋଧ ହୋଇଯିବାରୁ ରାସ୍ତାର ଦୁଇ ପାର୍ଶ୍ୱରେ ଶତାଧିକ ଯାନବାହନ ଅଟକି ରହିଥିଲା। ଚାଷୀଙ୍କ ସମସ୍ୟାକୁ ହୃଦବୋଧ କରି ସମାଧାନ ପାଇଁ ଘଟଣାସ୍ଥଳରେ ବରହମପୁର ପୋଲିସ ଏବଂ ନୀଳଗିରି ଏଆର୍‌ସିଏସ୍ ବିଷ୍ଣୁମୋହନ ମଲ୍ଲିକ, ନୀଳଗିରି ଏସିଏସ୍‌ଓ ବିଦ୍ୟୁତଲତା ନାୟକ, ଏମ୍‌ଆଇ ରାଜଲକ୍ଷ୍ମୀ ପଣ୍ଡା ଘଟଣାସ୍ଥଳରେ ପହଞ୍ଚି ଚାଷୀଙ୍କ ସମସ୍ୟା ବୁଝିଥିଲେ। ଟାର୍ଗେଟ ବଢାଇବା, କଟ୍‌ନୀ ଛଟ୍‌ନୀ ବନ୍ଦ କରିବା, ସିଡିଏଲ୍ ଅନୁଯାୟୀ ଧାନ କ୍ରୟ କରିବା, ଶେଷ ହୋଇଯାଇଥିବା କ୍ରୟ ଅବଧି ବୃଦ୍ଧି କରିବା ପ୍ରମୁଖ ଦାବି ଚାଷୀମାନେ ଉପସ୍ଥାପନ କରିଥିଲେ। ଏଥିରେ ଏସିଏସ୍‌ଓ ବିଦ୍ୟୁତଲତା ନାୟକ ସମସ୍ତ ଦାବି ପୂରଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା।



ରାସ୍ତା ଅବରୋଧ କଲେ ଚାଷୀ।

# 'ସୁସ୍ଥାୟୀ ଜୈବ-ଆର୍ଥିକତା ପାଇଁ ସୂକ୍ଷ୍ମ ଜୀବ ବିଜ୍ଞାନର ସାମ୍ପ୍ରତିକ ଉନ୍ନତି'

### ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟରେ ଅନ୍ତର୍ଜାତୀୟ ସମ୍ମିଳନୀ

ବାଲେଶ୍ୱର,୨୫।୩(ବାଞ୍ଛାନିଧି ଦେ)




ଅତିଥିଙ୍କ ଦ୍ୱାରା ସମ୍ମିଳନୀର ମୁଖପତ୍ର ଉନ୍ମୋଚନ ହେଉଛି।

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟରେ ସୁସ୍ଥାୟୀ ଜୈବ-ଆର୍ଥିକତା ପାଇଁ ସୂକ୍ଷ୍ମଜୀବ ବିଜ୍ଞାନର ସାମ୍ପ୍ରତିକ ଉନ୍ନତି ବିଷୟକ ଦୁଇଦିନିଆ ଆନ୍ତର୍ଜାତୀୟ ସମ୍ମିଳନୀ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଆପ୍ଲାଏଡ ମାଇକ୍ରୋବାୟୋଲୋଜି ବିଭାଗ ତଥା ଇଣ୍ଟରନ୍ୟାଶନାଲ ୟଙ୍ଗ ଏକାଡେମୀ ସାଇନ୍ସ ଓ ଅନୁସନ୍ଧାନ ନ୍ୟାଶନାଲ ରିସର୍ଚ୍ଚ ଫାଉଣ୍ଡେଶନର ମିଳିତ ସହଯୋଗରେ ଆୟୋଜିତ ଏହି ସମ୍ମିଳନୀରେ ଦେଶବିଦେଶର ବହୁ ବିଶିଷ୍ଟ ବୈଜ୍ଞାନିକ, ଶିକ୍ଷାବିତ୍ ଓ ଗବେଷକମାନେ ଯୋଗ ଦେଇଥିଲେ।

କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଏଥିରେ ଅଧ୍ୟକ୍ଷତା କରି ବୈଦିକ ସୂକ୍ଷ୍ମଜୀବ ବିଜ୍ଞାନର ପ୍ରାସଙ୍ଗିକତା ଓ ଭାରତୀୟ ଜ୍ଞାନପଦ୍ଧତିକୁ ଆଧୁନିକ ବୈଜ୍ଞାନିକ ପ୍ରୟୋଗ ସହିତ ସମନ୍ୱୟ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ସୂକ୍ଷ୍ମଜୀବ ବିଜ୍ଞାନ ଗବେଷଣାର ଉନ୍ନତି ପାଇଁ ବିଭିନ୍ନ ବିଷୟର ସମନ୍ୱିତ ସହଯୋଗର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ମୁଖ୍ୟଅତିଥି ଭାବେ ଫିଲିପାଇନ୍ସ ଅନ୍ତର୍ଜାତୀୟ ଧାନ ଗବେଷଣା ସଂସ୍ଥାର ପୂର୍ବତନ ପ୍ରଧାନ ବୈଜ୍ଞାନିକ ଡ. କ୍ଷୀରୋଦ କୁମାର ଜେନା ଯୋଗଦେଇ ସୂକ୍ଷ୍ମଜୀବ ବିଜ୍ଞାନର ମୌଳିକ ଓ ପ୍ରୟୋଗମୂଳକ ପ୍ରାସଙ୍ଗିକତା ଉପରେ ଆଲୋଚନା କରି କୃଷି ଓ ବିଶ୍ୱ ଖାଦ୍ୟ ସୁରକ୍ଷାରେ ଏହାର ପ୍ରଭାବକୁ ଉପସ୍ଥାପନ କରିଥିଲେ। ସମ୍ମାନିତ ଅତିଥି ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଚଣ୍ଡୀଚରଣ ରଥ, ଖଡ଼ଗପୁର ପ୍ରଯୁକ୍ତି ବିଦ୍ୟାଳୟର ପ୍ରଫେସର ସୁଦୀପ ଘୋଷ, ଗୁରୁ ଘାସିଦାସ ବିଶ୍ୱବିଦ୍ୟାଳୟର ଡ. ଚନ୍ଦ୍ରଶେଖର ଗାହାଣ ଭାରତୀୟ ପାରମ୍ପରିକ ପଦ୍ଧତି ସୁସ୍ଥାୟୀ ଜୈବ-ଆର୍ଥିକତା ଗଠନରେ କେମିତି ମୂଳ ଭୂମିକା ନିର୍ବାହ କରେ ତାହା ଉଲ୍ଲେଖ କରି ପରିବେଶୀୟ ସମତା ରକ୍ଷା ଓ ସ୍ଥାୟୀ ଭବିଷ୍ୟତ ପାଇଁ ସୂକ୍ଷ୍ମଜୀବମାନଙ୍କ ଅତ୍ୟାବଶ୍ୟକ ଭୂମିକାକୁ ଆଲୋକପାତ କରିଥିଲେ। ଭାରତୀୟ ଯୁବବିଜ୍ଞାନ ପରିଷଦର ଅଧ୍ୟକ୍ଷ ଡ. ମୋହିତ ତ୍ୟାଗୀ ଯୁବ ଗବେଷକମାନଙ୍କୁ ପ୍ରଭାବଶୀଳ ବୈଜ୍ଞାନିକ ଅନୁସନ୍ଧାନରେ ନିୟୋଜିତ ହେବାକୁ ପ୍ରେରିତ କରିଥିଲେ। ଯୁକ୍ତ ଆୟୋଜକ ପ୍ରାଧ୍ୟାପକ ଅକ୍ଷୟ କୁମାର ବହିଆ ସମ୍ମିଳନୀର ଉଦ୍ଦେଶ୍ୟ ବାଖ୍ୟା କରିଥିଲେ। ସଂଯୋଜିକା ଡ. ଏଲସା ପଣ୍ଡିତ କାର୍ଯ୍ୟସୂଚୀର ସାରାଂଶ ପ୍ରସ୍ତୁତ କରିଥିଲେ। ଆୟୋଜନ ସଚିବ ଡ. ଶୁଭ୍ରକାନ୍ତ ଜେନା ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ୨୦ ଲିଟର ମଦ ଜବତ, ଜଣେ ଗିରଫ

ଡେଙ୍ଗିକୋଟ,୨୫।୩(ନୀଳମଣି ମଣ୍ଡଳ): କେନ୍ଦୁଝର ଜିଲା ବ୍ୟବସାୟିକ ପେଣ୍ଠସ୍ଥଳ ଡେଙ୍ଗିକୋଟ ବଜାରରେ ବୁଧବାର ସକାଳ ୯ଟାରେ ବେଳେ ଡେଙ୍ଗିକୋଟ ପୋଲିସ ବିଟ ହାଉସ ଅଧିକାରୀ ତ୍ରିନାଥ ନାୟକ ପାଟ୍ରୋଲିଂ ସମୟରେ ୨୦ ଲିଟର ଦେଶୀ ମହୁଲି ଜବତ କରିଛନ୍ତି। ବେଆଇନ ନିଶା କାରବାର ଅଭିଯୋଗରେ ଜଣକୁ ଗିରଫ କରିଛନ୍ତି। ଅଭିଯୁକ୍ତ ପାଟଣା ବ୍ଲକ୍ ପଲାଶଘାଟି ପଞ୍ଚାୟତ କୁମୁଳାବାହାଳୀର ସୁନାରାମ ମାଝୀ(୪୦)। ସେ ଚୋରାରେ ମହୁଲିକୁ ଏକ ମଟର ଗାଡି ରବର ଟ୍ୟୁବ ଭିତରେ ଭର୍ତ୍ତି କରି ଯାଉଥିବା ବେଳେ ଡେଙ୍ଗିକୋଟ ପଞ୍ଚାୟତ ଲଙ୍ଗଳକଣ୍ଟି ଗ୍ରାମରେ ତାକୁ ଅଟକାଇଥିଲେ। ମଦ ଜବତ କରିବା ସହ ସୁନାରାମଙ୍କୁ ଗିରଫ କରିଥିଲେ। ଏ ନେଇ ଘଟଗାଁ ଥାନାରେ ଏକ ଅବକାରୀ ମାମଲା ରୁଜୁ ହୋଇ ଘଟଣାର ତଦନ୍ତ ଜାରି ରହିଥିବା ଘଟଗାଁ ଥାନା ପୋଲିସଠାରୁ ପ୍ରକାଶ।

### ଓଡ଼ିଶା ଦିବସ ପ୍ରସ୍ତୁତି ବୈଠକ

ଚମ୍ପୁଆ,୨୫।୩(ମହେଶ୍ୱର ଦାସ): କେନ୍ଦୁଝର ଜିଲା ଚମ୍ପୁଆ ସୂଚନା ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଏପ୍ରିଲ ୧ ତାରିଖ ପାଳନ ହେବାକୁ ଥିବା ଓଡ଼ିଶା ଦିବସ ନିମନ୍ତେ ବୁଧବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏସ୍‌ଡିପିଓ ରଶ୍ମିରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ତଥା ସହକାରୀ ଜିଲାପାଳ ସମରେନ୍ଦ୍ର ଦାସଙ୍କ ଉପସ୍ଥିତିରେ ବିଭିନ୍ନ ବିଭାଗୀୟ ଅଧିକାରୀ, ବିଦ୍ୟାଳୟ ପ୍ରମୁଖ, ଗଣମାଧ୍ୟମ ପ୍ରତିନିଧି, ସ୍ଥାନୀୟ ଜନସାଧାରଣ ଯୋଗଦେଇଥିଲେ। ପୂର୍ବବର୍ଷ ଭଳି ଚଳିତ ବର୍ଷ ପ୍ରତ୍ୟୁଷରୁ ପ୍ରଭାତଫେରି, ଗଣଦୌଡ, ଉପଖଣ୍ଡ ମୁଖ୍ୟାଳୟରେ ଥିବା ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ, କବିତା ଆସର, ସାଧାରଣ ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ଉପରେ ଆଲୋଚନା କରାଯାଇ ବିଭିନ୍ନ ବିଭାଗକୁ ଦାୟିତ୍ୱ ଅର୍ପଣ କରାଯାଇଥିଲା। ଉପଖଣ୍ଡ ସୂଚନା ଲୋକସମ୍ପର୍କ ଭାରପ୍ରାପ୍ତ ଅଧିକାରୀ ବିଜୟ ନାଏକଙ୍କ ପରିଚାଳନାରେ ଅନୁଷ୍ଠିତ ବୈଠକକୁ ସଫଳ କରାଯାଇଥିଲା।

### ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅବସରପ୍ରାପ୍ତ ଶିକ୍ଷକ, କର୍ମଚାରୀ ସଂଘର ସ୍ମାରକପତ୍ର

କେନ୍ଦୁଝର,୨୫।୩ (ନରେଶ ଚନ୍ଦ୍ର ପଟ୍ଟନାୟକ) : କେନ୍ଦୁଝର ଜିଲା ଅବସରପ୍ରାପ୍ତ ମାଧ୍ୟମିକ ଶିକ୍ଷକ ଓ ଶିକ୍ଷା କର୍ମଚାରୀ ସଂଘ ପକ୍ଷରୁ ଭାରତ ସରକାରଙ୍କ ଦ୍ୱାରା ୨୫ ମାର୍ଚ୍ଚ ୨୦୨୫ରେ ପାରିତ ଭେଲିଡେସନ ଆକ୍ଟର ପ୍ରତ୍ୟାହାର ନିମନ୍ତେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ଜିଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି। ଏହି ଆକ୍ଟ ପେନ୍‌ସନ୍ ଭୋଗୀଙ୍କ ମୌଳିକ ଅଧିକାରକୁ କ୍ଷୁର୍ଣ୍ଣ କରୁଛି ବୋଲି ସଂଘର ସଭାପତି ସଞ୍ଜୟ ବସନ୍ତ ଚକ୍ର ଓ ସମ୍ପାଦକ ରବୀନ୍ଦ୍ର କୁମାର ପଣ୍ଡା କହିଛନ୍ତି। ଏ ଦିଗରେ ତ୍ୱରିତ ପଦକ୍ଷେପ ନେବାକୁ ଅନୁରୋଧ କରି ସାରା ଭାରତ ବର୍ଷର ପେନ୍‌ସନ୍‌ଧାରୀ ଏହି ସ୍ମାରକ ପତ୍ର ପ୍ରଦାନ କରିବା ସହିତ ଆକ୍ଟ ପ୍ରତ୍ୟାହାର ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର କରିବାକୁ ନିଷ୍ପତ୍ତି ନିଆଯାଇଛି। ସ୍ମାରକପତ୍ର ପ୍ରଦାନ ସମୟରେ ସଂଘର କ୍ଷୀରୋଦ ରାଉତ, ସ୍ୱପ୍ନେଶ୍ୱର ସାହୁ, ଭିକାରୀ ଚରଣ ସାହୁ, କାଶୀନାଥ ମହାନ୍ତ, ଗୌରହରି ଗିରି, ଦିଗାମ୍ବର ଗିରି, ବଳରାମ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ଉଡ଼ିଲା ଛପର, ଭାଙ୍ଗିଲା ଗଛ

## କାଳବୈଶାଖୀ ତାଣ୍ଡବ

### ୧୬ରୁ ଊର୍ଦ୍ଧ୍ୱ ଘର ଭାଙ୍ଗିଲା



କ୍ଷତିଗ୍ରସ୍ତ ଘର ନିକଟରେ ଗୃହକର୍ତ୍ତ୍ରୀ।

ଆନନ୍ଦପୁର/ହାଟଡିହୀ,୨୫।୩ (ସୁଶାନ୍ତ କୁମାର ସାହୁ/ଶୁଭକାନ୍ତ ନାୟକ)

କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ୍‌ରେ ବୁଧବାର ଅପରାହ୍ନ ୩ଟାରେ କାଳବୈଶାଖୀ ତାଣ୍ଡବ ରଚିଛି। ପବନ, ଘଡ଼ଘଡ଼ି, ବର୍ଷା ପ୍ରଭାବରେ ଘରର ଛପର ଉଡ଼ିବା ସହ ଭାଙ୍ଗିଯାଇଛି। ବ୍ୟାପକ ପରିବା ଫସଲ ନଷ୍ଟ ହୋଇଥିବା ଦେଖାଯାଇଛି। ଆନନ୍ଦପୁର ବ୍ଲକ୍‌ର କଣ୍ଟିପାଳ ପଞ୍ଚାୟତର କଣ୍ଟିପାଳ ମହାପାତ୍ର ସାହିର ଦିଲ୍ଲୀପ ନାଏକ, ରଞ୍ଜନ ନାଏକ, ଅଭିରାମ ନାଏକ, ରାଧୁଚରଣ ନାଏକ, ସଞ୍ଜୁଲତା ନାଏକ, ବିଶ୍ୱନାଥ ନାଏକ, ପ୍ରମିଳା ନାଏକ, ଅମ୍ବିକା ନାଏକ, ବାସନ୍ତୀ ବେହେରା, ପୁରୁଷୋତ୍ତମ ନାଏକ ପ୍ରମୁଖଙ୍କ ଘର ଛପର ଉଡ଼ାଇନେବା ସହ ଧାନ, ଚାଉଳ ନଷ୍ଟ ହୋଇଛି। ବିରିଡ଼ିହା ଉପର ହରିଜନ ସାହିର ନାଡ଼ି ଜେନା, ଭଜନ ଜେନା, ଜାନକୀ ଜେନା, କୃଷ୍ଣଚନ୍ଦ୍ର ବାରିକ, ସୁଦର୍ଶନ ସାହୁଙ୍କ ଘର ଛପର ଉଡ଼େଇ ନେବା ସହ କାନ୍ଥ ଭୁଶୁଡ଼ିଯାଇଛି। ବାରୁଆଁ ମୁଣ୍ଡାସାହିର ଲକେ ହୋଙ୍କ ଘର ସମ୍ପୂର୍ଣ୍ଣ ଭାଙ୍ଗି ଯାଇଛି। ସେହିପରି ବ୍ଲକ୍‌ରେ ଅନେକଙ୍କ ଘର ଭାଙ୍ଗିବା ସହ କଦଳୀ ବଗିଚା ଓ ପରିବାର ଚାଷ ନଷ୍ଟ ହୋଇଥିବା ସୂଚନା ମିଳିଛି। ଆନନ୍ଦପୁର ତହସିଲଦାର ପଲ୍ଲବୀ ପ୍ରିୟଦର୍ଶିନୀ କହିଛନ୍ତି, ସ୍ଥାନୀୟ ଆରଆଇଙ୍କୁ ଜଣାଇଛନ୍ତି। ତୁରନ୍ତ କ୍ଷୟକ୍ଷତିର ତଦନ୍ତ କରି ରିପୋର୍ଟ ଦେବେ। କ୍ଷତିଗ୍ରସ୍ତଙ୍କୁ ସହାୟତା ସହ ଆବାସ ଯୋଜନାରେ ଅନ୍ତର୍ଭୁକ୍ତ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

ସେହିପରି ହାଟଡ଼ିହୀ ବ୍ଲକ୍‌ରେ କାଳବୈଶାଖୀ ପ୍ରଭାବରେ ପବନ, ଧୂଳିଝଡ଼, କୁଆପଥର ବର୍ଷା ହୋଇଥିଲା। ଗଛ ଉପୁଡ଼ି ରାସ୍ତାରେ ପଡ଼ିବା ସହ ଚାଳଘର ଛପର ଉଡ଼ିଯାଇଛି। ଅନେକ ଦୋକାନ ଘରର ଟିଣ ଓ ଆଜବେଷ୍ଟସ ମଧ୍ୟ ଉଡ଼ିଯାଇଛି। ତାର ଛିଣ୍ଡି ବିଦ୍ୟୁତ୍ ସରବରାହ ବାଧାପ୍ରାପ୍ତ ହୋଇଛି। କୁଆପଥର ମାଡ଼ରେ ବ୍ୟାପକ ଫସଲ ମଧ୍ୟ ନଷ୍ଟ ହୋଇଛି।

# ନନ୍ଦିପଦାହାଟ-ଗାଁ ରାସ୍ତାରୁ ଜବରଦଖଲ ଉଚ୍ଛେଦ



ଜେସିବି ସହାୟତାରେ ଜବରଦଖଲ ଉଚ୍ଛେଦ କରାଯାଉଛି।

### ୧୭ଟି ଦୋକାନ ଘର ଭଙ୍ଗାଗଲା

ବଉଳା,୨୫।୩(ଦୁର୍ଗା ପ୍ରସାଦ ଆୟଚ)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍‌ର ନନ୍ଦିପଦା ହାଟ ରାସ୍ତାଠାରୁ ନନ୍ଦିପଦା ଗାଁ ରାସ୍ତା ମଧ୍ୟରୁ ବୁଧବାର ଜବରଦଖଲ ଉଚ୍ଛେଦ କରାଯାଇଛି। ଖାତା ନଂ. ୩୬୭ର ପ୍ଲଟ୍ ନଂ. ୯୨୦, ଖାତା ନଂ. ୩୭୧ର ପ୍ଲଟ୍ ୯୧୯ ଅନଧିକାର ଦଖଲ କରିଥିବା ସରକାରୀ ଜମିକୁ ଦଖଲ ମୁକ୍ତ କରାଯାଇଛି। ପ୍ରକାଶ ଯେ, ଜବରଦଖଲ ଉଚ୍ଛେଦ କରିବାକୁ ନନ୍ଦିପଦା ଗ୍ରାମବାସୀ ବିଭିନ୍ନ ସମୟରେ ଅଭିଯୋଗ କରି ଆସୁଥିଲେ। ଏହାକୁ ନେଇ ୨ମାସ ପୂର୍ବେ ପ୍ରଶାସନିକ ପ୍ରସ୍ତୁତି କରାଯାଇଥିଲେ ବି କୌଣସି କାରଣରୁ ଉଚ୍ଛେଦ ନ କରି ପ୍ରଶାସନିକ ଅଧିକାରୀ ଫେରି ଯାଇଥିଲେ। ଏହାକୁ ନେଇ ପୁର୍ନବାର ଗ୍ରାମବାସୀ ଧାରଣା ଦେବାକୁ ଚେତାବନୀ ଦେଇଥିଲେ। ଏହାକୁ ନେଇ ଉପଜିଲାପାଳଙ୍କ ଚିଠି (ନଂ. ୨୮୦୬/୨୪ ମାର୍ଚ୍ଚ ୨୦୨୬)ରେ ଜବରଦଖଲ ଉଚ୍ଛେଦ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ନେଇ ନନ୍ଦିପଦା ପୋଲିସ ଓ ଏବଂ ମାଜିଷ୍ଟ୍ରେଟ୍ ଧିରେନ୍ଦ୍ର ସିଂ, ତହସିଲଦାର ମନୋଜ କେରେକେଟା, ଓରାଳି ଆରଆଇ ଭଟିଲତା ଖମାରି, ମରେଇଗାଁ ଆରଆଇ ମାନସ, ସୁପର ଭାଇଜର ହୃଦାନନ୍ଦ ସାହୁ, ଅମିନ ଏକାଦଶୀ ମଲ୍ଲିକଙ୍କ ଉପସ୍ଥିତିରେ ରାସ୍ତାର ୨ ପାର୍ଶ୍ୱରେ ଥିବା ଚିହ୍ନଟ ମୁତାବକ ୧୭ଟି ଦୋକାନ ଗୃହ ଭଙ୍ଗା ଯାଇଥିଲା।

# ମା’ ବଉଳାଶୁଣି କ୍ରୋମାଇଟ ମାଇନ୍ସ ମଜଦୁର ସଂଘର ବୈଠକ




ସଂଘର କର୍ମକର୍ତ୍ତା ଶୋଭାଯାତ୍ରାରେ ଯାଉଛନ୍ତି।

ବଉଳା,୨୫।୩(ଦୁର୍ଗା ପ୍ରସାଦ ଆୟଚ)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ବଉଳାରେ ଥିବା ମା’ ବଉଳାଶୁଣୀ କ୍ରୋମାଇଟ ମାଇନ୍ସ ମଜଦୁର ସଂଘର ପ୍ରଥମ ସାଧାରଣ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏକ ହଜାରରୁ ଊର୍ଦ୍ଧ୍ୱ ଶ୍ରମିକ ବାଙ୍ଗୋର ଓଏମ୍‌ସି ଶିବ ମନ୍ଦିରରୁ ପଦଯାତ୍ରାରେ ବାଙ୍ଗୋର ଓଏମ୍‌ସି କ୍ରୋମାଇଟ ଖଣି ନିକଟରେ ପହଞ୍ଚିଥିଲେ। ସେଠାରେ ଅନୁଷ୍ଠିତ ସାଧାରଣ ବୈଠକରେ ବିଏମ୍‌ଏସ୍‌ର ରାଜ୍ୟ ଉପ ସଭାପତି ସାନ୍ତୁନୁ ମହାପାତ୍ର, ବିଏମ୍‌ଏସ୍‌ର ଭଦ୍ରକ ସଭାପତି ମନୋଜ ବସନ୍ତ ରାଏ, ଅଲ ଓଡ଼ିଶା ମେଡିକାଲ ସଂଘର ରାଜ୍ୟ ସମ୍ପାଦିକା ରିମାରାଣି ବାରିକ, ଦୈତାରୀ ଖଣି ମଜଦୁର ସଂଘର ସଭାପତି ଗଣେଶ୍ୱର ପାତ୍ର, କେନ୍ଦୁଝର ଜିଲା ମଜଦୁର ସଂଘ, ଅଣ ସଂଗଠିତ ସଂଘର ସମ୍ପାଦକ ଅରୁଣ ମହାରଣା, ରବିନ୍ଦ୍ର ଜେନା, ମା’ ବଉଳାଶୁଣୀ କ୍ରୋମାଇଟ ମାଇନ୍ସ ମଜଦୁର ସଂଘର ସଭାପତି ଉମାକାନ୍ତ ଦାସ, କାର୍ଯ୍ୟକାରୀ ସଭାପତି ବିବେକାନନ୍ଦ ରାଉତ, ଉପସଭାପତି ଟିଂକି କିସ୍କୁ, ସାଧାରଣ ସମ୍ପାଦକ ଗାର୍ଦ୍ଧି ହୋ, ଉପ ସଭାପତି ନାରାୟଣ ନାୟକ, ମୁଖ୍ୟ ଉପଦେଷ୍ଟା ଯୁଧିଷ୍ଠିର ମଲ୍ଲିକ, ସହକାରୀ ସମ୍ପାଦକ କମଳାକାନ୍ତ ମହାରଣା, ରାଜେନ୍ଦ୍ର ଜେନା, କୋଷାଧ୍ୟକ୍ଷ ରମେଶ ଚନ୍ଦ୍ର ମେହୁରୀ ପ୍ରମୁଖ ଉପସ୍ଥିତ ରହି କେନ୍ଦ୍ର ସରକାରଙ୍କ ନୀତି ନିୟମ ଖଣି କର୍ତ୍ତୃପକ୍ଷ ଠିକ୍ ଭବାରେ ପାଳନ କରୁଛନ୍ତି କି ନାହିଁ, ତାହା ଆଲୋଚନା କରାଯାଇଥିଲା। ଏକ ଦାବିପତ୍ର ବାଙ୍ଗୋର ଓଏମ୍‌ସି ଖଣିର ମ୍ୟାନେଜରଙ୍କୁ ପ୍ରଦାନ କରାଯାଇଥିଲା। ବହୁ କାର୍ଯ୍ୟରତ ଶ୍ରମିକ ଯୋଗଦେଇଥିଲେ।

### ପ୍ରଜାପିତା ବ୍ରହ୍ମା କୁମାରୀ ନୂତନ ଶାଖାର ଭୂମିପୂଜନ

ଚମ୍ପୁଆ,୨୫।୩(ମହେଶ୍ୱର ଦାସ): କେନ୍ଦୁଝର ଜିଲା ଚମ୍ପୁଆ ସଦରମହକୁମାସ୍ଥିତ ରାମଲାଠାରେ ଚମ୍ପୁଆ ଇଶ୍ୱରିୟ ପ୍ରଜାପିତା ବ୍ରହ୍ମା କୁମାରୀ ଶାଖାର ନୂତନ ଗୃହ ନିର୍ମାଣ ନିମନ୍ତେ ବୁଧବାର ଭୂମିପୂଜନ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ପୂର୍ବତନ ଏମ୍‌ପି ଯଶବନ୍ତ ନାରାୟଣ ସିଂ ଲାଗୁରୀ, କଟକ ସବ୍‌ଜୋନ ନିର୍ଦ୍ଦେଶିକା ରାଜ ଯୋଗିନୀ ବିକେ ସୁଲୋଚନା ଦିଦି, ଏମ୍‌ପିଙ୍କ ପ୍ରତିନିଧି ସିଦ୍ଧାର୍ଥ ସିଂ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ମିତିରଞ୍ଜନ ସାହୁ, ବିକେନାଥ ମଲ, ବିକେବିନ୍ଦୁ ପ୍ରମୁଖ ଯୋଗଦେଇଥିଲେ।

### ପୋଖରୀରୁ ପଙ୍କ ଉଦ୍ଧାର, ଗାଧୁଆଟୁଠ ନିର୍ମାଣ ଦାବି

ଆନନ୍ଦପୁର,୨୫।୩(ସୁଶାନ୍ତ କୁମାର ସାହୁ): କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ୍ କଣ୍ଟିପାଳ ପଞ୍ଚାୟତ ବିରିଡ଼ିହା ତଳ ହରିଜନସାହିରେ ପୋଖରୀ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିଛି। ପଙ୍କରେ ଭର୍ତ୍ତି ହୋଇଥିବା ବେଳେ ଗାଧୁଆଟୁଠ ନ ଥିବାରୁ ଗ୍ରାମବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପଙ୍କ ଉଦ୍ଧାର ସହ ଗାଧୁଆଟୋଠ ନିର୍ମାଣ କରିବାକୁ ଦାବି ହୋଇଛି। ପ୍ରକାଶ ଯେ, ଗ୍ରାମରେ ମୋଟ ଲୋକସଂଖ୍ୟା ୩୦୦୦ରୁ ଊର୍ଦ୍ଧ୍ୱ ରହିଥିବା ବେଳେ ୪ଟି ପୋଖରୀ ରହିଛି। ୨ଟି ପୋଖରୀ କାମରେ ଆସୁଥିବା ବେଳେ ୨ଟି ପୋଖରୀରେ ଅପରିଷ୍କାର ପାଣି ଥିବା ବେଳେ ଗାଧୁଆଟୁଠ ନାହିଁ। ବିରିଡ଼ିହା ତଳ ହରିଜନ ସାହି ପୋଖରୀରେ ଖରାଦିନେ ପାଣି ଶୁଖିଯାଉଛି। ପୋଖରୀରେ ଚାରିପାଖରେ ଲଟାବୁଦା ଘେରି ରହିଛି। ବର୍ଷା ହେଲେ ଚତୁଃପାର୍ଶ୍ୱରୁ ଅପରିଷ୍କାର ପାଣି ପଶୁଛି। ଦୀର୍ଘ ୪୦ ବର୍ଷ ପୂର୍ବେ ଏହି ପୋଖରୀ ଖନନ ହୋଇଥିଲା। ପୋଖରୀ ଉପରେ ପ୍ରାୟ ୭୦ ଘର ପରିବାର ନିର୍ଭର କରନ୍ତି। ଗ୍ରାମବାସୀ ସ୍ଥାନୀୟ ସରପଞ୍ଚ ପଦ୍ମିନୀ ନାଏକ, ଜିଲା ପରିଷଦ ଜିତେନ୍ଦ୍ର ସାମଲ, ସମିତିସଭ୍ୟ ଭଗବାନ ବେହେରା ଓ ୱାର୍ଡମେମ୍ବରଙ୍କୁ ଅଭିଯୋଗ କରିଥିଲେ ସୁଦ୍ଧା କୌଣସି ସୁବିଧା ହୋଇପାରୁନାହିଁ। ବାଧହୋଇ ଲୋକେ ଖରାଦିନେ ପଙ୍କ କାଦୁଅ ପାଣି ବ୍ୟବହାର କରୁଛନ୍ତି। ପଙ୍କ ଉଦ୍ଧାର ସହ ପାହାଚ କରିବା ପାଇଁ ଗୋବର୍ଦ୍ଧନ ଜେନା, ଅରୁ ଜେନା, ଶରତ ରଣା, ଶଙ୍କର୍ଷଣ ଜେନା, ବିପିନ ଜେନା ପ୍ରମୁଖ ନିବେଦନ କରିଛନ୍ତି।

# ସମାଧାନ ହୋଇଥିବା ନେଇ ବିଡିଓଙ୍କ ଚିଠି

### ଜୀବିତଙ୍କୁ ମୃତ ଦର୍ଶାଇ ଭତ୍ତା ବନ୍ଦ ଘଟଣା

ପାଟଣା,୨୫।୩(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ସରାସକୋଲା ପଞ୍ଚାୟତ ଖମୁଆ ଗ୍ରାମ ଝାଟିଆଳୀସାହିରେ ସ୍ୱର୍ଗତ ଗୋବିନ୍ଦ ସେଠୀଙ୍କ ସ୍ତ୍ରୀ ରଜନୀ ସେଠୀ(୭୪)ଙ୍କୁ ମୃତ ଦର୍ଶାଇ ପଞ୍ଚାୟତ କର୍ତ୍ତୃପକ୍ଷ ନଭେମ୍ବର୨୦୨୪ରୁ ସେପ୍ଟେମ୍ବର ୨୦୨୫ପର୍ଯ୍ୟନ୍ତ ୧୦ମାସର ବାର୍ଦ୍ଧକ୍ୟ ଭତ୍ତା ବନ୍ଦ କରିଦେଇଥିଲେ। ଏନେଇ ସେପ୍ଟେମ୍ବର ୧୭ରେ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। କେନ୍ଦୁଝରର ଟୁଇଟର ବୟ ଭାବେ ପରିଚିତ କେନ୍ଦୁଝର ଜିଲା ସଦର ବ୍ଲକ୍ ନୂଆଗାଁ ପଞ୍ଚାୟତ ବୀର କିଶୋରପୁର ଗ୍ରାମର ବିକ୍ରମ କେଶରୀ ମହାନ୍ତ ଧରିତ୍ରୀ ଖବରକାଗଜ କଟିଂକୁ ଟୁଇଟି କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ପଞ୍ଚାୟତରାଜ ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ପଞ୍ଚାୟିରାଜ ସଚିବ ଓ ଜିଲାପାଳଙ୍କୁ ଟ୍ୟାଗ କରିଥିଲେ। ଖବର ପ୍ରକାଶର ୧୫ଦିନ ଭିତରେ ସମସ୍ତ ବକେୟା ସହ ରେଗୁଲାର ଭତ୍ତା ରଜନୀ ପାଉଛନ୍ତି ବୋଲି ରଜନୀଙ୍କ ପୁଅ ନବକିଶୋର ସେଠୀ କହିଛନ୍ତି। ତେବେ ଟୁଇଟ୍ କରିବାର ଦୀର୍ଘ ୭ ମାସ ପରେ ୧୨ ମାର୍ଚ୍ଚ ୨୦୨୬ରେ ପାଟଣା ପଞ୍ଚାୟତ ସମିତିପକ୍ଷରୁ ପାଟଣା ବିଡିଓ ମାନସ ଦଣ୍ଡପାଟ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୯୦୬ରେ ସମସ୍ୟାର ସମାଧାନ ହୋଇଥିବା ନେଇ ଅତିରିକ୍ତ ଜିଲାପାଳ ପିଜି ସେଲକୁ ସୂଚନା ପ୍ରଦାନ କରିଛନ୍ତି।

# ଏମ୍‌ଜିଏନ୍‌ଆର୍‌ଇଜିଏସ୍ ପାଉଣା ପାଇନାହାନ୍ତି ଶ୍ରମିକ

### ଉଦ୍‌ବେଗ ପ୍ରକାଶକଲେ ଲୋକ ପ୍ରତିନିଧି

ପାଟଣା,୨୫।୩(ବୀରକିଶୋର ଦାଶ)

ପାଟଣା ବ୍ଲକ୍ ସଭାଗୃହରେ ମଙ୍ଗଳବାର ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍) ଓ ସମଗ୍ର ଶିକ୍ଷାର ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଯୋଜନାରେ ବିଗତ ୬ ମାସ ମଧ୍ୟରେ ହୋଇଥିବା ଉନ୍ନୟନ ଯୋଜନାର ସବିଶେଷ ତଥ୍ୟ ଉପସ୍ଥାପନ ହୋଇଥିଲା। ବିଗତ ୪ ମାସ ହେବ ପାଟଣା ବ୍ଲକ୍‌ର ୨୦ ପଞ୍ଚାୟତର ଅନେକ ହଜାର ଶ୍ରମିକ ସେମାନଙ୍କ ପାରିଶ୍ରମିକ ପାଇନାହାନ୍ତି। ଏ ନେଇ ଡୁମୁରିଆ ସରପଞ୍ଚ ଗୌରହରି ନାଏକ ଶିବିରରେ ଉପସ୍ଥାପନକରି ଉଦ୍‌ବେଗ ପ୍ରକାଶ କରିଥିଲେ। ଅଭିଯୋଗ ଆଧାରରେ ବୁଧବାର ଅଡିଟ୍ ଟିମ୍ ପଲାଶଘାଟି ପଞ୍ଚାୟତର ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟ ପରିଦର୍ଶନ କରିଥିବା ଜଣାପଡ଼ିଛି।

ସରପଞ୍ଚ ବକ୍ତବ୍ୟରେ କହିଥିଲେ, ଗରିବ ଶ୍ରମିକଙ୍କ କଷ୍ଟ ଲବ୍ଧ ପାରିଶ୍ରମିକ ପାଇ ନ ଥିବାରୁ ଅସୁବିଧାରେ କାଳତିପାତ କରୁଛନ୍ତି। କେନ୍ଦ୍ର ସରକାର ଯେଉଁ ମହତ ଉଦ୍ଦେଶ୍ୟ ରଖି ଯୋଜନା ପ୍ରଣୟନ କରିଛନ୍ତି ବ୍ଲକ୍‌ରେ ତାହା ଫେଲ୍ ମାରିଛି। ବୈଠକରେ କେତେକ ଅନିୟମିତତା ସହ ଡକ୍ୟୁମେଣ୍ଟ ଓ କେସ୍ ରେକର୍ଡ ନ ଥିବା, ଦସ୍ତଖତ ନ ଥିବା, ପେମେଣ୍ଟ ରିସିଭ ନ ଥିବା ଆଦି ବ୍ୟତିକ୍ରମ ଦେଖିବାକୁ ପାଇଥିଲେ ଅଡିଟ ଟିମ୍। ଏଥିସହ ଚାଲିଥିବା କାର୍ଯ୍ୟକୁ ଖୁବ୍‌ଶୀଘ୍ର ସାରି ନୂତନ କାର୍ଯ୍ୟ ଆରମ୍ଭ କରିବାକୁ ଜିଲା ସାମାଜିକ ସମୀକ୍ଷକ ଚନ୍ଦନ ଅମୃତାୟନ ଆଇଚ ନିର୍ଦ୍ଦେଶ ଦେଇଥିବା କହିଛନ୍ତି। ଏ ସମ୍ପର୍କରେ ଜିଲା ସାମାଜିକ ସମୀକ୍ଷକ ଆଇଚଙ୍କୁ ପଚାରିବାରୁ ଶ୍ରମିକ ମଜୁରି ୪ ମାସ ହେବ ନ ପାଇବା ସାରା ଓଡ଼ିଶାର ସମସ୍ୟା। ତଥାପି ଏ ନେଇ ଉଚ୍ଚ ଅଧିକାରୀଙ୍କୁ ଅବଗତ କରିବୁ। ସୂଚନାଯୋଗ୍ୟ, ୬ ମାସରେ ପାଟଣା ବ୍ଲକ୍‌ରେ ୮ ଲକ୍ଷ ୬୬ ହଜାର ୫୬୦ଦିନ ଶ୍ରମ ଦିବସ ସୃଷ୍ଟି ଲକ୍ଷ୍ୟ ଥିବାବେଳେ ୭ ଲକ୍ଷ ୭୭ ହଜାର ୬୬୫ ଶ୍ରମ ଦିବସ ସୃଷ୍ଟି ହୋଇଛି। ଶ୍ରମିକଙ୍କ ମଜୁରି ୨୦ କୋଟି ୯୯ ଲକ୍ଷ ୫୬ ହଜାର ଟଙ୍କା ଓ ନିର୍ମାଣ ସାମଗ୍ରୀ ବାବଦକୁ ୯୩ ଲକ୍ଷ ୯୬ ହଜାର ଟଙ୍କା ଖର୍ଚ୍ଚ ହୋଇଥିବା ସୂଚନା ଦିଆଯାଇଥିଲା।

# ୭ ଗାଁକୁ ବିଦ୍ୟୁତ୍ ସଂଯୋଗ ଦାବି



ମନ୍ତ୍ରୀ ଜୁଏଲ ଓରାମ, ଭାଜପା କୃଷକ ମୋର୍ଚ୍ଚାର ପୂର୍ବତନ ରାଜ୍ୟ ସଭାପତି ଓ ଅନ୍ୟମାନେ।

ବଞ୍ଚୋ,୨୫।୩(ପ୍ରଦୋଷ କୁମାର ବିଶ୍ୱାଳ)

କେନ୍ଦୁଝର ଜିଲା ଘସିପୁରା ବ୍ଲକ୍ ଅନ୍ତର୍ଗତ ଶାମୁକା ନେଣ୍ଡି ପଞ୍ଚାୟତର ଉପରନଟିଆ, ଖଣ୍ଡିତଳ, ବାରଶାଡ଼ାହି, ଲକ୍ଷ୍ମଣଡାହି, ବାଇବୃରୁ, ଫନଡାହି, ପଠାଣଡାହି ପ୍ରଭୃତି ୭ଗ୍ରାମରେ ଆଜିପର୍ଯ୍ୟନ୍ତ ବିଦ୍ୟୁତ୍‌ସଂଯୋଗ ନାହିଁ। ଉକ୍ତ ଗ୍ରାମଗୁଡ଼ିକୁ ବିଦ୍ୟୁତ୍ ସଂଯୋଗ ଦେବାକୁ ଭାଜପା କୃଷକ ମୋର୍ଚ୍ଚାର ପୂର୍ବତନ ରାଜ୍ୟ ସଭାପତି ମହେଶ୍ୱର ସାହୁ ଓ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପୃଥିରାଜ କୁଅଁରଙ୍କ ସମେତ ଏକ ପ୍ରତିନିଧି ଦଳ ମଙ୍ଗଳବାର ଭାରତ ସରକାରଙ୍କ ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜୁଏଲ ଓରାମଙ୍କୁ ତାଙ୍କର ନୂଆଦିଲ୍ଲୀସ୍ଥିତ ବାସଭବନରେ ଭେଟି ଆଦିବାସୀ ଗାଁଗୁଡ଼ିକୁ ବିଦ୍ୟୁତ ସଂଯୋଗ କରିବା ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି। କେନ୍ଦ୍ର ସରକାରଙ୍କ ତରଫରୁ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ।

# ଆର୍‌ବି ବ୍ରଦର୍ସ କ୍ରିକେଟ୍ ଟିମ୍ ଚାମ୍ପିୟନ

ଯୋଡ଼ା,୨୫।୩(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍ ଅନ୍ତର୍ଗତ ବଡ଼ କାଳିମାଟି ପଞ୍ଚାୟତର କାଳିମାଟି ଖେଳପଡ଼ିଆଠାରେ ଚାଲିଥିବା ବଜରଙ୍ଗୀ ୟୁଥ୍ କ୍ଲବ୍ ତରଫରୁ ତୃତୀୟ ବାର୍ଷିକ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଆର୍ ବି ବ୍ରଦର୍ସ କ୍ରିକେଟ୍ ଟିମ ବିଜେତା, କମ୍ବଲପୁର କ୍ରିକେଟ୍ ଟିମ୍ ଉପ ବିଜେତା ହୋଇଛି। ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥିଭାବେ ବଡ଼ବିଲ ଏସ୍‌ଡିପିଓ ଦେବେନ୍ଦ୍ରନାଥ ପିଙ୍ଗୁଆ, ସମ୍ମାନିତ ଅତିଥିଭାବେ ଓଏମ୍‌ସି ଖଣି କମ୍ପାନୀର ମାଇନ୍ସ ମ୍ୟାନେଜର ଦେବାଶିଷ ରାଓ, କେସିସି ଠିକାସଂସ୍ଥାର ମ୍ୟାନେଜର ଦିଲୀପ ସାହୁ, ଆର୍ସେଲର ମିତ୍ତଲ କମ୍ପାନୀର ଲଜେଷ୍ଟିକ ହେଡ୍ ଜେକେ ଶର୍ମା, ଏଚଆର୍ ହେଡ୍ ବନୋଜା ଖଟୁଆ, ଦେବବ୍ରତ ବେହେରା, ସିଲିଯୋଡ଼ା ଖଣି କମ୍ପାନୀର ମ୍ୟାନେଜର ଜନ୍ମେଜୟ ମହାନ୍ତ, ଏଚ୍‌ଆର୍ ହେଡ୍ ରଞ୍ଜନ ସାହୁ ଯୋଗଦେଇ ଚାମ୍ପିୟନ ଦଳକୁ ୫୦,୦୦୦ଟଙ୍କା ସହିତ ଇଲେକ୍ଟ୍ରିକ୍ ସ୍କୁଟି ଓ ଆକର୍ଷଣୀୟ ଟ୍ରଫି ପ୍ରଦାନ କରିଥିଲେ। ଉପ ବିଜେତା ଟିମ୍‌କୁ ୫୦,୦୦୦ ଟଙ୍କା ସହିତ ଆକର୍ଷଣୀୟ ଟ୍ରଫି ପ୍ରଦାନ କରିଥିଲେ। ଜୋନ ପାତ୍ର, ପରମେଶ୍ୱର ପାତ୍ର ଓ ମନୋଜ ତନ୍ତୀ ଖେଳର ଧାରାବିବରଣୀ ପ୍ରଦାନ କରୁଥିଲେ। ବିକେଡିଏସ ତଥା ଓଏମ୍‌ସି ଖଣି କମ୍ପାନୀ, ଆର୍ସେଲର ମିତ୍ତଲ କମ୍ପାନୀ ଏବଂ ଦେବବ୍ରତ ଖଣି କମ୍ପାନୀ କର୍ତ୍ତୃପକ୍ଷଙ୍କ ସହଯୋଗ କ୍ରମେ ଟୁର୍ନାମେଣ୍ଟ ଆୟୋଜିତ ହୋଇଥିଲା।



ଉଦ୍‌ଯାପନୀ ଉତ୍ସବରେ ଉପସ୍ଥିତ ଅତିଥିମାନେ।

# ଗ୍ରୀଷ୍ମ ଆସିଲେ ମହୁଲଗଛ ମୂଳରେ ଭିଡ଼

### ଏବେ ବି ଜଙ୍ଗଲ ଅର୍ଥନୀତି ଉପରେ ନିର୍ଭରଶୀଳ ବନବାସୀ

କେନ୍ଦୁଝର,୨୫।୩(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲାରେ ବନବାସୀ ଜଙ୍ଗଲ ଅର୍ଥନୀତି ଉପରେ ଏବେ ମଧ୍ୟ ନିର୍ଭରଶୀଳ। ବର୍ଷତମାମ ଜଙ୍ଗଲ ସେମାନଙ୍କୁ ଜୀବିକା ଦେଉଛି। ବିଭିନ୍ନ ଋତୁରେ ପାହାଡ଼ରେ ବିଭିନ୍ନ ପ୍ରକାର ପ୍ରକୃତି ଦତ୍ତ ଫଳ, ଫୁଲ, ମୂଳ ସଂଗ୍ରହକରି ଗୁଜୁରାଣ ମେଣ୍ଟାଇଥାଆନ୍ତି। ସେଥିମଧ୍ୟରୁ ମହୁଲଫୁଲ ଅନ୍ୟତମ। ଏବେ ମହୁଲ ସଂଗ୍ରହକରି ଶୁଖାଇ ବିଭିନ୍ନ ହାଟବଜାରରେ ବିକ୍ରିକରି ଶତାଧିକ ବନବାସୀ ନିଜର ପରିବାର ପ୍ରତିପୋଷଣ କରୁଛନ୍ତି। ସକାଳ ହେଲେ ବନବାସୀ ମହୁଲଗଛ ମୂଳରେ ଭିଡ଼ ଜମାଉଛନ୍ତି।

ପ୍ରକାଶ ଯେ, କେନ୍ଦୁଝର ଜିଲାର ବାଂଶପାଳ, ତେଲକୋଇ, ସଦର, ପାଟଣା, ହରିଚନ୍ଦନପୁର, ଝୁମ୍ପୁରା, ଘଟଗାଁ, ଯୋଡ଼ା ଆଦି ବ୍ଲକ୍‌ରେ ପର୍ଯ୍ୟାପ୍ତ ପରିମାଣରେ ମହୁଲଗଛ ରହିଛି। ବଣଜଙ୍ଗଲ ତଥା ଗ୍ରାମାଞ୍ଚଳରେ ରହୁଥିବା ଅନେକ ହଜାର ଆଦିବାସୀ ଓ ଅନ୍ୟ ପାରମ୍ପରିକ ବନବାସୀ ଗ୍ରୀଷ୍ମଋତୁରେ ମହୁଲ ସଂଗ୍ରହ କରିଥାନ୍ତି। ପ୍ରାକୃତିକ ପରିବେଶରେ ମହୁଲଗଛ ଉଠୁଥିବା ବେଳେ ଗ୍ରୀଷ୍ମ ଆଗମନରେ ମହୁଲଫୁଲ ଝଡ଼ିପଡ଼ିଥାଏ। ସକାଳୁ ଝୁଡ଼ି, ଟୋକେଇ ଧରି ମହିଳା, ପୁରୁଷ ଓ ପିଲାମାନେ ଜଙ୍ଗଲରେ ବୁଲି ମହୁଲ ସଂଗ୍ରହକରି ତାକୁ କିଛି ଦିନ ଖରାରେ ଶୁଖାଇଥାନ୍ତି। ପରେ ତାଙ୍କୁ ହାଟବଜାରରେ ବିକ୍ରି କରିଥାନ୍ତି। ସରକାରୀ ଅବ୍ୟବସ୍ଥା ଯୋଗୁ ମହୁଲର ଅଭାବୀ ବିକ୍ରି ହେଉଛି। ବନବାସୀ ଉଚିତ ମୂଲ୍ୟ ପାଉ ନ ଥିବାରୁ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। ଏଥିରେ ଦେଶୀମଦ ପ୍ରସ୍ତୁତ ସହ ଏହାକୁ ଖାଦ୍ୟଭାବେ ବ୍ୟବହାର କରାଯାଉଥିବାରୁ ସଚେତନତା ଅଭାବ, ମହୁଲ ଦର ନିର୍ଦ୍ଧାରଣରେ ବିଳମ୍ବ ଯୋଗୁ ଦଲାଲଙ୍କ ଜରିଆରେ କମ୍ ଦରରେ ବିକ୍ରି କରିବାକୁ ବାଧ ହେଉଛନ୍ତି। ଅନେକେ ରାସ୍ତାକଡ଼ରେ ଠୁଙ୍ଗା ଦରରେ ବିକ୍ରି କରୁଥିବା ଦେଖାଯାଇଛି। ସାମାଜିକ କର୍ମୀ କାର୍ତ୍ତିକ ସାହୁ କହିଛନ୍ତି, ବନବାସୀ ବହୁ କଷ୍ଟରେ ଜଙ୍ଗଲ ବୁଲି ମହୁଲ ସଂଗ୍ରହ କରୁଛନ୍ତି। ଉପଯୁକ୍ତ ମୂଲ୍ୟ ପାଉ ନ ଥିବାରୁ ସେମାନଙ୍କ ସାମାଜିକ ଓ ଅର୍ଥନୈତିକ ଅବସ୍ଥା ସୁଧୁରୁନାହିଁ। ବାଂଶପାଳ ବ୍ଲକ୍ ଅଞ୍ଚଳକୁ କେନ୍ଦୁଝର ସହରକୁ ଆସି ମହୁଲ ବିକ୍ରି କରୁଥିବା ସୀତା ନାୟକ କୁହନ୍ତି, ମହୁଲ ହାଟବଜାରରେ ଭାଗ ୨୦ ଟଙ୍କାରେ ବିକୁଛନ୍ତି। ଏହାର ସ୍ୱାଦ ଭଲ ଲାଗେ। ସମସ୍ତେ ଏହାକୁ ଖାଇବାକୁ ଭଲ ପାଆନ୍ତି। ଯାହା ମିଳେ ସେଥିରେ ଘର ଚଳାଉଛନ୍ତି। ବରିଷ୍ଠ ବୈଦ୍ୟରାଜ ହରେକୃଷ୍ଣ ମହାନ୍ତ କହିଛନ୍ତି, ସରକାର ମହୁଲ ସିଧାସଳଖ କିଣି ନେଲେ ବନବାସୀଙ୍କ ଆର୍ଥିକ ମାନଦଣ୍ଡ ଅଧିକ ସୁଦୃଢ଼ ହୋଇପାରିବ।



ଜଣେ ଆଦିବାସୀ ବୃଦ୍ଧା ମହୁଲ ବିକ୍ରି କରୁଛନ୍ତି।

# ରାଜ୍ୟରେ ତ୍ୱରାନ୍ୱିତ ହେବ ପିଏନ୍‌ଜି ସଂଯୋଗ

## ସରଳ ହେଲା ସହରୀ ଗ୍ୟାସ୍ ଭିତ୍ତିଭୂମି ଅନୁମୋଦନ ପ୍ରକ୍ରିୟା

ଭୁବନେଶ୍ୱର,୨୫।୩(ଅନୁରାଧା ମହାରଣା)

ଓଡ଼ିଶାର ସହରାଞ୍ଚଳରେ ସ୍ୱଚ୍ଛ ଶକ୍ତି ଭିତ୍ତିଭୂମିର ସମ୍ପ୍ରସାରଣକୁ ଶୀଘ୍ର ଶେଷକରିବା ପାଇଁ ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି। ସିଟି ଗ୍ୟାସ୍ ବିତରଣ ପ୍ରକଳ୍ପଗୁଡ଼ିକର ଅନୁମୋଦନ ପ୍ରକ୍ରିୟାକୁ ସରଳ ଏବଂ ତ୍ୱରାନ୍ୱିତ କରିବା ପାଇଁ ବିଭାଗ ପକ୍ଷରୁ ଏକ ବିସ୍ତୃତ ନିର୍ଦ୍ଦେଶନାମା ଜାରି କରାଯାଇଛି। ରାଜ୍ୟ ସରକାରଙ୍କ ଗ୍ୟାସ୍‌ଭିତ୍ତିକ ଅର୍ଥନୀତିକୁ ପ୍ରୋତ୍ସାହନ ଦେବା ଏବଂ ସହରାଞ୍ଚଳରେ ସ୍ୱଚ୍ଛ ତଥା ଜାଳେଣିର ଉପଲବ୍ଧତା ବୃଦ୍ଧି କରିବା ପାଇଁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ ଏହି ନିର୍ଦ୍ଦେଶନାମା ଜାରି କରିଛନ୍ତି। ନିର୍ଦ୍ଦେଶାନୁସାରେ, ଭୂତଳ ପାଇପଲାଇନ ବିଛାଇବା ଏବଂ ଅନ୍ୟାନ୍ୟ ସିଜିଡି ଭିତ୍ତିଭୂମି ନିର୍ମାଣ ପାଇଁ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ବା ୟୁଏଲ୍‌ବିଗୁଡ଼ିକ କୌଣସି ଅନୁମତି ଶୁଳ୍କ ବା ପରମିଶନ ଫି ଆଦାୟ କରିବେ ନାହିଁ। ଏଥିସହ ଚାଲୁ ରହିଥିବା କିମ୍ବା ପୂର୍ବରୁ ମଞ୍ଜୁର ହୋଇଥିବା କାର୍ଯ୍ୟ ପାଇଁ କୌଣସି ନୂତନ ଅନୁମତିର ଆବଶ୍ୟକତା ପଡ଼ିବ ନାହିଁ, ଯାହାଦ୍ୱାରା ପ୍ରଶାସନିକ ବିଳମ୍ବ ଦୂରହେବ ଏବଂ ପ୍ରକଳ୍ପ କାର୍ଯ୍ୟ ନିରନ୍ତର ଭାବେ ଜାରି ରହିବ। ପ୍ରକଳ୍ପର ଅଗ୍ରଗତିକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟ ସରକାର ସମୟବଦ୍ଧ ଅନୁମୋଦନ ଉପରେ ଗୁରୁତ୍ୱ ଦେଇଛନ୍ତି ଏବଂ ସମସ୍ତ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ଆବେଦନଗୁଡ଼ିକର ତୁରନ୍ତ ଫଇସଲା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏପରିକି ସିଜିଡି ପ୍ରକଳ୍ପ କାର୍ଯ୍ୟକୁ ବାଧାମୁକ୍ତ କରିବା ପାଇଁ ନିର୍ଦ୍ଦିଷ୍ଟ ସମୟରେ ରାଜପଥ ବା ରାସ୍ତା ଖୋଳିବା ଉପରେ ଥିବା କଟକଣାକୁ ମଧ୍ୟ କୋହଳ କରାଯାଇଛି। କାର୍ଯ୍ୟକାରିତାକୁ ସହଜ କରିବା ସହ ଏହି ପ୍ରକ୍ରିୟାରେ ଉତ୍ତରଦାୟିତ୍ୱକୁ ମଧ୍ୟ ନିଶ୍ଚିତ କରାଯାଇଛି। ସମ୍ପୃକ୍ତ ସିଜିଡି ସଂସ୍ଥାଗୁଡ଼ିକ ନିଜ ଖର୍ଚ୍ଚରେ ଏବଂ ନିର୍ଦ୍ଧାରିତ ମାନଦଣ୍ଡ ଅନୁଯାୟୀ ରାସ୍ତା ଓ ଅନ୍ୟାନ୍ୟ ଭିତ୍ତିଭୂମିର ପୁନରୁଦ୍ଧାର ବା ରେଷ୍ଟୋରେଶନ କରିବାକୁ ବାଧ୍ୟ ହେବେ। ରାଜ୍ୟରେ ସିଜିଡି ସମ୍ପର୍କିତ କାର୍ଯ୍ୟର ସମନ୍ୱୟ ଏବଂ ଅନୁଧ୍ୟାନ ପାଇଁ ପୌର ପ୍ରଶାସନ ନିର୍ଦ୍ଦେଶକଙ୍କୁ ନୋଡାଲ ଅଧିକାରୀ ଭାବେ ନିଯୁକ୍ତ କରାଯାଇଛି। ଏହି ପ୍ରକଳ୍ପଗୁଡ଼ିକର ସଫଳ ରୂପାୟନ ପାଇଁ ପୂର୍ତ୍ତ ବିଭାଗ, ଜଳ ସମ୍ପଦ ଏବଂ ଶକ୍ତି ଏବଂ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗକୁ ପୂର୍ଣ୍ଣ ସହଯୋଗ କରିବାକୁ ପରାମର୍ଶ ଦିଆଯାଇଛି। ଏହି ସମସ୍ତ ପଦକ୍ଷେପ ଜୁନ୍ ୩୦ ପର୍ଯ୍ୟନ୍ତ କିମ୍ବା ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ବଳବତ୍ତର ରହିବ। ଏହି ପଦକ୍ଷେପ ଓଡ଼ିଶାରେ ପିଏନ୍‌ଜି ସଂଯୋଗକୁ ବଢ଼ାଇବା ସହ ଏକ ସ୍ଥାୟୀ ଏବଂ ଶକ୍ତି-ଦକ୍ଷ ଭବିଷ୍ୟତ ଗଢ଼ିବାରେ ସହାୟକ ହେବ।

# ୨୭ରୁ ଆଇଆଇଏମ୍‌ଟିଏଫ୍, ହୋମ୍ ଆଣ୍ଡ ଡେକୋର ଏକ୍ସପୋ

ଭୁବନେଶ୍ୱର,୨୫।୩(ଅନୁରାଧା ମହାରଣା)




ଜିଏସ୍ ମାର୍କେଟିଂ ଆସୋସିଏଟ୍ସ ଏବଂ ଓଡ଼ିଶା ଡେଭଲପର୍ସ ଫେଡେରେଶନ (ଓଡିଫେଡ୍) ପକ୍ଷରୁ ୧୯ତମ ଇଣ୍ଡିଆ ଇଣ୍ଟରନ୍ୟାଶନାଲ ମେଗା ଟ୍ରେଡ୍ ଫେୟାର (ଆଇଆଇଏମ୍‌ଟିଏଫ୍) ଏବଂ ହୋମ ଆଣ୍ଡ ଡେକୋର ଏକ୍ସପୋ, ଭୁବନେଶ୍ୱରର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ପ୍ରଦର୍ଶନୀ ମାର୍ଚ୍ଚ ୨୭ରୁ ଏପ୍ରିଲ ୪, ୨୦୨୬ ପର୍ଯ୍ୟନ୍ତ ବାରମୁଣ୍ଡାସ୍ଥିତ ୟୁନିଟ୍-୩ର ଇଡ୍‌କୋ (ଇଡ୍‌କୋ) ପ୍ରଦର୍ଶନୀ ପଡ଼ିଆରେ ଅନୁଷ୍ଠିତ ହେବାକୁ ଯାଉଛି। ଉକ୍ତ ପ୍ରଦର୍ଶନୀ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଦ୍ୱାରା ଆସନ୍ତା ୨୭ ମାର୍ଚ୍ଚରେ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆଠାରେ ଉଦ୍‌ଘାଟନ ହେବ। ଉକ୍ତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବିଧାୟକ ବାବୁ ସିଂ, ଭାଜପା ନେତା ଇଂ. ଜଗନ୍ନାଥ ପ୍ରଧାନ, ବିଏମ୍‌ସି କମିଶନର ଚଞ୍ଚଳ ରାଣା ପ୍ରମୁଖ ଯୋଗଦେବେ। ଏହି ପାଭିଲିୟନର ଲକ୍ଷ୍ୟ ହେଉଛି ପ୍ରମୁଖ ରିଅଲ ଇଷ୍ଟେଟ ଡେଭେଲପର, ସମ୍ଭାବ୍ୟ ଗୃହ କ୍ରେତା ଏବଂ ଆର୍ଥିକ ଅନୁଷ୍ଠାନଗୁଡ଼ିକୁ ଏକ ମଞ୍ଚକୁ ଆଣିବା। ଫଳରେ ଓଡ଼ିଶାର ରିଅଲ ଇଷ୍ଟେଟ କ୍ଷେତ୍ରରେ ବ୍ୟବସାୟିକ ସୁଯୋଗ ଏବଂ ଅଭିବୃଦ୍ଧିକୁ ପ୍ରୋତ୍ସାହନ ମିଳିପାରିବ। ଏହି କାର୍ଯ୍ୟକ୍ରମରେ ୪୦ରୁ ଅଧିକ ରିଅଲ ଇଷ୍ଟେଟ ସଂସ୍ଥା ଅଂଶ ଗ୍ରହଣ କରୁଛନ୍ତି ଏବଂ ମିଳିତ ଭାବେ ୧୦୦ରୁ ଅଧିକ ପ୍ରକଳ୍ପ ପ୍ରଦର୍ଶିତ କରିବେ। ବୁଧବାର ପ୍ରେସ୍ କ୍ଲବ୍‌ଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଓଡିଫେଡ୍ ସମ୍ପାଦକ ଇଂ. ଉମେଶ ପଟ୍ଟନାୟକ ଏନେଇ ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଓଡିଫେଡ୍‌ର ଉପସଭାପତି ସୂର୍ଯ୍ୟକାନ୍ତ ନନ୍ଦ, ଜିଏସ୍ ମାର୍କେଟିଂ ଆସୋସିଏଟ୍ସର ସଭାପତି ଅମିତାଭ ଘୋଷ ପ୍ରମୁଖ ଉପସ୍ଥିତ ଥିଲେ।

# ଅଲ୍‌ଟ୍ରାଟେକ୍ ସିମେଣ୍ଟ ପକ୍ଷରୁ ୭୬ ୟୁନିଟ୍ ରକ୍ତ ସଂଗ୍ରହ



ଖୁଣ୍ଟୁଣୀ,୨୫।୩(ସଚ୍ଚିଦାନନ୍ଦ ପଣ୍ଡା)

କଟକ ଜିଲ୍ଲା ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ଖମାର ନୂଆଗାଁଠାରେ ଦେଶର ଅଗ୍ରଣୀ ଶିଳ୍ପ ଗୋଷ୍ଠୀ ଆଦିତ୍ୟ ବିର୍ଲା ଗ୍ରୁପ୍ ଦ୍ୱାରା ପ୍ରତିଷ୍ଠିତ ଅଲ୍‌ଟ୍ରାଟେକ୍ ସିମେଣ୍ଟ କଟକ ୟୁନିଟ୍ ପକ୍ଷରୁ ମଙ୍ଗଳବାର ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ରକ୍ତଦାନ ଶିବିରକୁ ଅଲ୍‌ଟ୍ରାଟେକ୍ ସିମେଣ୍ଟ କଟକ ୟୁନିଟ୍ ମୁଖ୍ୟ ଅବିନାଶ ରଥ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଏଥିରେ ଅଲ୍‌ଟ୍ରାଟେକ୍ ସିମେଣ୍ଟ ପ୍ଲାଣ୍ଟର ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ, କର୍ମଚାରୀ ଏବଂ ଶ୍ରମିକମାନେ ରକ୍ତଦାନ କରିଥିଲେ। ଶିବିରକୁ ପ୍ଲାଣ୍ଟର ଅଧିକାରୀ ଅଭିଷେକ ମହାନ୍ତି, ଅଜୟ ଶ୍ରୀବାସ୍ତବ, ସତ୍ୟେନ୍ଦ୍ର ଯାଦବ, ଦେବାଶିଷ ପଟ୍ଟନାୟକ, କୌଶିକ ରାଉତ, ପ୍ରମୋଦ ମହାରଣା, ସୁରେଶ ସାମଲ, ଲିନା ଶ୍ରେଷ୍ଠା ପ୍ରମୁଖ ପରିଚାଳନା କରିଥିଲେ। ଶିବିରରୁ ମୋଟ ୭୬ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। କଟକ ରେଡ୍‌କ୍ରସ୍ ରକ୍ତ ଭଣ୍ଡାରର ରକ୍ତ ସଂଗ୍ରହକାରୀ ଟିମ୍ ରକ୍ତ ସଂଗ୍ରହ କରିଥିଲେ। ସିମେଣ୍ଟ ପ୍ଲାଣ୍ଟ ମଧ୍ୟରେ ଥିବା ଆଶ୍ୱ ଚିକିତ୍ସା କେନ୍ଦ୍ରର ଡା. ଶୈଳେଶ ରଞ୍ଜନ ପଣ୍ଡା, ଫାର୍ମାସିଷ୍ଟ ଜୀବନ କୃଷ୍ଣ ମଲ୍ଲିକ, ସୁବାଶିଷ ରାଉତ, ବିଦ୍ୟାରଞ୍ଜନ ସାହୁ ଓ ପରମାନନ୍ଦ ମୁଦୁଲି ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ଅରୁନ୍ଧତୀର 'ଆଡ୍‌ଭାନ୍ସ ଫ୍ଲେକ୍ସି ଗୋଲ୍ଡ ବୁକିଂ' ଅଫର

ଭୁବନେଶ୍ୱର,୨୫।୩(ଅନୁରାଧା ମହାରଣା)

Arundhati
JEWELLERS
ODISHA'S LARGEST JEWELLERY BRAND

ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ଅକ୍ଷୟ ତୃତୀୟା ଅବସରରେ ସ୍ୱତନ୍ତ୍ର ସ୍ୱର୍ଣ୍ଣ ଅକ୍ଷୟ ଅଫର ଘୋଷଣା କରାଯାଇଛି। ଏଥିରେ ଗ୍ରାହକ 'ଆଡ୍‌ଭାନ୍ସ ଫ୍ଲେକ୍ସି ଗୋଲ୍ଡ ବୁକିଂ'ର ସୁବିଧା ପାଇପାରିବେ। ମାର୍ଚ୍ଚ ୧୮ରୁ ଆରମ୍ଭ ହୋଇଥିବା ଏହି ଅଫର ଏପ୍ରିଲ ୧୫ ପର୍ଯ୍ୟନ୍ତ ଉପଲବ୍ଧ ହେବ। ଏହି ଅଫର୍ ଜରିଆରେ ଗ୍ରାହକମାନେ ମାତ୍ର ୧୦% ଅଗ୍ରିମ ମୂଲ୍ୟ ଦେଇ ନିଜ ପସନ୍ଦର ଗହଣା ବୁକିଂ କରିବା ସହ ସୁନାର ସର୍ବନିମ୍ନ ବଜାର ଦରର ଲାଭ ପାଇପାରିବେ। ଏହା ସହିତ ପ୍ରତ୍ୟେକ ଫ୍ଲେକ୍ସି ବୁକିଂ ଉପରେ ଗ୍ରାହକମାନେ ସୁନିଶ୍ଚିତ ହୀରାମୁଦି କିମ୍ବା ସ୍ୱର୍ଣ୍ଣମୁଦ୍ରା କିମ୍ବା ରୁପାମୁଦ୍ରା ଭଳି ଆକର୍ଷଣୀୟ ଉପହାର ମଧ୍ୟ ପାଇପାରିବେ। ଏହି ଅଫରର ମୁଖ୍ୟ ବିଶେଷତ୍ୱ ହେଉଛି ସୁନାଗହଣା ନେବା ସମୟରେ ବଜାରରେ ସୁନା ଦର ହୁଏ, ତେବେ ଗ୍ରାହକଙ୍କୁ ବୁକିଂ ଦିନର କମ୍ ଦର ଦେବାକୁ ପଡ଼ିବ। ଅନ୍ୟପଟେ ଯଦି ସୁନା ଦର କମିଥାଏ ତେବେ ଗ୍ରାହକମାନେ କମିଥିବା ନୂଆ ଦରରେ ନିଜର ଅଳଙ୍କାର କିଣିପାରିବେ। ଏହି ଅବସରରେ ଅରୁନ୍ଧତୀ ଗ୍ରୁପ୍ ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର କହିଛନ୍ତି, ବର୍ତ୍ତମାନ ସମୟରେ ସୁନାଦରରେ ଦେଖାଯାଉଥିବା ଅସ୍ଥିରତା ଗ୍ରାହକଙ୍କ ପାଇଁ ଏକ ବଡ଼ ଚିନ୍ତାର ବିଷୟ ପାଲଟିଛି। ଅକ୍ଷୟ ତୃତୀୟା ଅବସରରେ ଗ୍ରାହକଙ୍କୁ କୌଣସି ଆର୍ଥିକ କ୍ଷତିର ସମ୍ମୁଖୀନ ହେବାକୁ ନ ପଡୁ, ଏହା ହିଁ ଆମର ମୁଖ୍ୟ ଲକ୍ଷ୍ୟ।

# ମେରିଲର ଭାପି କ୍ୟାମ୍ପସ ପରିଦର୍ଶନ କଲେ ଧୋନି

ଭୁବନେଶ୍ୱର,୨୫।୩(ଅନୁରାଧା ମହାରଣା)



ମେରିଲର ଭାପିସ୍ଥିତ ବିଶ୍ୱ ମୁଖ୍ୟାଳୟକୁ ଭାରତର ପୂର୍ବତନ କ୍ରିକେଟ ଅଧିନାୟକ ଏମ୍.ଏସ୍. ଧୋନୀ ପରିଦର୍ଶନ କରିଛନ୍ତି। ଏ ଅବସରରେ ଧୋନୀ କହିଛନ୍ତି, ପିଲାଦିନ ଅବସର ନ ନେବା ଉଚିତ। ମେରିଲର ଦେଶବ୍ୟାପୀ ଜନସ୍ୱାସ୍ଥ୍ୟ ଅଭିଯାନ 'ଟ୍ରିମେଣ୍ଟ ଜରୁରୀ ହେ' ସମୟୋଚିତ ରୋଗ ନିର୍ଣ୍ଣୟ ଏବଂ ଉନ୍ନତ ଚିକିତ୍ସା ପଦ୍ଧତିଗୁଡ଼ିକର ଉପଲବ୍ଧତା ବିଷୟରେ ସଚେତନତା ବୃଦ୍ଧି କରିବା ପାଇଁ ଆରମ୍ଭ କରାଯାଇଥିଲା। ଏହି ଅଭିଯାନ ଗୁରୁତ୍ୱାରୋପ କରେ ଯେ ଶୀଘ୍ର ଚିହ୍ନଟ, ପ୍ରତିଷେଧକ ସ୍କ୍ରିନିଂ ଏବଂ ଅଭିନବ ଚିକିତ୍ସା ବିକଳ୍ପଗୁଡ଼ିକର ଉପଲବ୍ଧତା ହୃଦ୍‌ରୋଗ, ଅଷ୍ଟିଓଆର୍ଥ୍ରାଇଟିସ ଏବଂ ଅନ୍ୟାନ୍ୟ ବୟସ ସମ୍ବନ୍ଧୀୟ ରୋଗରେ ଫଳାଫଳକୁ ଯଥେଷ୍ଟ ଉନ୍ନତ କରିପାରିବ। ଅଭିଯାନର ଗଭୀର ଉଦ୍ଦେଶ୍ୟ ବିଷୟରେ କହି ଧୋନୀ ଗୁରୁତ୍ୱାରୋପ କରି କହିଛନ୍ତି, ମୁଁ ସବୁବେଳେ ବିଶ୍ୱାସ କରିଆସିଛି ଯେ ନିଜ ସ୍ୱାସ୍ଥ୍ୟର ଯତ୍ନନେବା ନିଜ ପାଇଁ ଏବଂ ଆପଣଙ୍କୁ ଭଲ ପାଉଥିବା ଲୋକଙ୍କ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ମଧ୍ୟରୁ ଗୋଟିଏ। ଆମ ସମସ୍ତଙ୍କର, ବିଶେଷକରି ଯୁବପିଢ଼ିଙ୍କର ଏକ ଦାୟିତ୍ୱ ଅଛି ଯେ ଆମର ପିତାମାତା ଏବଂ ଜେଜେ ମା'ଜେଜେ ବାପା ସେମାନେ ଯେଉଁ ଯତ୍ନ, ଧ୍ୟାନ ଏବଂ ସମର୍ଥନ ପାଇବାକୁ ହକଦାର, ତାହା ଯେପରି ପାଆନ୍ତି। ଇଣ୍ଡିଆନ କାଉନସିଲ ଅଫ୍ ମେଡିକାଲ ରିସର୍ଚ୍ଚ ଏବଂ ଗ୍ଲୋବାଲ ବର୍ଡେନ ଅଫ୍ ଡିଜିଜ୍ ଅଧ୍ୟୟନ ଅନୁଯାୟୀ, ଭାରତରେ ହେଉଥିବା ସମସ୍ତ ମୃତ୍ୟୁର ପ୍ରାୟ ୨୮% ହୃଦ୍‌ରୋଗ ପାଇଁ ଦାୟୀ, ଯାହା ଏଗୁଡ଼ିକୁ ଦେଶର ମୃତ୍ୟୁର ପ୍ରମୁଖ କାରଣ ହୋଇଥାଏ। ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ ରିପୋର୍ଟ କରିଛି ଯେ ୨୫%ରୁ ଅଧିକ ଭାରତୀୟ ବୟସ୍କ ବର୍ତ୍ତମାନ ଅଧିକ ଓଜନ କିମ୍ବା ମେଦବହୁଳ। ଏହି କାରଣଗୁଡ଼ିକ ଗତିଶୀଳତା ସମ୍ବନ୍ଧୀୟ ବ୍ୟାଧିରେ ବୃଦ୍ଧି ପାଇଁ ମଧ୍ୟ ଅବଦାନ ରଖୁଛି– ଇଣ୍ଡିଆନ ଜର୍ନାଲ ଅଫ୍ ଅର୍ଥୋପେଡିକ୍ସ ଏବଂ ଏନ୍‌ଆଇଏଚ୍ ଗବେଷଣା ଡାଟାବେସ୍‌ରେ ପ୍ରକାଶିତ ଅଧ୍ୟୟନ ଆକଳନ କରିଛି ଯେ ଆଣ୍ଠୁ ଅଷ୍ଟିଓଆର୍ଥ୍ରାଇଟିସ ଭାରତରେ ପ୍ରାୟ ୪ ଜଣ ବୟସ୍କଙ୍କ ମଧ୍ୟରୁ ୧ ଜଣଙ୍କୁ ପ୍ରଭାବିତକରେ। ଏହାକୁ ଅକ୍ଷମତାର ଏକ ପ୍ରମୁଖ କାରଣ ଏବଂ ଦେଶରେ ଆଣ୍ଠୁ ପ୍ରତିସ୍ଥାପନ ଅସ୍ତ୍ରୋପଚାରର ଏକ ପ୍ରମୁଖ ବାହକ କରିଥାଏ।

# ହୋଟେଲ, ରେଷ୍ଟୁରାଣ୍ଟରେ 'ଏଲ୍‌ପିଜି ଚାର୍ଜ' ନେବା ବେଆଇନ

## ନିଷେଧାଦେଶ ଲାଗୁକଲେ କେନ୍ଦ୍ର ସରକାର

ଭୁବନେଶ୍ୱର,୨୫।୩(ଅନୁରାଧା ମହାରଣା)

କେନ୍ଦ୍ରୀୟ ଗ୍ରାହକ ସୁରକ୍ଷା ପ୍ରାଧିକରଣ (ସିସିପିଏ), ହୋଟେଲ ଏବଂ ରେଷ୍ଟୁରାଣ୍ଟଗୁଡ଼ିକ ଦ୍ୱାରା ଗ୍ରାହକଙ୍କ ବିଲରେ ଏଲ୍‌ପିଜି ଚାର୍ଜ, ଗ୍ୟାସ୍ ସରଚାର୍ଜ ଏବଂ ଇନ୍ଧନ ମୂଲ୍ୟ ଭରଣା ଭଳି ଅତିରିକ୍ତ ଶୁଳ୍କ ଆଦାୟକୁ ବେଆଇନ ବୋଲି କହିଛନ୍ତି। ଗ୍ରାହକ ସୁରକ୍ଷା ଆଇନ-୨୦୧୯ ଅନୁସାରେ ଏହିଭଳି କାର୍ଯ୍ୟକୁ ଅସାଧୁ ବୋଲି ଦର୍ଶାଯାଇଛି। ସର୍ଭିସ୍ ଚାର୍ଜ ସମ୍ପର୍କିତ ନିର୍ଦ୍ଦେଶାବଳୀକୁ ଏଡ଼ାଇବା ପାଇଁ ଏଭଳି ଚାର୍ଜଗୁଡ଼ିକ ପୂର୍ବ ନିର୍ଦ୍ଧାରିତ ଭାବେ ଲଗାଯାଉଥିବା ଲକ୍ଷ୍ୟକରି ପ୍ରାଧିକରଣ ଗ୍ରାହକ ସୁରକ୍ଷା ଆଇନ ୨୦୧୯ର ଧାରା ୧୦ ଅନୁଯାୟୀ ଏକ ନୂଆ ପରାମର୍ଶାବଳୀ ଜାରି କରିଛନ୍ତି। ଏଭଳି କୌଣସି ଚାର୍ଜ ସ୍ୱଚାଳିତ ଭାବେ ଲଗାଇଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଜାତୀୟ ଗ୍ରାହକ ହେଲ୍ପଲାଇନରେ ପ୍ରାପ୍ତ ଅଭିଯୋଗ ଏବଂ ଗଣମାଧ୍ୟମର ରିପୋର୍ଟକୁ ଆଧାରକରି ସିସିପିଏ ଏହି ଦୃଢ଼ ନିର୍ଦ୍ଦେଶାବଳୀ ଜାରି କରିଛନ୍ତି। ସିସିପିଏ ଲକ୍ଷ୍ୟ କରିଛି ଯେ, କେତେକ ହୋଟେଲ ଏବଂ ରେଷ୍ଟୁରାଣ୍ଟ ମେନୁରେ ଦର୍ଶାଯାଇଥିବା ଖାଦ୍ୟ ଓ ପାନୀୟର ମୂଲ୍ୟ ଏବଂ ପ୍ରଯୁଜ୍ୟ ଟିକସ ବ୍ୟତୀତ ଗ୍ରାହକ ବିଲରେ ପୂର୍ବ ନିର୍ଦ୍ଧାରିତ ଭାବେ ଏଭଳି ଚାର୍ଜ ଆଦାୟ କରୁଛନ୍ତି। ଏଲ୍‌ପିଜି ଚାର୍ଜ କିମ୍ବା ସେହିଭଳି ଅନ୍ୟ କିଛି ଚାର୍ଜ ଆଦାୟ କରିବାକୁ ଆଇନର ପ୍ରାବଧାନକୁ ଏଡାଇବାର ପ୍ରୟାସ ବୋଲି କହିଛି ସିସିପିଏ। ଇନ୍ଧନ, ଏଲ୍‌ପିଜି, ବିଦ୍ୟୁତ୍ ଏବଂ ଅନ୍ୟାନ୍ୟ ପରିଚାଳନାଗତ ଖର୍ଚ୍ଚ ହେଉଛି ବ୍ୟବସାୟ ଚଳାଇବା ପାଇଁ ଲାଗୁଥିବା ଖର୍ଚ୍ଚର ଗୋଟିଏ ଗୋଟିଏ ଅଂଶବିଶେଷ ଏବଂ ଏହାକୁ ମେନୁରେ ଥିବା ସାମଗ୍ରୀର ମୂଲ୍ୟ ନିର୍ଦ୍ଧାରଣରେ ଅନ୍ତର୍ଭୁକ୍ତ କରାଯିବା ଉଚିତ। ପୃଥକ ବାଧ୍ୟତାମୂଳକ ଚାର୍ଜ ମାଧ୍ୟମରେ ଏଭଳି ଖର୍ଚ୍ଚ ଆଦାୟ କରିବା ଆଇନର ଧାରା ୨(୪୭) ଅନୁଯାୟୀ ଅସାଧୁ ବ୍ୟାପାର ହୋଇଥାଏ। କୌଣସି ହୋଟେଲ କିମ୍ବା ରେଷ୍ଟୁରାଣ୍ଟ ବିଲରେ ପୂର୍ବ ନିର୍ଦ୍ଧାରିତ କିମ୍ବା ସ୍ୱୟଂଚାଳିତ ଭାବରେ ଏଲ୍‌ପିଜି ଚାର୍ଜ, ଗ୍ୟାସ୍ ଚାର୍ଜ କିମ୍ବା ସେହିଭଳି ଚାର୍ଜ ଆଦାୟ କରିପାରିବେ ନାହିଁ। ଗ୍ରାହକମାନଙ୍କୁ କୌଣସି ଅତିରିକ୍ତ ଚାର୍ଜ ଦେବା ପାଇଁ ବିଭ୍ରାନ୍ତ କିମ୍ବା ବାଧ କରାଯିବ ନାହିଁ, ଯାହା ସ୍ୱେଚ୍ଛାକୃତ ନୁହେଁ। ଯେଉଁ ଗ୍ରାହକମାନେ ଏଭଳି ସମସ୍ୟାର ସମ୍ମୁଖୀନ ହେଉଛନ୍ତି, ସେମାନେ ବିଲ୍‌ରୁ ସେହି ଚାର୍ଜ ହଟାଇବା ପାଇଁ ହୋଟେଲ କିମ୍ବା ରେଷ୍ଟୁରାଣ୍ଟକୁ ଅନୁରୋଧ କରିବେ। ୧୯୧୫ ନମ୍ବରରେ କଲ୍ କରି କିମ୍ବା ଜାତୀୟ ଖାଉଟି ସହାୟତା ମୋବାଇଲ ଆପ ମାଧ୍ୟମରେ ନ୍ୟାସନାଲ କନ୍‌ଜ୍ୟୁମର ହେଲ୍‌ପଲାଇନରେ ଅଭିଯୋଗ କରନ୍ତୁ। ଇ-ଜାଗୃତି ପୋର୍ଟାଲ ମାଧ୍ୟମରେ ସମ୍ପୃକ୍ତ ଗ୍ରାହକ କମିଶନଙ୍କ ନିକଟରେ ଅଭିଯୋଗ କରିପାରିବେ। ନଚେତ ଜିଲ୍ଲା ମାଜିଷ୍ଟ୍ରେଟ କିମ୍ବା ସିସିପିଏଙ୍କ ନିକଟରେ ଅଭିଯୋଗ ଦାଖଲ କରିପାରିବେ।

# ସଂଶୋଧିତ ଉଡ଼ାନ ଯୋଜନା ପାଇଁ ୨୮,୮୪୦ କୋଟି

ଭୁବନେଶ୍ୱର,୨୫।୩(ଅନୁରାଧା ମହାରଣା)

